ଧରିତ୍ରୀ 51 Years
ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Monday, September 22/2025 Page 16 ₹ 7.00 | RAYAGADA
୫୧ଶ ଭାଗ ୨୯୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 298 ମୂଲ୍ୟ₹୭/-




Hero
125M
CELEBRATING
125 MILLION CUSTOMERS
ଦି ଅଲ୍ ନ୍ୟୁ
GLAMOUR X
ଗ୍ଲାମର୍ X
ଇଣ୍ଡିଆର ସର୍ବାଧିକ ଫ୍ୟୁଚରିଷ୍ଟିକ 125cc
ଦ୍ୱାରା ପରିଚାଳିତ
AERA TECH
START
ରାଇଡ୍ ବାଏ ୱାୟାର
3 ରାଇଡ୍ ମୋଡ୍
*ସେଗମେଣ୍ଟରେ ପ୍ରଥମ
ଜରୁରୀକାଳୀନ ବ୍ରେକ୍ ସତର୍କତା
*ସେଗମେଣ୍ଟରେ ପ୍ରଥମ
RES +
SET -
ସ୍ୱୟଂଚାଳିତ ବେଗ ନିୟନ୍ତ୍ରଣ
*ସେଗମେଣ୍ଟରେ ପ୍ରଥମ
ପୁରୁଣା ଏକ୍ସ ଶୋ-ରୁମ | GST ଫାଇଦା | ନୂଆ ଏକ୍ସ ଶୋ-ରୁମ
ଆରମ୍ଭ ₹91,999# ରୁ | ₹7,191 | ଆରମ୍ଭ ₹84,808# ରୁ
ଡାଉନ୍ ପେମେଣ୍ଟ
₹1,999^
ରୁ ଆରମ୍ଭ
ଦିନ ପିଚ୍ଛା
ଇଏମଆଇ
₹79^
ଟଙ୍କାରୁ ଆରମ୍ଭ
ତତକ୍ଷଣାତ୍ ରିହାତି
₹10,000^
ଟଙ୍କା ପର୍ଯ୍ୟନ୍ତ
HDFC BANK
FESTIVE TREATS
କ୍ରେଡିଟ୍ କାର୍ଡ
Powered by pine labs
ଅଧିକ ଜାଣିବା ପାଇଁ ସ୍କାନ କରନ୍ତୁ
INDIA'S FIRST
5 YEAR WARRANTY
*Conditions apply
Hero GoodLife
Stand a chance to win
100% Cashback
24 Carat Gold Coin
and many more assured benefits^
Also available on
Flipkart
amazon.in
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. 125M is as per the cumulative dispatch number till Aug 2025. *Based on the data available in the public forum for products in 125cc Motorcycle segment. AERA Tech is Advanced Electronic Ride Assist Technology. ^Finance offer is at the sole discretion of the financier, subject to its respective T&Cs. Available at select dealerships. #Ex-showroom price of Glamour X Drum variant in Bhubaneshwar.
ଟୋଲ ଫ୍ରି ନମ୍ବର
1800 266 0018
Authorised Dealers: Jeypore: Supreme Hero, Ph: 9289922183, , Raygada: Ajit Hero, Ph: 9289922819 Associate Dealers: Laxmipur:Tarini Motors-7205862853, Semiliguda:K P Enterprises-9437233464, Nabarangpur:Arun Sales & Service-9437174795, Gunpur:M/s Sai Sharan Automobiles-9437234012 Malkangiri:Kanishka Automobiles-9437181980, Kotpad:Shai Automobiles-7205593156, Umerkote:Bharat Sales-9937455659/9777765563, Kalimela:Laxminiyati Motors-9861002055, Bissam cuttack:Patnaik Motors-7008615208, Muniguda:Sandeep Automobiles, Ph-9668388730, Raighar: Raj Laxmi Auto- 9777563641, Koraput: Santosh Tyres- 9438021999.
FCB INTERFACE/8486/SEP25/ORIYA

ଧରିତ୍ରୀ
51 Years
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫ | Bhubaneswar, Monday, September 22/2025 | ପୃଷ୍ଠା-୧

# ଜିଏସ୍‌ଟି ସଂସ୍କାର ବିକାଶକୁ ତ୍ୱରାନ୍ୱିତ କରିବ

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ବିଦେଶୀ ସାମଗ୍ରୀ ବ୍ୟବହାର ବନ୍ଦ କରି 'ସ୍ୱଦେଶୀ' ଆପଣାଇବାକୁ ରବିବାର ପରାମର୍ଶ ଦେଇଛନ୍ତି। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ନୂଆ ହାର ଲାଗୁ ହେବାର ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ଜାତିଉଦ୍ଦେଶ୍ୟରେ ସମ୍ବୋଧିତ କରି କହିଛନ୍ତି, ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଭାରତର ବିକାଶ କାହାଣୀକୁ ତ୍ୱରାନ୍ୱିତ କରିବ। ଏହା ବିଜ୍‌ନେସରେ ସହଜତା ଆଣିବା ସହ ଅଧିକରୁ ଅଧିକ ନିବେଶକଙ୍କୁ ଆକର୍ଷିତ କରିବ। ଏତିକି ନୁହେଁ, ଏକ ମଜଭୁତ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ ଏହି ପ୍ରୟାସ ସହାୟକ ହେବ ବୋଲି ସେ ମତ ରଖିଛନ୍ତି।**

## ସ୍ୱଦେଶୀ ଆପଣାଇବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

### ଆଜିଠୁ ଶସ୍ତା ହେବ ୩୭୫ ସାମଗ୍ରୀ






**ନୂଆଦିଲ୍ଲୀ,୨୧।୯(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶବାସୀଙ୍କୁ ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି, ସୋମବାର ନବରାତ୍ରିର ପ୍ରଥମ ଦିବସ। ଏହି ଦିନଠାରୁ ଏକ 'ଜିଏସ୍‌ଟି ସଞ୍ଚୟ ଉତ୍ସବ' ଆରମ୍ଭ ହେବ। ଅଧିକାଂଶ ଲୋକଙ୍କ ପାଇଁ ଆୟକର ଛାଡ଼ ସହ ଏହା ଡବଲ ଲାଭ ହେବାକୁ ଯାଉଛି। ବିକାଶ ଦୌଡ଼ରେ ସବୁ ରାଜ୍ୟ ସମାନ ଭାବେ ସହଭାଗୀ ହେବେ। ରାଜ୍ୟଗୁଡ଼ିକ ସ୍ୱଦେଶୀ ଅଭିଯାନକୁ ଧ୍ୟାନଦେଇ 'ଆତ୍ମନିର୍ଭର ଭାରତ' ପାଇଁ ବିନିର୍ମାଣକୁ ଗତିଶୀଳ କରାନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଜୋର୍ ଦେଇଛନ୍ତି। ନବରାତ୍ରିର ପ୍ରଥମ ଦିନ ଆତ୍ମନିର୍ଭରଶୀଳ ଭାରତ ପାଇଁ ନୂତନ ସୂର୍ଯ୍ୟୋଦୟ ହେବାକୁ ଯାଉଥିବା ମୋଦି କହିଛନ୍ତି। ଆପଣମାନେ ନିଜ ପସନ୍ଦର ସାମଗ୍ରୀ ଆହୁରି ସହଜରେ କିଣିବାକୁ ସମର୍ଥ ହେବେ। ଗରିବ, ମଧ୍ୟବିତ୍ତ ଓ ନବ-ମଧ୍ୟବିତ୍ତ, ଯୁବ, କୃଷକ, ମହିଳା, ବ୍ୟବସାୟୀ ଏବଂ ଦୋକାନୀମାନେ ଏଥିରୁ ଲାଭାନ୍ୱିତ ହେବେ। ଚଳିତ ପାର୍ବଣ ଋତୁରେ ସମସ୍ତଙ୍କ ଖୁସି ବଢ଼ିବ। ନୂଆ ଜିଏସ୍‌ଟିକୁ ନେଇ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ ଏଭଳି ସମୟରେ ଆସିଛି, ଯେତେବେଳେ କି ଆମେରିକାର ଉଚ୍ଚ ଟାରିଫ୍ ଯୋଗୁ ବିଶ୍ୱର ସର୍ବବୃହତ୍ ଅର୍ଥନୀତିକୁ ଭାରତୀୟ ସାମଗ୍ରୀ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଜରିମାନା କଷିବା ପରଠୁ ମୋଦି ସ୍ୱଦେଶୀ ସାମଗ୍ରୀ ଆପଣାଇବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଇଆସୁଛନ୍ତି। ଦୀପାବଳି ପୂର୍ବରୁ ଜିଏସ୍‌ଟି ସଂସ୍କାର ଜରିଆରେ ଘରୋଇ ଉପଭୋକ୍ତାଙ୍କ କ୍ରୟଶକ୍ତି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ପୂର୍ବରୁ ସଙ୍କେତ ଦେଇଥିବାବେଳେ ସେପ୍ଟେମ୍ବର ୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୫୬ତମ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଟିକସର ପୂର୍ବ ବ୍ୟବସ୍ଥାକୁ ଉଚ୍ଛେଦ କରି ୫% ଓ ୧୮% ଦୁଇଟି ସ୍ଲାବ୍ ପ୍ରଚଳନ ପାଇଁ ସହମତି ପ୍ରକାଶ ପାଇଥିଲା। ଏହାବାଦ୍ ତମାଖୁ ଓ ସୌଖୀନ ସାମଗ୍ରୀଗୁଡ଼ିକ ଉପରେ ୪୦% ଜିଏସ୍‌ଟି ବସାଇବାକୁ ନିଷ୍ପତ୍ତି ହୋଇଥିଲା, ଯାହାକି ସୋମବାରଠାରୁ ଲାଗୁ ହେବ। ଏହି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଉପରୋକ୍ତ ପରାମର୍ଶ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଭାରତ ୨୦୧୭ରେ ଜିଏସ୍‌ଟି ସଂସ୍କାର କ୍ଷେତ୍ରରେ ଏକ ପଦକ୍ଷେପ ନେଇଥିଲା। ଇତିହାସ ରଚିବା ପାଇଁ ନୂଆ ଅଧ୍ୟାୟମାରମ୍ଭ ହୋଇଥିଲା। ପୂର୍ବରୁ ଟିକସ ଜାଲ ଉଭୟ ବ୍ୟବସାୟୀ ଓ ଉପଭୋକ୍ତାଙ୍କ ପାଇଁ କଠିନ ପରିସ୍ଥିତି ଉପୁଜାଇଥିବାବେଳେ ଜିଏସ୍‌ଟି ଏହାକୁ ଦୂର କରି 'ଏକ ଦେଶ ଏକ ଟିକସ' ସ୍ୱପ୍ନକୁ ସାକାର କରିଛି। ସେହିପରି ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ଼ ଏବଂ ଜିଏସ୍‌ଟି ସଂସ୍କାର ଗରିବ, ମଧ୍ୟବିତ୍ତ ଓ ନୂଆ ମଧ୍ୟବିତ୍ତଙ୍କ ପାଇଁ ଏକ 'ଦୋହରା ଲାଭ' ପାଲଟିଛି। ଏଥିରୁ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ମଧ୍ୟ ବଡ଼ ଲାଭ ମିଳିବାକୁ ଯାଉଛି। ଦେଶବାସୀ ସ୍ୱଦେଶୀ ସାମଗ୍ରୀ ବିକିବା ଓ କିଣିବାରେ ଗର୍ବ ଅନୁଭବ କରିବା ଉଚିତ। ସ୍ୱଦେଶୀ ଆନ୍ଦୋଳନ ଯୋଗୁ ଦେଶର ସ୍ୱାଧୀନତାକୁ ଯେପରି ବଳ ମିଳିଥିଲା, ଠିକ୍ ସେହିପରି 'ସ୍ୱଦେଶୀ' ମନ୍ତ୍ର ଦ୍ୱାରା ଭାରତର ସମୃଦ୍ଧି ଆହୁରି ସଶକ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ରୋଷେଇ ଘର ସାମଗ୍ରୀଠାରୁ ନେଇ ବୈଦ୍ୟୁତିକ ଉପକରଣ, ଔଷଧଠୁ ଅଟୋମୋବାଇଲ ଯାଏ ଜିଏସ୍‌ଟି ଦର ହ୍ରାସ ଯୋଗୁ ସୋମବାରଠାରୁ ୩୭୫ ଆଇଟମ୍ ଶସ୍ତା ହେବ। ଏହି ସାମଗ୍ରୀଗୁଡ଼ିକ ମଧ୍ୟରେ ରହିଛି ଘିଅ, ପନିର, ଲହୁଣି, ନମ୍‌କିନ୍, କେଚ୍‌ଅପ୍, ଜାମ୍, ଡ୍ରାଏ ଫ୍ରୁଟ୍, କଫି, ଟିଭି, ଏସି ଏବଂ ୱାଶିଂମେଶିନ୍।

**ଦେଶବ୍ୟାପୀ 'ଜିଏସ୍‌ଟି ସଞ୍ଚୟ ଉତ୍ସବ'**

- ନବରାତ୍ରିର ପ୍ରଥମ ଦିନରୁ (ସୋମବାରଠାରୁ) ସାରା ଦେଶରେ 'ଜିଏସ୍‌ଟି ସଞ୍ଚୟ ଉତ୍ସବ' ପାଳନ କରାଯିବ। ଏହି ଅବସରରେ ଦେଶ 'ଆତ୍ମନିର୍ଭରଶୀଳ ଭାରତ' ଦିଗରେ ଏକ ନୂଆ ପଦକ୍ଷେପ ନେବାକୁ ଯାଉଛି।
- ଜିଏସ୍‌ଟି ସଂସ୍କାର ନିବେଶ ବୃଦ୍ଧି ସହ ଲୋକଙ୍କ ସଞ୍ଚୟ ଓ ସୁଖସମୃଦ୍ଧି ବୃଦ୍ଧି ଘଟାଇବ। ଏହା ଭାରତର ବିକାଶ କାହାଣୀକୁ ଅଧିକ ଗତିଶୀଳ କରାଇବ।
- ଆୟକର ଛାଡ଼ ସୀମା ବୃଦ୍ଧି ସହ ଜିଏସ୍‌ଟି ସଂସ୍କାର ଦେଶବାସୀଙ୍କୁ ୨.୫ ଲକ୍ଷ କୋଟି ଟଙ୍କା ସଞ୍ଚୟ କରିବାରେ ସହାୟକ ହେବ।
- ଗରିବ, ମଧ୍ୟବିତ୍ତ ଓ ନବ-ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ଏହା ଡବଲ ବୋନାଞ୍ଜା ସଦୃଶ। ଏହି ସବୁ ସଂସ୍କାର 'ନାଗରିକ ଦେବୋ ଭବଃ' ମନ୍ତ୍ରକୁ ପ୍ରତିଫଳିତ କରୁଛି।
- ଏମ୍‌ଏସ୍‌ଏମ୍‌ଇଠାରୁ ଅନେକ ଆଶା ଆକାଂକ୍ଷା ରହିଛି। ଭାରତ ସମୃଦ୍ଧିର ଶୀର୍ଷକୁ ଛୁଇଁବାର ଆଧାରଶୀଳା ହେଉଛି ଏମ୍‌ଏସ୍‌ଏମ୍‌ଇ, ଯାହାକୁ ପୁନଃ ହାସଲ କରିବାର ଆବଶ୍ୟକତା ରହିଛି।

# ବାଣ ଗୋଦାମରେ ବିସ୍ଫୋରଣ: ଉଡ଼ିଲା ଛାତ



ବାଣ ବିସ୍ଫୋରଣ ପରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଗୋଦାମ ଘର ।

- **ଦିବ୍ୟାଙ୍ଗ ମୃତ, ୧୨ ଗୁରୁତର**
- **କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ**
- **ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀଙ୍କ ତଦନ୍ତ**

**ବୌଦ୍ଧ/ହରଭଙ୍ଗା,୨୧।୯(ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଜିଆକଟା ଗ୍ରାମରେ ରବିବାର ଏକ ବାଣ ଗୋଦାମରେ ବିସ୍ଫୋରଣ ହେବା ଯୋଗୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲକ୍ଷ୍ମୀଧର ବେହେରା(୪୨)। ଏହି ଦୁର୍ଘଟଣାରେ ୧୨ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପୁରୁଣାକଟକ ବଜାର ଥରି ଉଠିଥିଲାବେଳେ ବାଣ ଗୋଦାମ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ଏଥିସହ ଆଖପାଖ ଘରଗୁଡିକରେ ମଧ୍ୟ ☞ପୃଷ୍ଠା-୨

# ଘରେ ପଶି ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

**ଆନନ୍ଦପୁର,୨୧।୯ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ସୁନ୍ଦୁରିଆ ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଶନିବାର ରାତିରେ ଜଣେ ଦୁର୍ବୃତ୍ତ ଘରେ ପଶି ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଜଗବନ୍ଧୁ ଦେଓଗାମ। ଏ ନେଇ ମୃତକଙ୍କ ସ୍ତ୍ରୀ ତୁଳସୀ ଦେଓଗାମଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୪୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଜଗବନ୍ଧୁ ଏବଂ ତୁଳସୀ ଶନିବାର ରାତିରେ ଖାଇ ପିଇ ଘରେ ଶୋଇଥିଲେ। ଅନ୍ୟ ଏକ ଘରେ ତାଙ୍କ ଝିଅ ଶୋଇଥିଲେ। ରାତି ପାଖାପାଖି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଏଚ୍‌୧ବି ଭିଜା



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀଶ୍ରୀ ମହାବୀର ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପ୍ରାଙ୍ଗଣ, ନୂଆସାହି, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ସୈନିକ ସ୍କୁଲ୍ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ ପକ୍ଷରୁ ଧାରଣା, ସ୍ଥାନ: ଚନ୍ଦକା ଶିଳ୍ପାଞ୍ଚଳସ୍ଥ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସର୍ବ ଭାରତୀୟ ମହିଳା ସାଂସ୍କୃତିକ ସଂଗଠନ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଭୁଲା ଦିନର ଓଡ଼ିଆ ଚଳଚ୍ଚିତ୍ର ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ତିଗିରିଆ-ଆଠଗଡ ଭାଜପା ପକ୍ଷରୁ ପ୍ରସନ୍ନମଣିଙ୍କ ମନ୍ଦିର ପରିସର ସଫେଇ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫଳବଣ୍ଟନ, ସ୍ଥାନ: ମନ୍ଦିର ପରିସର ଓ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ନିଜିଗଡ, ତିଗିରିଆ, ସମୟ: ସକାଳ ୭ଟା ୩୦।
- ତିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏମ୍‌ବିକେ ଓ ସିଆରପିଙ୍କ ତରଫରୁ ତାଲା ବନ୍ଦ ଆନ୍ଦୋଳନ, ସ୍ଥାନ: ତିଗିରିଆ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନୂଆପାଟଣାରେ ଦୁର୍ଗାପୂଜା ପାଇଁ ନଅ ମୌଜା ଶାନ୍ତି କମିଟି ବୈଠକ, ସ୍ଥାନ: ନୂଆପାଟଣା ନୋଡାଲ ଉପ୍ରା ବିଦ୍ୟାଳୟ, ତିଗିରିଆ,ସମୟ: ଅପରାହ୍ନ ୪ଟା ।

## ବାଲେଶ୍ୱର

- ରକ୍ତଦାନ ଶିବିର,ସ୍ଥାନ:ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ବାଲିଆପାଳ, ସମୟ:ପୂର୍ବାହ୍ନ ୧୦ଟା।
- ମହିଳା ଗୋଷ୍ଠୀଙ୍କ ୫ ଦିନିଆ ଗଣଧାରଣା ଆରମ୍ଭ,ସ୍ଥାନ:ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖ, ଖଇରା,ସମୟ:ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବ୍ଲକ ପରିସର, ବାହାନଗା.ସମୟ:ପୂର୍ବାହ୍ନ ୧୦ଟା।
- ସିଆର୍‌ପିଙ୍କ ବିକ୍ଷୋଭ,ସ୍ଥାନ:ଭୋଗରାଇ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତମାଖୁ ବର୍ଜନ ସଚେତନତା କର୍ମଶାଳା,ସ୍ଥାନ:ଡ. ଯଦୁନାଥ ମହାବିଦ୍ୟାଳୟ, ରସାଳପୁର, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- କାଞ୍ଚନ ଗଣେଶ ଭସାଣି, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ୮୩ତମ ଶହୀଦ ଦିବସ ପାଳନ, ସ୍ଥାନ: ଶହୀଦନଗର, ଧାମନଗର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ହାଟଡ଼ିହୀ ବ୍ଲକ୍, ଛେନାପଦି, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ଶସକ୍ତ ପରିବାର ଅଭିଯାନ, ସ୍ଥାନ: ପାଟଣା ମୁଖ୍ୟାଳୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ମା' ବାମନ ଦେବୀଙ୍କ ନବରାତ୍ର ପୂଜା, ସ୍ଥାନ: ବ୍ରହ୍ମାପଲ୍ଲୀ, ସମୟ: ସକାଳ ୮ଟା।
- ବୁଢ଼ୀ ଠାକୁରାଣୀଙ୍କ ନବରାତ୍ର ପୂଜା, ସ୍ଥାନ: ହଳଦିଆପଦର, ସମୟ: ସକାଳ ୮ଟା।
- ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଜକର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଓଡ଼ିଶା କୃଷକ ସଭାର ଅଷ୍ଟାଦଶ ଗଞ୍ଜାମ ଜିଲା ସମ୍ମିଳନୀ ସ୍ଥାନ: ଦିଗପହଣ୍ଡି ସ୍ଥିତ ଗୁଣ୍ଡିଚା ମନ୍ଦିର ଛକ, ସମୟ: ଅପରାହ୍ନ ୪ ଟା।

## କନ୍ଧମାଳ

- ନବରାତ୍ରି ଉପଲକ୍ଷେ କଳସ ଯାତ୍ରା ଓ ପୂଜା ଆରମ୍ଭ. ସ୍ଥାନ: ବାଲିଗୁଡ଼ା ମା'ପାଟଖଣ୍ଡା ମନ୍ଦିର ପରିସର, ସମୟ: ସକାଳ ୯ ଟା ୩୦ ।
- ହରିହର ପୀଠରେ ନବଦିନାତ୍ମକ ପୂଜା, ସ୍ଥାନ : କ.ନୂଆଗାଁ କନ୍ଧମାଳ, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡାହାଡ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ନି ନିରାପତ୍ତା ସଚେତନତା, ସ୍ଥାନ: ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନାଉଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପାରାଦୀପ ବିଶ୍ୱକର୍ମା ପୂଜା ମଣ୍ଡପ ପାଇଁ ପୌରପରିଷଦ ପକ୍ଷରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ପୌରସୂଚନା ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ-ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଷୋଡଶ ଦିବସୀୟ ପୂଜାର ନବମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ୬ଷ୍ଠ ଦିବସ, ସ୍ଥାନ:ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯ଟା୩୦।
- ନାରାୟଣୀଙ୍କ ଷୋଡଶ ପୂଜାର ନବମ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଷୋଡଶ ଦିବସୀୟ ପୂଜାର ନବମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିମଳାଙ୍କ ଷୋଡଶ ପୂଜାର ନବମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବିଷମକଟକ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଜିପିଏଲଏଫ୍ କର୍ମୀ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ଏବଂ ଗୁଡାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କର ନବରଙ୍ଗପୁର ଭିଜିଲାନ୍ସ ଅଧିକାରୀଙ୍କ ସହିତ ଆଲୋଚନା, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଅଟୋ ମୋବାଇଲ ଗ୍ୟାରେଜ ଆସୋସିଏଶନର ରକ୍ତଦାନ ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ ରାସ୍ତା, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ରାଜପୁଟ,ସେମିଳିଗୁଡ଼ା ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କସନ୍ଦି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ସଚେତନତା, ସ୍ଥାନ: ଭୁଷାଙ୍ଗଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ଭୈରବୀ ଖଣ୍ଡା ଉତ୍ସବ, ସ୍ଥାନ: ନନ୍ଦପୁର ରାଜଦାଣ୍ଡ, ସମୟ: ଅପରାହ୍ନ ୩ଟା।
- ଦଶହରା ପାଳନ ନେଇ ନନ୍ଦପୁର ପୋଲିସ, ପ୍ରଶାସନର ପ୍ରସ୍ତୁତି ବୈଠକ, ସ୍ଥାନ: ନନ୍ଦପୁର ଥାନା ପରିସର, ସମୟ: ଅପରାହ୍ନ ୪ଟା।
- ଜିଲାରେ ମାଛ ଚାଷ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।
- ମା'ମାଉଲିଙ୍କ ଦଶହରା ଲାଠି ସ୍ଥାପନ, ସ୍ଥାନ: କୋଟପାଡ଼ ବଡ଼ଦାଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ମା 'ନବରାତ୍ରୀଙ୍କ ପୂଜା ନିମନ୍ତେ କଳସଯାତ୍ରା, ପୂଜାକାର୍ଯ୍ୟ ଆରମ୍ଭ, ସ୍ଥାନ: ବାଲିମେଳା ସହରର ନୂତନ ବସଷ୍ଟାଣ୍ଡ ନିକଟ, ସମୟ: ସକାଳ ୮ଟା।
- ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ, ସ୍ଥାନ: ବାଲିମେଳା ଜଳବିଦ୍ୟୁତ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ମା' ସମଲେଇଙ୍କ ଧବଳମୁଖି ବେଶ ଦର୍ଶନ ନୀତି, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଦଶହରା ମାନସିକ ଦୀପ ପ୍ରଜ୍ୱଳନ, ସ୍ଥାନ: ସମଲେଇ ମନ୍ଦିର ପରିସରସ୍ଥ ଦୀପ ଘର, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ମାନସୀକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ, ସ୍ଥାନ: ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନାକଟିଦେଉଳ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ଶୁକ୍ରଙ୍କ ପ୍ରଭାବରେ ବିଳାସ ଉପକରଣ ଓ ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଫେରି ପାଇବେ। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ ତଥା ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବୃଷ** ଧନାଧିପତି କୋଣଭାବରେ ରହିଥିବାରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସାଙ୍ଗକୁ ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** ସମସ୍ତ ପ୍ରକାରର ସୁବିଧାଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡ଼ିପାରେ। ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିପାରେ। ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ମଉକା ଜୁଟିପାରେ। ପ୍ରତିଯୋଗିତାମୂଳକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ।

**କର୍କଟ** ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହୋଇ ହଠାତ୍ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ। ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ହେତୁ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ସିଂହ** ପ୍ରତିକୂଳ ପରିସ୍ଥିତି ଯୋଗୁ ଇଚ୍ଛା ଥିଲେ ମଧ୍ୟ କେତେକ କାମ କରିବା ଦିଗରେ ପଛେଇ ଯାଇପାରନ୍ତି। ଜମିଜମା, ଆରକ୍ଷୀ ମାମଲା ତଥା ବହୁତ ଦିନରୁ ଖୋଜୁଥିବା ଜିନିଷ ପ୍ରାପ୍ତି ହେବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ପ୍ରକଟ କରିପାରନ୍ତି।

**କନ୍ୟା** ଆଜି ଏକାଧାରରେ ଅର୍ଥ, ସମ୍ମାନ ଲାଭ ସାଙ୍ଗକୁ ବନ୍ଧୁଙ୍କ ଆତିଥ୍ୟ ଗ୍ରହଣ କରିବେ। କେତେକ ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାର ଆଶଙ୍କା ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ପରକଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା** ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ। କର୍ମକ୍ଷେତ୍ରରେ ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଅଶାନ୍ତିର କାରଣ ହୋଇପାରେ।

**ବିଛା** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଖଳଲୋକଙ୍କ ପ୍ରରୋଚନାରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରିବାକୁ ବାଧ୍ୟ ହେବେ। ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା ପ୍ରଭୃତି କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରେ। ଆଜି ଆପଣ ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବାରୁ ସାଙ୍ଗସାଥୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇପାରେ। ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** ନିଜଲୋକଙ୍କ ପରିବର୍ତ୍ତିତ ଚିନ୍ତାଧାରା ଓ ବନ୍ଧୁଙ୍କ ସମର୍ଥନ ସହାୟକ ହୋଇପାରିବ। ମନ ଚାହୁଁ ନ ଥିଲେ ମଧ୍ୟ ଘର ପାଇଁ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରରେ ପିଲାଙ୍କ କ୍ଷେତ୍ରରେ ଅବହେଳା କରି ଅନୁତାପ କରିପାରନ୍ତି

**କୁମ୍ଭ** କର୍ମକ୍ଷେତ୍ରର ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାର ପ୍ରୟାସ କରି ସଫଳତା ପାଇବେ।। ଆର୍ଥିକ ସ୍ଥିତି ଦୁର୍ବଳ ରହିବାରୁ ବିକଳ୍ପ ଚିନ୍ତା ଓ ବ୍ୟବସ୍ଥା କରିବାକୁ ପଡ଼ିପାରେ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** ସଫଳତା ପ୍ରଚ୍ଛନ୍ନ ଭାବରେ ଲୁକ୍କାୟିତ ହୋଇଥିବାରୁ ପରୋକ୍ଷଭାବରେ ସହାୟତା ପାଇପାରିବେ। ପରିବାରରେ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ନିଜ ପରିସରରେ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ।

ଆଜି ସେପ୍ଟେମ୍ବର ୨୨ ତାରିଖ, ଆଶ୍ୱିନ ଶୁକ୍ଳ ପ୍ରତିପଦା ସୋମବାର, ନବରାତ୍ର ବା ନବଦିନ ପକ୍ଷ ଆରମ୍ଭ, ଶ୍ରୀବିରଜାଦେବୀଙ୍କ ରଥଯାତ୍ରା, ଶ୍ରୀମନ୍ଦିରରେ ଶ୍ରୀଦୁର୍ଗାମାଧବ ବାହାର ବିଜେ, (ଆଜିଠାରୁ ସାତ ଦିନ ପର୍ଯ୍ୟନ୍ତ ଶରତ ଗୁଣ୍ଡିଚା)। ରାଶିନକ୍ଷତ୍ର-ଦିବା ଘ.୧୧.୨୪ ମି. ପର୍ଯ୍ୟନ୍ତ ଉତ୍ତରାଫାଲଗୁନୀ/କନ୍ୟା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୯ ଗତେ ଘ.୦୭.୦୯ ମଧ୍ୟେ, ଘ.୦୮.୫୧ ଗତେ ଘ.୧୧.୧୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୯ ଗତେ ଘ.୦୮.୩୯ ମଧ୍ୟେ ରାହୁ କାଳ।

# ରାଜ୍ୟରେ ୭ଦିନ ଲଗାଣ ବର୍ଷା

ଭୁବନେଶ୍ୱର, ୨୧।୯ (ବନ୍ଦନା ସେଠୀ)

ଏବେ ମ୍ୟାନ୍‌ମାର ଏବଂ ଦକ୍ଷିଣ ବାଂଲାଦେଶ ଉପକୂଳ ସଂଲଗ୍ନ ଉତ୍ତରପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ସମୁଦ୍ର ପତ୍ତନଠାରୁ ୫.୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏକ ଲଘୁଚାପକ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ଲଗାଣ ବର୍ଷା ସହ ଉତ୍ତର ଓଡ଼ିଶାରେ ଅତିପ୍ରବଳ ବର୍ଷା ହେବାନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ୨୫ ତାରିଖ ବେଳକୁ ପୂର୍ବ କେନ୍ଦ୍ରୀୟ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହିତ ୨୬ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରୁ ଉତ୍ତର ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଡିପ୍ରେସନ୍ ବା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଏହି ଅବପାତ ୨୭ ତାରିଖରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ମଧ୍ୟଦେଇ ଅତିକ୍ରମ କରିବା ନେଇ ଆକଳନ କରାଯାଉଛି। ସେହିପରି ଅକ୍ଟୋବର ୧ରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆକଳନ କରାଯାଇଥିବା ବେଳେ ଏହାର ପ୍ରଭାବରେ ୭ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହିତ ବିଜୁଳି ଘଡ଼ଘଡ଼ି ହେବା ନେଇ ସତର୍କ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେ ଲୋକ ପାଇକ ସାଜେ
ତା ମୁଣ୍ଡେ ଠେଙ୍ଗା ବାଜେ।**

ସାଧାରଣତଃ ପରିବାରର ବା କୌଣସି ଅନୁଷ୍ଠାନର ନେତୃତ୍ୱ ନେଉଥିବା ବ୍ୟକ୍ତିକୁ ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥାଏ। ନେତୃସ୍ଥାନୀୟ ବ୍ୟକ୍ତି ଯେହେତୁ ସକଳ ଦାୟିତ୍ୱ ସମ୍ଭାଳିଥାନ୍ତି ତେଣୁ କୌଣସି କିଛି ଅପ୍ରୀତିକର ଘଟଣା ପାଇଁ ସେମାନେ ଉତ୍ତରଦାୟୀ ହେବାକୁ ବାଧ ହୋଇଥାନ୍ତି। ଅଘଟଣ ବା ଭୁଲ ପାଇଁ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ମୁଣ୍ଡରେ ସବୁ ଦୋଷ ଲଦି ଦିଆଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହା ବାପ ଚଢ଼େ ଘୋଡ଼ା
ତା' ପୁଅ ଥୋଡ଼ା ଥୋଡ଼ା।**

ବଂଶର ଗୁଣ ଅନୁସାରେ ସନ୍ତାନର ଗୁଣ ମଧ୍ୟ ପ୍ରସ୍ଫୁଟିତ ହୋଇଥାଏ। କୂଳ ଅନୁସାରେ ଗୁଣ ଫୁଟି ଉଠେ। କଥାରେ ଅଛି ଛାଟ ଘର ପିଲା ଛାଟ, ଭାଟ ଘର ପିଲା ଭାଟ। ପିତା ବା ପୂର୍ବପୁରୁଷ ଯେଉଁ ଗୁଣ ଓ ପ୍ରତିଭାର ଅଧିକାରୀ ହୋଇଥାନ୍ତି ତାଙ୍କ ସନ୍ତାନ ଉତ୍ତରାଧିକାର ସୂତ୍ରରେ ସେଇ ଗୁଣ ଓ ପ୍ରତିଭାର ଅଂଶୀଦାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନୂଆପଡ଼ାର ସର୍ବାଙ୍ଗୀନ ବିକାଶ ମୋ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ ନୂଆପଡ଼ା,୨୧।୯
(ରବିନାରାୟଣ ଜେନା/ମକାରୁ ବେମାଲ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ନୂଆପଡାକୁ ଥରେ କି ଦୁଇଥର ନୁହେଁ, ବାରମ୍ବାର ଆସିବି। ନୂଆପଡାର ସର୍ବାଙ୍ଗୀନ ବିକାଶ ହିଁ ମୋର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆପଡ଼ା ଜିଲା ଖରିଆର ରୋଡ ଏଫ୍‌ସିଆଇ ଗୋଦାମ ପରିସର ପଡିଆଠାରେ ରବିବାର ପୂର୍ବତନ ମନ୍ତ୍ରୀ ତଥା ବିଧାୟତ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ଜିଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଥିଲେ ଯେ, ନୂଆପଡ଼ା ଜିଲା ଭୁବନେଶ୍ୱରରୁ ବହୁ ଦୂରରେ ଥିଲେ ମଧ୍ୟ ମୋ ଫୋକସ୍‌ରେ ରହିଛି। ତେଣୁ ଜିଲାକୁ ବାରମ୍ବାର ଆସି ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟା କରିବି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂଆପଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥାଇ ପାରନ୍ତି କିନ୍ତୁ ତାଙ୍କର କେହି ରାଜନୈତିକ ଶତ୍ରୁ ନ ଥିଲେ। ତାଙ୍କର ବିୟୋଗରେ ନୂଆପଡ଼ା ତଥା ଓଡ଼ିଶା ଜଣେ ସୁଦକ୍ଷ ଦରଦୀ ରାଜନେତାଙ୍କୁ ହରାଇଲା ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୧୯ରେ ଢ଼ୋଲକିଆଙ୍କୁ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ମିଳିଥିଲା। ତାଙ୍କର ଲୋକପ୍ରିୟତା କେବଳ ନୂଆପଡା ଜିଲା ନୁହେଁ, ସାରା ରାଜ୍ୟରେ ରହିଛି। ସେ ନୂଆପଡା ଜିଲାର ବିକାଶର ବିନ୍ଧାଣି ଥିଲେ। ତାଙ୍କ ସହିତ ୨୦୦୭, ୨୦୧୯ ଓ ୨୦୨୪ରେ ବିଧାୟକ ଭାବରେ ମିଶି କାର୍ଯ୍ୟ କରିବାର ସୁଯୋଗ ପାଇଥିଲି। ଶେଷରେ ସେ ଆମକୁ ଶୋକସାଗରରେ ଭସାଇ ଚାଲିଗଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ, ଢୋଲକିଆ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ଗରିବ, ଅସହାୟମାନଙ୍କ ସେବା କରୁଥିଲେ । ଛୋଟ ପିଲାମାନଙ୍କୁ କ୍ରିକେଟ ବ୍ୟାଟ, ଫୁଟ୍‌ବଲ, ଭଲିବଲ ଭଳି ଖେଳ ସାମଗ୍ରୀ ପ୍ରଦାନ କରୁଥିବାରୁ ଛୋଟ ପିଲାମାନେ ସ୍ନେହରେ ତାଙ୍କୁ ରାଜୁ ଭାଇ ଡାକୁଥିଲେ ବୋଲି କହିଥିଲେ।

ରାଜୁ ଭାଇ ଭାବେ ପରିଚିତ ଢୋଲକିଆ ୧୯୯୭ ମସିହାରେ ରାଜନୀତି ମଇଦାନକୁ ଓହ୍ଲାଇ ୩ଥର ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷ ହୋଇଥିଲେ। ୨୦୦୪ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାୟକ ହୋଇଥିଲେ। ଏହା ପରଠାରୁ ଲଗାତାର ୩ଥର ବିଜେଡି ଟିକେଟରେ ବିଜୟୀ ହୋଇ ବିଧାୟକ ହୋଇଥିଲେ। ଏହି ସଭାରେ ବିଜୁ ଜନତା ଦଳର ବହୁ ବରିଷ୍ଠ ନେତା ଯଥା ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଦେବୀ ପ୍ରସାଦ ମିଶ୍ର, ଅଧିରାଜ ମୋହନ ପାଣିଗ୍ରାହୀ, କଳିକେଶ ନାରାୟଣ ସିଂଦେଓ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ ଦିଶାରି, ରମେଶ ଚନ୍ଦ୍ର ମାଝି, ପୁଷ୍ପେନ୍ଦ୍ର ସିଂଦେଓ, ପ୍ରସନ୍ନ ଆଚାର୍ଯ୍ୟ, ଗୋବର୍ଦ୍ଧନ ଦାସ, ରଜନିକାନ୍ତ ସିଂ, ଲମ୍ବୋଦର ନିଆଲ, ଡଲି ମାଝି, ଅବନୀ ରଞ୍ଜନ ଯୋଶୀ, ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଢୋଲକିଆଙ୍କ ସ୍ମୃତିଚାରଣ କରିଥିଲେ ।

ସୂଚନାଯୋଗ୍ୟ ଯେ, ଏକ ସ୍ୱତନ୍ତ୍ର ବିମାନ ଯୋଗେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଆସି ଗୋଟମା ଉଡାଜାହାଜ ପଡିଆରେ ପହଞ୍ଚିବା ପରେ ଜିଲାପାଳ ମଧୁସୂଦନ ଦାଶ, ଜିଲା ଅରକ୍ଷୀ ଅଧୀକ୍ଷକ ଅମୃତ ପାଲ ସିଂ, ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଭାଜପା ଜିଲା ସଭାପତି କମଲେଶ ଦୀକ୍ଷିତ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ବାଣ ଗୋଦାମରେ ...

ଫାଟ ସୃଷ୍ଟି ହୋଇଥିବା ଜଣାପଡିଛି। ଖବର ପାଇ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁରୁଣାକଟକ ପୋଲିସ ବାଣ ରଖିଥିବା ଆଲୋକ କାଣ୍ଟିଙ୍କ ପୁରୁଣାକଟକସ୍ଥିତ ଘରେ ମଧ୍ୟ ରେଡ୍ କରିଛି। ଏପଟେ ମୃତାହତ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ।

ମିଳିଥିବା ସୂଚନା ଅନୁସାରେ, ପୁରୁଣାକଟକର ଆଲୋକ ଜିଆକଟା ଗ୍ରାମର ମାଗି ବେହେରାଙ୍କ ଏକ ଘରକୁ ଭଡ଼ାରେ ନେଇ ବାଣ ଗୋଦାମ କରି ଦୀର୍ଘଦିନ ହେବ ବ୍ୟବସାୟ କରିଆସୁଥିଲେ। ରବିବାର ପୂର୍ବାହ୍ନ ୧୧ଟା ବେଳେ କୌଣସି କାରଣରୁ ବାଣ ଗୋଦାମରେ ଅଗ୍ନିକାଣ୍ଡ ଘଟି ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ବାଣ ଗୋଦାମଠାରୁ କିଛି ଦୂର ରାସ୍ତାରେ ଥିବା ଦିବ୍ୟାଙ୍ଗ ଲକ୍ଷ୍ମୀଧରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ବାଣ ଗୋଦାମ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ସେହିପରି ଗାଁ ଥରି ଉଠିବା ସହ ରାସ୍ତାରେ ଯାଉଥିବା ଶ୍ରୀମନ୍ତ ବାଘ, ଅନନ୍ତ ବେହେରା, ଶାନ୍ତି ବାଘ, ମୋହନ ବେହେରା, କୁମୁଦିନୀ ବେହେରା, ଖଗେଶ୍ୱର ବେହେରା, ପ୍ରବାସୀ ବେହେରା, ଚନ୍ଦ୍ରିକା ବେହେରା, ରେଖା ବେହେରା, ଭଗବାନ ବେହେରା, ଦେବେନ୍ଦ୍ର ବେହେରା ପ୍ରମୁଖ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ଗୁରୁତରମାନଙ୍କୁ ଉଦ୍ଧାର କରି ପୁରୁଣାକଟକ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଫୁଲବାଣୀ ଏବଂ ୬ଜଣଙ୍କୁ ବୌଦ୍ଧ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୪ଜଣ ପୁରୁଣାକଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ବିନୟ କୁମାର ଭୋଇ, ହରଭଙ୍ଗା ତହସିଲଦାର ବଳଦେବ ବେହେରା ଓ ପୁରୁଣାକଟକ ପୋଲିସ, ଆଇଆର୍‌ବି ଯବାନ, ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉଦ୍ଧାର କାର୍ଯ୍ୟ କରିଥିଲେ। ପୋଲିସ ପକ୍ଷରୁ ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ସାହାଯ୍ୟରେ ମଧ୍ୟ ତଦନ୍ତ କରାଯାଇଥିଲା। ତେବେ ବାଣ ଥିବା ଗୋଦାମ ସଂଲଗ୍ନ ଅନ୍ୟ ଘର ଗୁଡିକରେ କିଛି ଫେରିବାଲା ଭଡାରେ ରହୁଥିବା ବେଳେ ସେମାନଙ୍କର କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ଏହି ଘଟଣାର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ କ୍ଷତିପୂରଣ ଦାବିରେ ମୃତାହତଙ୍କ ପରିବାର ଓ ଗ୍ରାମବାସୀ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ିମୋଟର ଅଟକି ରହିଥିଲା। ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦିଆଯିବା ପ୍ରତିଶ୍ରୁତି ମିଳିବାରୁ ଦୀର୍ଘ ତିନି ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂଙ୍କୁ ପଚାରିବାରୁ ବାଣ ବିସ୍ଫୋରଣ ଘଟଣାରେ ବର୍ତ୍ତମାନ ପୋଲିସର ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି।

### ଘରେ ପଶି ସ୍ତ୍ରୀ ଆଗରେ ...

୧୨ଟା ୩୦ ସମୟରେ ଦୁର୍ବୃତ୍ତ ଅଧାଗଡ଼ା କାନ୍ଥ ଡେଇଁ ଘରେ ପଶିଥିଲେ। ପରେ ଜଗବନ୍ଧୁଙ୍କ ଜଙ୍ଘକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଅନ୍ଧାର ହେତୁ ଆକ୍ରମଣକାରୀଙ୍କୁ ସେମାନେ ଚିହ୍ନି ପାରି ନ ଥିଲେ। ପରିବାରଲୋକେ ଜଗବନ୍ଧୁଙ୍କୁ ତୁରନ୍ତ ଏକ ଗାଡ଼ିରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରବଳ ରକ୍ତସ୍ରାବ ଘଟି ତାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ତେବେ ପୂର୍ବରୁ କୌଣସି କାରଣକୁ ନେଇ ଜଗବନ୍ଧୁଙ୍କ ସହ ତାଙ୍କର ଜଣେ ପୁତୁରାଙ୍କ ଝଗଡ଼ା ହୋଇଥିଲା। ହତ୍ୟାକାଣ୍ଡରେ ତାଙ୍କର ହାତ ଥାଇପାରେ ବୋଲି ଜଗବନ୍ଧୁଙ୍କ ଝିଅ ପୂଜାରାଣୀ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।

# ୨୭ରେ ଝାରସୁଗୁଡ଼ା ଆସିବେ ପ୍ରଧାନମନ୍ତ୍ରୀ

## କ୍ଷେତ୍ର ପରିଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ, ଭାଜପା ରାଜ୍ୟ ସଭାପତି

ଝାରସୁଗୁଡ଼ା,୨୧।୯(ଆଶିଷ ରଞ୍ଜନ ଦାଶ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ରେ ଝାରସୁଗୁଡ଼ା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ସେ ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ହେବାକୁ ଥିବା ସର୍ବ ଭାରତୀୟ ଯୁବ ସମାବେଶରେ ଯୋଗଦେଇ ଯୁବ ସମାଜକୁ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଓ କାର୍ଯ୍ୟକ୍ରମ ସଫଳ କରିବା ନିମନ୍ତେ ରବିବାର ସକାଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ କୁନାଲ ମୋତିରାମ ଚୌହାନ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଅମଲିପାଲିଠାରେ ଥିବା ରିଜର୍ଭ ପଡିଆରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପଡ଼ିଆରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ମନ୍ତ୍ରୀ ପୂଜାରୀ, ବିଧାୟକ ତ୍ରିପାଠୀ, ଜିଲାପାଳ ଏବଂ ଏସ୍‌ପି ଅନ୍ୟ ୨ଟି ପଡିଆ ବୁଲି ଦେଖିଥିଲେ। ତେବେ ରିଜର୍ଭ ପଡିଆରେ କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଛି।

ସେହିପରି ସନ୍ଧ୍ୟାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ଭାଜପା ନେତା ମାନସ ମହାନ୍ତି, ସୀମାଞ୍ଚଳ ଖଟେଇ ରିଜର୍ଭ ପଡ଼ିଆରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଭାଜପା ଟିମ୍ ସହିତ ଏସ୍‌ପିଜିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଭାଜପା ରାଜ୍ୟ ସଭାପତି ସାମଲ କହିଛନ୍ତି, ଆସନ୍ତା ୨୭ରେ ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ବିମାନବନ୍ଦର ପଡ଼ିଆରେ ସର୍ବ ଭାରତୀୟ ଯୁବ ସମାବେଶ କାର୍ଯ୍ୟକ୍ରମ ହେବାର ଥିଲା। ଏଥିରେ ପ୍ରଧାନମନ୍ତ୍ରୀ ମୋଦି ଯୋଗ ଦେବା ପାଇଁ ସ୍ଥିର ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଡିଜିପି ଓ ମନ୍ତ୍ରୀ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ହେଲେ ଖରାପ ପାଗ ଯୋଗୁ ଉକ୍ତ କାର୍ଯ୍ୟକ୍ରମ ପାଇଁ ସ୍ଥାନ ପରିବର୍ତ୍ତନ କରାଯାଇଛି। ଝାରସୁଗୁଡ଼ାର ଅମଲିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଏହି କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ପ୍ରଧାନମନ୍ତ୍ରୀ ମୋଦି ଯୋଗଦେଇ ଯୁବକଙ୍କ ପାଇଁ କିଛି ବଡ଼ ଘୋଷଣା କରିପାରନ୍ତି।


ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଡଙ୍ଗାରେ ବଜ୍ରପାତ: ବାପ ମୃତ, ପୁଅ ନିଖୋଜ

## ବନ ବିଭାଗ, ସାମୁଦ୍ରିକ ପୋଲିସ ଡଙ୍ଗା ଉଦ୍ଧାର କଲା

ମହାକାଳପଡ଼ା,୨୧।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ତନ୍ତିଆପାଳ ଗ୍ରାମର ବିଜୟ ପରିଡ଼ା (୪୭) ପୁଅ ସହିତ ସମୁଦ୍ରକୁ ଡଙ୍ଗା ନେଇ ଶନିବାର ମାଛ ଧରିବାକୁ ଯାଇଥିଲେ। ଏହି ସମୟରେ ଅପରାହ୍ନରେ ସମୁଦ୍ର ମଝିରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଡଙ୍ଗାରେ ଥିବା ବାପ ବିଜୟଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ମାନସ (୧୭) ଛିଟିକି ସମୁଦ୍ରରେ ପଡ଼ି ନିଖୋଜ ହୋଇଯାଇଥିବା ନିକଟରେ ଥିବା ଟ୍ରଲର ଅନ୍ୟ ମତ୍ସ୍ୟଜୀବୀମାନଙ୍କୁ ଜଣାଇଥିଲେ। ସେମାନେ ତାଙ୍କ ଗାଁକୁ ଖବର ଦେଇଥିଲେ। ବିଜୟଙ୍କ ଛାତି ଓ ହାତରେ ବଜ୍ରପାତରେ ପୋଡ଼ିଗଲା ଭଳି କଳାଦାଗ ରହିଛି। ଖବରପାଇ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ବନ ବିଭାଗର କର୍ମଚାରୀ ଓ ତନ୍ତିଆପାଳ ସାମୁଦ୍ରିକ ଥାନା ପୋଲିସ ସମୁଦ୍ରକୂଳ ପେଣ୍ଠ ନିକଟରୁ ଡଙ୍ଗାକୁ ଉଦ୍ଧାର କରି ତନ୍ତିଆପାଳ ମତ୍ସ୍ୟଜେଟୀରେ ପହଞ୍ଚିଛି। ବିଜୟଙ୍କ ମୃତ୍ୟୁ ପରେ ପରିବାରର ସ୍ତ୍ରୀ ଆଶାଙ୍କ ଆଖିରୁ ଲୁହ ଶୁଖୁନି। ୨ଟି ଛୋଟ ଝିଅ, ପୁଅଙ୍କୁ ନେଇ ସଂସାର କେମିତି ଚଳିବ କିଛି ବୁଦ୍ଧି ବାଟ ଦେଖାଯାଉନାହିଁ। ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (୧୦/୨୫) ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ବୋଲି ଆଇଆଇସି କିଶୋର କୁମାର ତରାଇ କହିଛନ୍ତି।




# କ୍ଷେତରେ ମଜୁରିଆଙ୍କୁ ଦଳିଦେଲା ହାତୀ

## କପାଚାଷରେ ଔଷଧ ସିଞ୍ଚନ କରିବାକୁ ଯାଇଥିଲେ

ମୁରିବାହାଲ,୨୧।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବନାଞ୍ଚଳ ଅଧୀନ ଖଲିଆପାଲି ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। କ୍ଷେତରେ ଔଷଧ ଛିଞ୍ଚନ କରିବାକୁ ଯାଇଥିବା ବେଳେ ବଣୁଆ ହାତୀ ଦଳି ଦେବାରୁ ଜଣେ ମଜୁରିଆଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖଲିଆପାଲି ଗ୍ରାମର ସତ୍ୟ ଦେଓ( ୫୩)।

ପ୍ରକାଶ ଯେ, ଖଲିଆପାଲି ଗ୍ରାମର ଭଗବାନ ପଧାନ କପାଚାଷ କରିଥିଲେ। ସେହି ଗାଁର ସତ୍ୟଙ୍କ ସହିତ ଅନ୍ୟ ଦୁଇ ଜଣ ମଜୁରିଆ ସକାଳେ ୯ଟାରେ ଭଗବାନଙ୍କ କପାଚାଷରେ ଔଷଧ ଛିଞ୍ଚନ କରିବାକୁ ଯାଇଥିଲେ। ସେହି ସମୟରେ ୧୩ ଟିକିଆ ହାତୀପଲ ହଠାତ କ୍ଷେତକୁ ଆସିଯିବାରୁ ୨ ଜଣ ଶ୍ରମିକ ଦୌଡ଼ି ପଳାଇଥିଲେ। କିନ୍ତୁ ସତ୍ୟ ଯାଇପାରି ନ ଥିଲେ। ଫଳରେ ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ହାତୀପଲ ସତ୍ୟ ମୃତଦେହକୁ ପ୍ରାୟ ୫ ଘଣ୍ଟା ପର୍ଯ୍ୟନ୍ତ ଘେରି ରଖିଥିଲେ। ଖବର ପାଇ ମୁରିବାହାଲ ବନାଞ୍ଚଳ ଅଧିକାରୀ ଶିବ ପ୍ରସାଦ ନାଏକଙ୍କ ନେତୃତ୍ୱରେ ୧୦ ଜଣିଆ ଦଳ ପହଞ୍ଚି ଡ୍ରମ ସହାୟତାରେ ହାତୀପଲକୁ ଘଉଡ଼ାଇଥିଲେ। ଫଳରେ ହାତୀ ପଲ ଭଣ୍ଡାରବାଞ୍ଜି ଗ୍ରାମପଟକୁ ଚାଲିଯାଇଥିଲେ। ମୁରିବାହାଲ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୫) ରୁଜୁ କରାଯାଇଛି। ଅନ୍ୟପକ୍ଷରେ ଜଙ୍ଗଲ ବିଭାଗ ତରଫରୁ ମୃତକଙ୍କ ପରିବାରକୁ ଅନୁକମ୍ପା ସହାୟତା ରାଶି ୧୦ ଲକ୍ଷ ଟଙ୍କା ଦେବା ପାଇଁ ବନ ବିଭାଗ ତରଫରୁ ପ୍ରସ୍ତୁତି ଆରମ୍ଭ କରାଯାଇଥିବା ଜଣାପଡ଼ିଛି।

# ଦନ୍ତା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଚମ୍ପୁଆ/ଯୋଡ଼ା,୨୧।୯(ମହେଶ୍ୱର ଦାସ/ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ାପୋଖରୀ ଗ୍ରାମରେ ରବିବାର ଭୋର ସମୟରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ନରୋତ୍ତମ ମହାନ୍ତ (୬୫)। ସେ ଭୋର ପ୍ରାୟ ୫ଟା ସମୟରେ ଶୌଚ ହେବା ପାଇଁ ଯାଉଥିବା ସମୟରେ ରାସ୍ତାରେ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ବିଳମ୍ବ ହେବାରୁ ପୁଅ ପ୍ରଶାନ୍ତ ମହାନ୍ତ ତାଙ୍କୁ ଖୋଜିବାକୁ ଯାଇଥିଲେ। ଘରଠାରୁ ଅନତି ଦୂରରେ ନରୋତ୍ତମ ଅଚେତ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ଛାତି ଓ ଉକ୍ତ ସ୍ଥାନରେ ହାତୀର ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ପାଇଥିଲେ। ବନ ବିଭାଗ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚମ୍ପୁଆ ପୋଲିସ ଏକ ମାମଲା(ନଂ. ୪୬/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି।



"କେତେକ କହନ୍ତି– ଯୀଶୁଖ୍ରୀଷ୍ଟଙ୍କ ମୁଖ– ନିଃସୃତବାଣୀ କୁଆଡେ ଜାଲିଆତି କଥା ଏବଂ ଶ୍ରୀକୃଷ୍ଣ ମଧ କୁଆଡେ କବିଙ୍କର କଳ୍ପନା। ଆମ୍ଭେମାନେ କିନ୍ତୁ ଏହି ଜାଲିଆତି ପାଇଁ ଭଗବାନଙ୍କୁ କୃତଜ୍ଞତା ଜଣାଉଛୁ ଏବଂ କବି– କଳ୍ପନାକୁ ପ୍ରଣତି ଜଣାଉଛୁ। –ଶ୍ରୀଅରବିନ୍ଦ

-ଶ୍ରୀଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ, ଶ୍ରୀବିରଜାଦେବୀଙ୍କ ରଥଯାତ୍ରା



# ଏଚ୍‌୧ବି ଭିଜା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ବସାଇବା ପରେ ଏବେ ଏଚ୍‌୧ବି ଭିଜା ଦେୟ ଅସମ୍ଭବ ସ୍ତର ଯାଏ ବଢ଼ାଇ ବିଦେଶ ଯାଇ ଅର୍ଥ ଅର୍ଜନ କରିବାକୁ ଚାହୁଁଥିବା ଭାରତୀୟଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛନ୍ତି। ଆମେରିକାକୁ ରୋଜଗାର ପାଇଁ ଯିବାକୁ ଥିବା ଭାରତୀୟଙ୍କୁ ଯେଉଁ କମ୍ପାନୀ ଡାକିକରି ନେଉଥିଲା, ସେହି ସଂସ୍ଥା ଏଚ୍‌୧ବି ଭିଜା ଦେୟ ବାବଦରେ ପୂର୍ବରୁ ୨ରୁ ୫ ହଜାର ଆମେରିକୀୟ ଡଲାର ଦେଉଥିଲା। ନୂଆ ନିୟମ ଅନୁଯାୟୀ ବାର୍ଷିକ ୧ ଲକ୍ଷ ଆମେରିକୀୟ ଡଲାର ବା (ଆଜିକା ଦରରେ) ପ୍ରାୟ ୮୮ ଲକ୍ଷ ଭାରତୀୟ ଟଙ୍କା ଦେବାକୁ ପଡ଼ିବ। ସେପ୍ଟେମ୍ବର ୨୧ ମଧ୍ୟରାତ୍ରରୁ ଏହାକୁ ଲାଗୁ କରାଯାଇଛି। ଏଚ୍‌୧ବି ଭିଜା ବିଷୟରେ କହିଲେ ଏହା ହେଉଛି ଆମେରିକାର ଏକ ଅସ୍ଥାୟୀ କାର୍ଯ୍ୟକାରୀ ଭିଜା। ସେଠାରେ କମ୍ପାନୀଗୁଡ଼ିକୁ ବିଦେଶୀ ଉଚ୍ଚଶିକ୍ଷିତ ବିଶେଷଜ୍ଞଙ୍କୁ ସ୍ପେସିଆଲିଟି ଅକ୍ୟୁପେଶନ ବା ବିଶେଷ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦେବାରେ ସାହାଯ୍ୟ କରିଥାଏ । ମୁଖ୍ୟତଃ ସୂଚନା ପ୍ରଯୁକ୍ତି (ଆଇଟି), ଇଞ୍ଜିନିୟରିଂ, ଡାକ୍ତରୀ, ଅର୍ଥ (ଫାଇନାନ୍ସ) ଆଦି କ୍ଷେତ୍ରରେ ବିଶେଷ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିମାନେ ଏଚ୍‌୧ବି ଭିଜାଧାରୀ ହୋଇଥାଆନ୍ତି। ପ୍ରତିଭାକୁ ଆକର୍ଷିତ କରି ଆମେରିକା ସର୍ବୋଚ୍ଚରେ ରହିଛି ବୋଲି ସମସ୍ତେ ଜାଣନ୍ତି। ଏହାବ୍ୟତୀତ ସେଠାରେ ଇଂଲିଶ ଭାଷାର ପ୍ରୟୋଗ ହେଉଥିବାରୁ ତାହା ଭାରତୀୟଙ୍କୁ ସୁହାଇଥାଏ। ଅର୍ଥନୀତିର ନିୟମ ଅନୁଯାୟୀ ଯେଉଁ ସାମଗ୍ରୀର ଚାହିଦା ଅଧିକ ରହିବ, ତାହାର ମୂଲ୍ୟ ବଢ଼ିବା ଧାର୍ଯ୍ୟ। ସ୍ଥିତି ଏମିତି ହୋଇଛି ଯେ ଆମେରିକା ପ୍ରତି ଅନେକେ ଆକୃଷ୍ଟ ହେଉଥିବାରୁ ଲଟେରି ମାଧ୍ୟମରେ ଏଚ୍‌୧ବି ଭିଜାଧାରୀ ଚୟନ ହୋଇଥାଆନ୍ତି। ତଥ୍ୟ ଅନୁଯାୟୀ ଆମେରିକା ବର୍ଷକୁ ୮୫ ହଜାର ଏଚ୍‌୧ବି ଭିଜା ଦେଇଥାଏ। ସେଥିରୁ ୭୧ ପ୍ରତିଶତ ଭିଜାଧାରୀ ଭାରତୀୟ। ଚାଇନା ୧୧.୭ ପ୍ରତିଶତ ଭିଜାଧାରୀଙ୍କୁ ନେଇ ଦ୍ୱିତୀୟରେ ଥିବା ବେଳେ ଫିଲିପାଇନ୍ସ ୧.୩ ପ୍ରତିଶତ, କାନାଡା ୧.୧, ଦକ୍ଷିଣ କୋରିଆ ୧ ପ୍ରତିଶତ ଓ ଅନ୍ୟାନ୍ୟ ଦେଶ ୧୩.୯ ପ୍ରତିଶତ ରହିଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ଟ୍ରମ୍ପଙ୍କ ଭିଜା ବୃଦ୍ଧିର ପ୍ରହାର ସର୍ବାଧିକ ଭାରତୀୟଙ୍କ ଉପରେ ପଡ଼ିବ।

ଖୁବ୍ ନିକଟ ଅତୀତରେ ଭାରତୀୟ ସାମଗ୍ରୀ ଉପରେ ପ୍ରଥମେ ୨୫ ପ୍ରତିଶତ ଟାରିଫ୍ ଲଗାଇଥିବା ରାଷ୍ଟ୍ରପତି ଟ୍ରମ୍ପ୍ ତାହାକୁ ଦ୍ୱିତୀୟ ଥର ବୃଦ୍ଧି କରି ମୋଟ ୫୦ ପ୍ରତିଶତକୁ ନେଇଯାଇଥିଲେ। ସେହି ପଦକ୍ଷେପରୁ ବୁଝିପାରିବା କଥା ଯେ ଟ୍ରମ୍ପଙ୍କ କ୍ରୋଧ ଭାରତୀୟଙ୍କ ଉପରେ ନ ଥାଇ କେବଳ ଭାରତୀୟ ନେତାମାନଙ୍କ ଅଖାଡୁଆ ବ୍ୟବହାର ଯୋଗୁ ଏହି ଦେଶର କ୍ଷତି ଘଟିଛି। ଟାରିଫ୍ ଲାଗୁ କରିବା ପୂର୍ବରୁ ଟ୍ରମ୍ପ୍ ପ୍ରଥମେ ତାଙ୍କର ବିରକ୍ତି ଭାବ ପ୍ରକାଶ କରିବାକୁ ଯାଇ କହିଥିଲେ ଯେ, ଭାରତ 'ଏକ ମୃତ ଅର୍ଥନୀତି'। ଭାରତ–ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ବିରତି ଆଣିବାରେ ତାଙ୍କର ଭୂମିକା ଥିଲା ବୋଲି ସେ ବାରମ୍ବାର ଦୋହରାଇଥିଲେ। ଭାରତ ତା'ର ଉତ୍ତର ଭାବେ ବାରମ୍ବାର ତାଙ୍କର ଏହି ଦାବିକୁ ଖଣ୍ଡନ କରିଚାଲିଲା। ନିଜର ଭାବମୂର୍ତ୍ତି ସୃଷ୍ଟି କରିବା ପାଇଁ ହେଉ କିମ୍ବା ବାସ୍ତବତା, ଟ୍ରମ୍ପଙ୍କ ଏହି ଦାବି ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଏବେ ସାଧାରଣ ଲୋକ ବୁଝିପାରୁଥିବେ। ଗତ ସପ୍ତାହରେ ଅର୍ଥାତ୍ ୨୦ ସେପ୍ଟେମ୍ବରରେ ଟ୍ରମ୍ପ୍ ପୁନର୍ବାର ଭାରତ–ପାକିସ୍ତାନ ଯୁଦ୍ଧ ଅଟକାଇଥିଲେ ବୋଲି ସାଧାରଣରେ କହିଛନ୍ତି। ବୈଦେଶିକ ନୀତି ସୃଷ୍ଟି କରୁଥିବା ଭାରତର କର୍ତ୍ତୃପକ୍ଷମାନେ ଟ୍ରମ୍ପଙ୍କ ଚରିତ୍ରକୁ ବୁଝି କାର୍ଯ୍ୟ କରିବାର ଥିଲା। ତାଙ୍କର ଏହି ଯୁଦ୍ଧବିରତି ଦାବିକୁ ଖଣ୍ଡନ କିମ୍ବା ସମର୍ଥନ ନ କରି ନୀରବ ରହିଥିଲେ ସମ୍ଭବତଃ ଭାରତ ପାଇଁ ଏକ ନୂଆ ବାଟ ଫିଟିପାରିଥାନ୍ତା। ଏଠାରେ ୟୁରୋପୀୟ ସଂଘ ଓ ଚାଇନାକୁ ଦେଖାଯାଉ। ଟ୍ରମ୍ପ୍ ୟୁରୋପୀୟ ସଂଘ ଉପରେ ରୁଷିଆକୁ ଏକଘରିଆ କରିବା ପାଇଁ ଯେତେ ଚାପ ପକାଉଥିଲେ ମଧ୍ୟ ସଦସ୍ୟ ଦେଶଗୁଡ଼ିକ ଏପଟସେପଟ କରି ସ୍ଥିତିକୁ ସମ୍ଭାଳି ନେବାର ଲକ୍ଷ୍ୟ କରାଯାଉଛି। ସେହିପରି ଚାଇନା ପ୍ରବଳମାତ୍ରାରେ ରୁଷିଆଠାରୁ ତେଲ କିଣୁଥିବା ସତ୍ତ୍ୱେ ଟ୍ରମ୍ପଙ୍କୁ ବିଭିନ୍ନ ଭାବରେ ଆଉଁସି ରଖିପାରିଛି ବୋଲି ତା'ର ସାମଗ୍ରୀ ଉପରେ ଟାରିଫ୍ ଭାରତ ତୁଳନାରେ କମ୍ ରହିଛି।

ଏଭଳି ପ୍ରଚ୍ଛଦପଟ୍ଟରେ ଭାରତକୁ ତା'ର ପୂର୍ବ ତ୍ରୁଟିଗୁଡ଼ିକୁ ସ୍ୱୀକାର କରି ଭବିଷ୍ୟତ ପାଇଁ ରାସ୍ତା ସୃଷ୍ଟି କରିବାକୁ ହେବ। ଅନେକ ଭାରତୀୟ ଯେଉଁମାନେ ଆମେରିକାରେ ଚାକିରି କରୁଛନ୍ତି, ସେମାନେ ବାଧ୍ୟ ହୋଇ ସ୍ୱଦେଶ ଫେରିବେ। ସେମାନଙ୍କ ସମେତ ଅନ୍ୟ ଯୋଗ୍ୟ ଭାରତୀୟ ଯୁବଶକ୍ତିକୁ ଭାରତରେ ଅବସ୍ଥାପିତ କରିବା ପାଇଁ ନୀତି ଓ ଭିତ୍ତିଭୂମି ସୃଷ୍ଟି କରିବାକୁ ହେବ। ନୀତି ତିଆରି କରିବା ସହଜ ହୋଇପାରେ। କିନ୍ତୁ ଭିତ୍ତିଭୂମି ସୃଷ୍ଟି କରିବା ଭାରତ ପାଇଁ ଏକପ୍ରକାର ଅସମ୍ଭବ। କାରଣ ଏହିସବୁ ନୂତନ 'କଟିଂ ଏଜ୍' ବା ଅତ୍ୟାଧୁନିକ ଏଆଇ ଗବେଷଣା ଓ ଉନ୍ନତି କରିବା ପାଇଁ ଯେଉଁ ପରିମାଣର ଜମି, ବିଦ୍ୟୁତ୍ ଶକ୍ତି, ଅର୍ଥ ଏବଂ ଜ୍ଞାନକୌଶଳର ଚାହିଦା ରହିବ ; ତାହା ପୂରଣ କରିବା ଭାରତ ପକ୍ଷେ ଅସମ୍ଭବ। ମନେରଖିବାକୁ ହେବ ଯେ, ବିଦେଶରେ ବିଶେଷକରି ଆମେରିକାର ଆଇଟି ଶିଳ୍ପରେ କାର୍ଯ୍ୟ କରୁଥିବା ଭାରତୀୟମାନେ ମଧ୍ୟସ୍ତରରେ ଅଧିକ ସଂଖ୍ୟକ ରହିଛନ୍ତି। ସେଥିପାଇଁ ସେମାନଙ୍କୁ ଅଭିନବତ୍ୱର ପନ୍ଥା ଦର୍ଶାଇବା ପାଇଁ ସେହିଭଳି ବୈଷୟିକ ନେତୃତ୍ୱର ଚାହିଦା ରହିବ, ଯାହା ଭାରତ ପାଖରେ ଏବେ ନାହିଁ। ଅନ୍ୟପଟେ ୟୁରୋପୀୟ ସଂଘ, ଅଷ୍ଟ୍ରେଲିଆ ଏବଂ କାନାଡାକୁ ଭାରତୀୟମାନେ ଯାଇପାରିଥାଆନ୍ତେ। ଏହି ସମୟରେ ୟୁରୋପୀୟ ସଂଘ ଓ ଅଷ୍ଟ୍ରେଲିଆରେ ପ୍ରବଳ ମାତ୍ରାରେ ଆପ୍ରବାସ ବିରୋଧୀ ସ୍ରୋତ ବହୁଛି। ତତ୍‌ସହିତ କାନାଡା ସହ ଭାରତ ସରକାର ଝଗଡ଼ା କରିବସିଛି, ଯାହାର କୁଫଳ ଏବେ ଭୋଗିବାକୁ ପଡ଼ିବ। ବର୍ତ୍ତମାନ ଭାରତୀୟଙ୍କ ପାଇଁ 'ଲୁକ୍ ଇଷ୍ଟ' ବା 'ପୂର୍ବକୁ ଦେଖ' ନୀତି ଆପଣାଇବାକୁ ହେବ। ଏହି ବର୍ଷ ଅଗଷ୍ଟରେ ଜାପାନ–ଭାରତ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯେଉଁଥିରେ ୫ ଲକ୍ଷ ଦକ୍ଷ ଶ୍ରମଶକ୍ତିର ଆଦାନପ୍ରଦାନ କଥା ରହିଥିଲା। ଏହିଭଳି ସମ୍ଭାବନା ଥିବା ହେତୁ ଏବେଠାରୁ ଭାରତୀୟମାନେ ହିନ୍ଦୀ ପରିବର୍ତ୍ତେ ଜାପାନିଜ୍ ଓ ଚାଇନାର ମାଣ୍ଡାରିନ ଭାଷା ଶିଖିଲେ ଅଧିକ ଅର୍ଥନୈତିକ ଲାଭ ପାଇପାରିବେ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | 3 | 5 | | | | |
| | | | | 7 | 9 | | | |
| | | | 2 | | | | 4 | |
| | 6 | | 4 | | | 5 | | 3 |
| | | 8 | 9 | | 6 | | | |
| | | | | | | | 7 | |
| 8 | | | | | | | 5 | |
| | | 9 | | | 3 | | | |
| 3 | 5 | 7 | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 5 | 6 | 8 | 9 | 3 | 1 | 7 |
| 9 | 7 | 6 | 4 | 3 | 1 | 5 | 2 | 8 |
| 3 | 1 | 8 | 2 | 7 | 5 | 9 | 4 | 6 |
| 6 | 8 | 4 | 9 | 1 | 7 | 2 | 3 | 5 |
| 5 | 2 | 1 | 3 | 4 | 8 | 6 | 7 | 9 |
| 7 | 3 | 9 | 5 | 2 | 6 | 1 | 8 | 4 |
| 1 | 9 | 7 | 8 | 5 | 3 | 4 | 6 | 2 |
| 4 | 6 | 3 | 7 | 9 | 2 | 8 | 5 | 1 |
| 8 | 5 | 2 | 1 | 6 | 4 | 7 | 9 | 3 |

ଗତକାଲିର ଉତ୍ତର


# ମାତୃଭାଷାର ସୁରକ୍ଷା



ବୈକୁଣ୍ଠନାଥ ମିଶ୍ର

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଯେତେବେଳେ ଶିକ୍ଷାର ବ୍ୟାପକ ପ୍ରସାର ଘଟି ନ ଥିଲା ଓ ସମାଜରେ ଅଳ୍ପ କେତେଜଣ ପାଠୁଆ ଲୋକଙ୍କୁ ଛାଡ଼ିଦେଲେ ଜନସଂଖ୍ୟାର ଏକ ସିଂହଭାଗ ଅପାଠୁଆ ଥିଲେ ସେହି ସମୟରେ ସରକାରୀ ଦପ୍ତରରେ ଯେଉଁ ଚିଠିପତ୍ର ଲେଖାଯାଉଥିଲା ତାହା କେବଳ ଇଂଲିଶ ଭାଷାରେ ଥିଲା। ଫଳରେ ଅପାଠୁଆ ଲୋକଟି ତା'ପାଖକୁ ଡାକଯୋଗେ ଆସୁଥିବା ଚିଠିଟି ଧରି ପାଠୁଆ ଲୋକର ସନ୍ଧାନରେ ବାହାରୁଥିଲା, ଯିଏ ତାକୁ ଚିଠିର ମର୍ମ ବୁଝାଇ ପାରିବ। କେତେକ କ୍ଷେତ୍ରରେ ଚିଠି ବୁଝିବା ସମ୍ଭବ ହେଲେ ମଧ୍ୟ ବହୁ କ୍ଷେତ୍ରରେ ତାକୁ ନିରାଶ ହେବାକୁ ପଡୁଥିଲା। ସାଧାରଣ ଲୋକର ଏ ଅସୁବିଧାକୁ ହୃଦୟଙ୍ଗମ କରିଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ। ଦ୍ୱିତୀୟତଃ ଇଂରେଜମାନେ ଏ ଦେଶ ଛାଡ଼ି ଚାଲିଗଲା ପରେ ଇଂଲିଶ ଭାଷାର ଗୁରୁତ୍ୱ ହ୍ରାସକରି ମାତୃଭାଷା ଓଡ଼ିଆକୁ ପ୍ରାଧାନ୍ୟଦେବା ଥିଲା ନବକୃଷ୍ଣଙ୍କର ଅଭିଳାଷ। ତାଙ୍କ ଉଦ୍ୟମରେ ପ୍ରଥମକରି ୧୯୫୪ ସେପ୍ଟେମ୍ବର ୮ରେ ଓଡ଼ିଆକୁ ସରକାରୀ ଭାଷାର ମାନ୍ୟତା ଦେବା ପାଇଁ 'ଭାଷା ସୁରକ୍ଷା ଆଇନ' ପ୍ରଣୀତ ହେଲା। ଜନସାଧାରଣଙ୍କ ମନରେ ଏକ ଆଶା ଉଜ୍ଜୀବିତ ହେଲା ଯେ ଏଣିକି ସରକାରୀ ଚିଠିପତ୍ର ଓଡ଼ିଆରେ ଆଦାନ ପ୍ରଦାନ ହେବ ଓ ସେଗୁଡ଼ିକୁ ବୁଝିବାରେ କୌଣସି ଅସୁବିଧା ହେବନାହିଁ। କିନ୍ତୁ ଅମଲାତାନ୍ତ୍ରିକ ଅଭିସନ୍ଧି ଓ ରାଜନୈତିକ କୂଟନୀତି ଯୋଗୁ ତାହା ନାଲିଫିତା ତଳେ ଚାପିହୋଇଗଲା।

୮୦ଦଶକରେ କଂଗ୍ରେସ ଶାସନ ସମୟରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଆକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ କରାଯିବାର ଆଉ ଏକ ଅଭିଯାନ ଆରମ୍ଭ ହେଲା। ଏପରିକି ଇଂଲିଶ୍ ଭାଷାର ବ୍ୟବହାରିକ ଭାଷାନ୍ତର ପାଇଁ ସ୍ୱତନ୍ତ୍ର ଶବ୍ଦକୋଷ ପ୍ରସ୍ତୁତିର ଉଦ୍ୟମ କରାଗଲା। କିନ୍ତୁ ଏପରି ଉଦ୍ୟମ କିଛିଦିନ ପରେ ଅକାମୀ ହୋଇଗଲା। ଏପରିକି କେତେଜଣ ପ୍ରଜ୍ଞାଶୀଳ ବ୍ୟକ୍ତି ଆଶଙ୍କା ପ୍ରକଟ କଲେ ଯେ ଇଂଲିଶ ଭାଷାର ସହାୟତା ବିନା ଓଡ଼ିଆ ଭାଷା ପ୍ରଚଳନ ସମ୍ଭବ ନୁହେଁ। ଉଦାହରଣ ସ୍ୱରୂପ ଗ୍ଲାସ୍, କପ୍, ଟେବୁଲ, କମ୍ପ୍ୟୁଟର, ଟିଭି, ବସ୍, କାର୍, ପେନ୍‌ସିଲ୍, ଶାର୍ଟ, ପ୍ୟାଣ୍ଟ, ଇଲେକ୍ଟ୍ରିକ୍ ବଲ୍‌ବ– ଏହିପରି ଆହୁରି ଅନେକ ଜିନିଷର ନାମକୁ ଓଡ଼ିଆରେ ପ୍ରକାଶ କରିହେବ ନାହିଁ। ଯଦିବା କରାଯାଏ, ଏହା ଇଂଲିଶ୍ ଶବ୍ଦଠାରୁ ଅଧିକ କଠିନ ଓ ଅବୋଧ୍ୟ ହେବ। ତେଣୁ ଏହାର ପ୍ରୟୋଗ ଅତ୍ୟନ୍ତ ଦୁର୍ବୋଧ୍ୟ ଏବଂ ଅସଙ୍ଗତ ହେବ। ଯଦି ସାଇକେଲକୁ ଓଡ଼ିଆ ଭାଷାରେ ଦ୍ୱିଚକ୍ର ଯାନ କୁହାଯାଏ ଏହା କେତେ ଅସଙ୍ଗତ ହେବ ତାହା ସହଜରେ ଅନୁମେୟ। କେତେଜଣ ବୁଦ୍ଧିଜୀବୀ ମତଦେଲେ ଯେ ଇଂଲିଶ ବିନା ଓଡ଼ିଆ ଭାଷା କଥନ,



ଲିଖନ ଓ ପଠନ ସମ୍ଭବ ନୁହେଁ। ସେମାନଙ୍କ ମତରେ ବିଶେଷ୍ୟ ପଦଗୁଡ଼ିକ ଇଂଲିଶରେ ଓ ବାକ୍ୟର ଅନ୍ୟ ଅଂଶକୁ ଓଡ଼ିଆରେ କୁହାଯାଇପାରିବ।

ଅତ୍ୟନ୍ତ ସୁଖର କଥା, ୨୦୧୪ ଫେବୃଆରୀ ୨୦ରେ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି। ସର୍ବଭାରତୀୟ ଭାଷାଗୁଡ଼ିକ ମଧ୍ୟରେ ଏହା ଥିଲା ଏକ ପୁରାତନ ଭାଷା ଓ ସଂସ୍କୃତ ଏହାର ଉତ୍ସ। ଇତିହାସ କହେ, ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଆର୍ଯ୍ୟ ଓ ଦ୍ରାବିଡ ଭାଷାର ଜନ୍ମ ସମୟ। କେନ୍ଦ୍ର ସରକାର ଉପରୋକ୍ତ ତଥ୍ୟକୁ ଗ୍ରହଣକରି ଏହାକୁ ଶାସ୍ତ୍ରୀୟତାରେ ବିମଣ୍ଡିତ କଲେ। ଆମ ପଡ଼ୋଶୀ ଦେଶ ବାଂଲାଦେଶରେ ବଙ୍ଗଳା ଭାଷା ସରକାରୀ ଭାଷାର ମାନ୍ୟତା ପାଇଛି। ସ୍ୱାଧୀନତା ପରେ ପରେ ୧୯୫୨ ଫେବୃଆରୀ ୨୧ ପୂର୍ବ ପାକିସ୍ତାନ(ଅଧୁନା ବାଂଲାଦେଶ)ର ଭାଷା ଆନ୍ଦୋଳନ ଏତେ ପ୍ରଭାବୀ ଥିଲା ଯେ ମିଳିତ ଜାତିସଂଘ ଫେବୃଆରୀ ୨୧କୁ ମାତୃଭାଷା ଦିବସର ମାନ୍ୟତା ଦେଲା। କିନ୍ତୁ ପରିତାପର କଥା ଯେ ଓଡ଼ିଆ ଭାଷା ଏତେ ପୁରାତନ ହୋଇ ମଧ୍ୟ ସରକାରୀ ଭାଷାର ମାନ୍ୟତା ପାଇପାରିନାହିଁ। ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ୨୦୧୬ ଅଗଷ୍ଟ ୧୬ଠାରୁ ଓଡ଼ିଆ ଭାଷାକୁ ପୁନର୍ବାର ସରକାରୀ ଭାଷା ରୂପେ ପ୍ରଚଳନ କରିବା ପାଇଁ ନିର୍ଦ୍ଦେଶନାମା ଜାରିହେଲା। କିନ୍ତୁ ଏହା ପୂର୍ବପରି ଦିଗହଜା ହେଲା।

ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଯେଉଁସବୁ ଘୋଷଣା କରାଗଲା, ତନ୍ମଧ୍ୟରେ ଓଡ଼ିଆ ଭାଷାର ସରକାରୀକରଣ ଅନ୍ୟତମ। ଜନସାଧାରଣ ଦୃଢ଼ତାର ସହ ଆସ୍ଥା ସ୍ଥାପନକଲେ ଯେ ଏଥର ଓଡ଼ିଆ ନିଶ୍ଚିତ ସରକାରୀ ଭାଷା ରୂପେ ପ୍ରଚଳିତ ହେବ। କିନ୍ତୁ ଆଜିର ସ୍ଥିତି ଯାହା ଏବେ ମଧ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଇଂଲିଶ ଭାଷାର ଆଧିପତ୍ୟ ରହିଛି। କେତେବେଳେ କେମିତି କାଁ ଭାଁ ହାତ ଗଣତି ଚିଠି ଓଡ଼ିଆରେ ଲେଖାଯାଉଛି ଯାହା ତ୍ରୁଟିଶୂନ୍ୟ ହୋଇପାରୁନାହିଁ। ଓଡ଼ିଆ ଭାଷାର ପ୍ରବୀଣ ବ୍ୟକ୍ତି ବିଶେଷଙ୍କୁ ଏହା ନୈରାଶ୍ୟ ମଧ୍ୟକୁ ଠେଲିଦେଉଛି। ନିକଟରେ ଜଣେ ଉଚ୍ଚ ପଦାଧିକାରୀଙ୍କର ଏକ ଚିଠି ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏଥିରେ ସବୁ ଓଡ଼ିଆ ଶବ୍ଦ ସହ ଲେଖାଥିଲା ଦୁଇଟି ଇଂଲିଶ ଶବ୍ଦ ଯଥା 'ଟ୍ରେଡ୍ ଲାଇସେନ୍ସ' ଓ 'ସାଇନ୍ ବୋର୍ଡ'। ଏ ଦୁଇଟି ଶବ୍ଦ ଅକ୍ଳେଶରେ ଓଡ଼ିଆ ଭାଷାରେ ପ୍ରକାଶ କରାଯାଇପାରିଥାନ୍ତା। ଏହାର ବହୁବିଧ କାରଣ ମଧ୍ୟରୁ ଗୋଟିଏ କାରଣ ହେଲା, ଅଧିକାଂଶ ବିଭାଗୀୟ ମୁଖ୍ୟ ଓଡ଼ିଆ ଭାଷା ଲିଖନ ଓ କଥନରେ ଦୁର୍ବଳ ହୋଇଥିବାରୁ ଓଡ଼ିଆକୁ ସରକାରୀ ଭାଷା ରୂପେ ପ୍ରଚଳନ କରିବାରେ ସେମାନେ ବୀତସ୍ପୃହ। ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର 'ପଞ୍ଚସଖା ସେତୁ' ପକ୍ଷରୁ ଜିଲା ଶିକ୍ଷାଧିକାରୀମାନଙ୍କୁ ଲେଖାଯାଇଥିବା ଚିଠି ଏତେ ତ୍ରୁଟିପୂର୍ଣ୍ଣ ଯେ ଏହାକୁ ପଢ଼ିଲେ ଲଜ୍ଜିତ ହେବାକୁ ପଡୁଛି। ଶିକ୍ଷା ବିଭାଗର ଚିଠି–ତାହା ପୁଣି ତ୍ରୁଟିଯୁକ୍ତ– ଏ କଥା ଭାବିଲା ବେଳକୁ ଓଡ଼ିଆ ଭାଷାର ସ୍ଥିତି ସହଜେ ଅନୁମେୟ। ବିଭାଗୀୟ ଦପ୍ତରରେ ଏତେ ଅଧିକାରୀ ଓ ବାବୁମାନଙ୍କ ଦୃଷ୍ଟିକୁ ଏସବୁ ଆସିପାରୁନାହିଁ କିପରି ?

ଆମ ପିଲାମାନଙ୍କର ଓଡ଼ିଆ ଭାଷା ଜ୍ଞାନ କ୍ରମେ ସଙ୍କୁଚିତ ହେଉଥିବା ଲକ୍ଷ୍ୟକରାଯାଉଛି। ଉଚ୍ଚଶ୍ରେଣୀର ପିଲାମାନେ ଠିକ୍ ଭାବେ ଓଡ଼ିଆ ଲେଖିବାରେ ଅସମର୍ଥ। ଇ–ଈ, ଉ–ଊ ଓ ଶ–ଷ–ସ ମଧ୍ୟରେ ଥିବା ପାର୍ଥକ୍ୟ, ଉଚ୍ଚାରଣଗତ ଭିନ୍ନତା ଓ ଠିକ୍ ଲିଖନ ପ୍ରକ୍ରିୟାରେ ବ୍ୟାପକ ଅସଙ୍ଗତି ଓଡ଼ିଆ ଭାଷାବିତ୍‌ମାନଙ୍କୁ ବ୍ୟଥିତ କରିଛି। ପିଲାମାନଙ୍କ ପଠନ ଲିଖନ ପ୍ରକ୍ରିୟା ଅତ୍ୟନ୍ତ ନୈରାଶ୍ୟଜନକ। ଶ୍ରୁତଲିଖନ ପ୍ରାଥମିକ ସ୍ତରରେ ପିଲାମାନଙ୍କୁ ଭାଷାଜ୍ଞାନରେ ସୁଦୃଢ଼ କରିଥାଏ। ହସ୍ତାକ୍ଷର ଖାତା ଲେଖିବାରେ ମଧ୍ୟ ଦୁଇଟି ଉପକାର ମିଳିଥାଏ। ପ୍ରଥମତଃ ବନାନ ଶୁଦ୍ଧି ଓ ଦ୍ୱିତୀୟତଃ ସୁନ୍ଦର ଅକ୍ଷର ଲେଖିବାର ପ୍ରଚେଷ୍ଟା। ଏସବୁ ଉପରେ ବିଦ୍ୟାଳୟ ସ୍ତରରେ ସେପରି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ପିଲାମାନେ ମାତୃଭାଷାରେ ଅତ୍ୟନ୍ତ ଦୁର୍ବଳ। ସେହି ପିଲାମାନେ ଯେତେବେଳେ ଉପର ଶ୍ରେଣୀକୁ ଯିବେ କିମ୍ବା ଶିକ୍ଷା ସମାପ୍ତି ପରେ ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନରେ କୌଣସି କାର୍ଯ୍ୟଭାର ଗ୍ରହଣ କରିବେ, ସେମାନେ କିପରି ଆମ ମାତୃଭାଷାର ସୁରକ୍ଷା ବହନ କରିପାରିବେ ? ଓଡ଼ିଆ ଭାଷାର ସାମୂହିକ ଦୁର୍ଗତି ଆମ ପୂର୍ବଜ ଶିକ୍ଷାବିତ୍‌ଙ୍କ ଅନ୍ତରାତ୍ମାକୁ ପୀଡ଼ା ଦେଉଥିବ। ସେମାନେ ସ୍ୱର୍ଗରେ ଥାଇ ହୁଏତ ଭାବୁଥିବେ ତାଙ୍କ ଉତ୍ତରପିଢ଼ି କେତେ ଅକୃତଜ୍ଞ। ନିଜ ମାତୃଭାଷାର ସୁରକ୍ଷାରେ ଯେଉଁ ଜାତି ଏତେ ଅପାରଗ ସେ କିପରି ଏ ଜାତିର ଭବିଷ୍ୟତ ସୁରକ୍ଷା ବହନ କରିପାରିବ ? ସେଦିନ ବ୍ୟାସକବିଙ୍କ ଲେଖନୀରୁ ଝରି ଆସିଥିଲା – ଦୁଇପଦ କବିତା।

ଭ୍ରମିଲି ବହୁ ଦେଶ ଦୂର– କାଞ୍ଚି କାମାକ୍ଷା କାନପୁର।
ପଢ଼ିଲି ନାନା ଦେଶ ଭାଷା–କାହିଁ ତ ନ ପୂରିଲା ଆଶା
ଦେଖିଲି ନାହିଁ ଘୂରି ଘୂରି– ମୋ ମାତୃଭାଷାର ମାଧୁରୀ
ହେଉ ପଛକେ ସେ ନିକୃଷ୍ଟ– ମୋ ମାତୃଭାଷା ମୋତେ ଶ୍ରେଷ୍ଠ।

ମାତୃଭୂମି ଓ ମାତୃଭାଷାକୁ ଶ୍ରେଷ୍ଠତା ପ୍ରଦାନ ପ୍ରତ୍ୟେକ ଜାତି ପକ୍ଷେ ସର୍ବାଦୌ ବାଞ୍ଛନୀୟ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ:୯୯୩୭୪୫୦୫୪୦

# 'ତାଳି' ବେଉସାର ମଣିଷ



ଗଣେଶ୍ୱର ନାୟକ

'ମାର୍ ତାଳି, ଉଠା ଥାଳି' କାହା ପାଇଁ ଏକ ସମ୍ମାନଜନକ ବୃତ୍ତି। କାହାର ପୁଣ୍ୟ ଅର୍ଜନର ମାଧ୍ୟମ। ମାନସିକ ଶାନ୍ତିର ଏକ ମାଧ୍ୟମ ବି କୁହାଯାଇପାରେ। ତାଳି, କଳାକାର ପ୍ରତି ସମ୍ମାନ। ଦର୍ଶକର 'ତାଳି' କଳାକାରର ଭାତ ଥାଳି ମଧ୍ୟ। ଏ କଥା କଳାକାରଟିଏ ସର୍ବସମ୍ମୁଖରେ ସମ୍ମାନର ଶ୍ରେଷ୍ଠ ଆଧାର ଭାବେ ପ୍ରକାଶ କରିଥାଏ। ନେତାଟିଏ ଭାଷଣ ଦେଲାବେଳେ ଚାହାନ୍ତି ତାଳି ଉପସ୍ଥିତ ଜନତାଠାରୁ। ଏପରିକି ସଭାମଞ୍ଚରେ, ନେତାଙ୍କ ପାଖଲୋକେ ଇସାରା କରନ୍ତି ତାଳି ମାରିବାକୁ। ତାଳି ଆନନ୍ଦ, ଉଲ୍ଲାସ, ସାବାସି ପ୍ରକାଶ କରିବାର ଏକ ମାଧ୍ୟମ।

ଆଉ ଏକ ତାଳି ପାଖରେ ଶୁଭିଲେ, ଯଦିଓ ସାଧାରଣ ତାଳିଠାରୁ ତାହାର ଶବ୍ଦ ଟିକେ ଅଲଗା ହୋଇପାରେ, ଆମେ ଚିହିଁକି ଉଠୁ, କାହା ମନରେ ବିକାର ସୃଷ୍ଟି ହୁଏ, କେହି କେହି ନିଜକୁ ସହଜ ମନେକରନ୍ତି ନାହିଁ। ଏହି କିଛି ଭାବ ରଖି ଯଥାସମ୍ଭବ କିଛି ଦେଇ ପାଖରୁ ତତ୍‌କ୍ଷଣାତ୍ ଦୂରେଇ ଦେବାକୁ ଚେଷ୍ଟା କରୁ। ଏହି ତାଳି ସେମାନଙ୍କ ଜୀବିକାର ମାଧ୍ୟମ। ଜୀବ ହୋଇଛନ୍ତି ଅର୍ଥ ସେମାନଙ୍କର ମଧ୍ୟ ଖାଦ୍ୟ, ବସ୍ତ୍ର, ବାସଗୃହର ଜରୁରୀ ଅଛି। ସେମାନେ ସବୁ ଜୀବିକା କରିବାକୁ ଶାରୀରିକ ଭାବେ ସମର୍ଥ ହେଲେ ମଧ୍ୟ ସମାଜ ସବୁଥିରୁ ସେମାନଙ୍କୁ ବଂଚିତ କରିଛି।

ଜନ୍ମ ଯଦି କାହାର ଆୟତ୍ତ ନୁହେଁ, କେ ଧନୀ ଘରେ ଜନ୍ମ ହେଲେ ଧନବାନ୍ ବୋଲାଉଛି, ଅନେକ ସୁବିଧା ପାଉଛି, କେ ଗରିବ ଘରେ ଜନ୍ମ ହେଲେ ଦୀନହୀନ ଭାବେ ଜୀବନ ଜିଉଁଛି, କେ ଉଚ୍ଚବର୍ଣ୍ଣ ଘରେ ଜନ୍ମ ହେଲେ ସମାଜରେ ଅନେକ ସମ୍ମାନ ପାଇ ସୁବିଧାରେ ଜୀବନ ଜୀଉଁଛି, କେ ଦଳିତ ହୋଇ ଅନେକ ବାରଣରେ ସମାଜରେ ଚଳୁଛି। ଆଉ ଯେ ତୃତୀୟ ଲିଂଗୀ ଗୋଷ୍ଠୀ ଅନ୍ତର୍ଭୁକ୍ତ ହେଲା, ସେ କାହିଁକି ସମାଜରେ ଅସମ୍ମାନିତ ହେବ? କାହିଁକି ସବୁଥିରୁ ବଂଚିତ ହେବ? ସେ କାହିଁକି ସମାଜରେ ଉପହାସର ପାତ୍ର ହେବ? ଜଣେ ସବୁଥିରୁ ବଞ୍ଚିତ ହେଲେ ଭିକ୍ଷା ବୃତ୍ତି କରିବା ଛଡ଼ା ଆଉ ତା' ପାଖରେ କ'ଣ ଉପାୟ ରହିବ ବଂଚିବା ପାଇଁ, ସେ ତୃତୀୟ ଲିଂଗୀ ହେଉ ନ ହେଉ, ସେ ସବର୍ଣ୍ଣ ହେଉ ବା ଦଳିତ, ସେ ଧାର୍ମିକ ହେଉ ବା ଅଧାର୍ମିକ, ମାତାପିତା ନଥିବା ପିଲାଟି ସହଜରେ ବିପଥଗାମୀ ହୁଏ, ସେହିପରି ସମାଜ ଯାହାକୁ ଉପଯୁକ୍ତ ସମ୍ମାନ ନଦେବ, ବଂଚିବାର ଭରସା ନଦେବ, ସେ ସମାଜରେ ବିପଥଗାମୀ ହେବ, ଏହା ସମାଜର ଏକ ଅଲିଖିତ ନିୟମ। ଆଉ ସମାଜରେ ଅନେକ ଅଘଟଣ ଘଟିବାକୁ ଅସ୍ୱୀକାର କରାଯାଇନପାରେ।

ତୃତୀୟ ଲିଙ୍ଗୀ ମଣିଷ ସମାଜରେ ଅନେକ ଯନ୍ତ୍ରଣା ପାଇଥାଏ, ଏପରିକି ନିଜ ପରିବାରଠାରୁ ମଧ୍ୟ। ଏପରିକି ନିଜ ଘରୁ ସେ ବିତାଡ଼ିତ ହୁଏ, ସମାଜରେ ଅସହାୟ ହୋଇ ବୁଲେ। ସେମାନେ ଭାଗ୍ୟକୁ ଆଦରି ପଡ଼ିରୁହନ୍ତି। ତଦ୍ୱାରା ସେମାନେ ସର୍ବଦା ଅବସାଦରେ ରହିଥା'ନ୍ତି। ୨୦୧୧ ଜନଗଣନା ଅନୁଯାୟୀ, ସେମାନଙ୍କ ସଂଖ୍ୟା ପ୍ରାୟ ୫ ଲକ୍ଷ। ଆଉ ୬୬% ଗ୍ରାମାଞ୍ଚଳରେ ରୁହନ୍ତି। ଆଉ ସେମାନଙ୍କ ମଧ୍ୟରୁ ପ୍ରାୟ ୪୬% ସାକ୍ଷର। ୨୦୧୪ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ନାଲ୍‌ସା ବନାମ ଭାରତ ସରକାର ରାୟରେ ସେମାନଙ୍କୁ ଆଇନଗତ ସ୍ୱୀକୃତି ଦେଇ ସମାଜରେ ମଣିଷ ହିସାବରେ ବଞ୍ଚିବାକୁ ଅଧିକାର ଦେଲେ। ସମୟକ୍ରମେ ଅଧିକାର ସୁରକ୍ଷା ଆଇନ–୨୦୧୯ ବଳରେ, ୨୦୨୦ ମସିହା ପରେ ସେମାନେ ଭୋଟର ପରିଚୟପତ୍ର ପାଇଲେ। ସେମାନଙ୍କ ଇତିହାସ ୨୦୦୦ ବର୍ଷର। ଆମ ରାମାୟଣ, ମହାଭାରତରେ ସେମାନଙ୍କ ବର୍ଣ୍ଣନା ରହିଛି ମଧ୍ୟ। କିନ୍ନର ଆଖଡ଼ା ରହିଛି ପୁରାତନ ଯୁଆନ ଆଖଡ଼ା ଅନ୍ତର୍ଗତ, ଯାହା ଧାର୍ମିକ ଆଧାରରେ ସେମାନେ ବିଭିନ୍ନ ପରମ୍ପରା ସହିତ ଜଡ଼ିତ ହେଉଛନ୍ତି। ସେମାନେ ଯଦିଓ ବିଭିନ୍ନ ପର୍ବପର୍ବାଣି, ବିବାହ, ଜନ୍ମ ଉତ୍ସବରେ ଆଶୀର୍ବାଦ କରିଥା'ନ୍ତି, କିନ୍ତୁ ସମାଜରେ ସମ୍ମାନର ସହିତ ବଞ୍ଚିବାର ଅଧିକାର ପାଇନାହାନ୍ତି ବା ସମାଜ ଗ୍ରହଣ କରିପାରିନାହିଁ। ଏବେ ସରକାରୀ ସ୍ତରରେ ସେମାନେ ବହୁ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। କିନ୍ତୁ ନିଜର ସୁରକ୍ଷା ପାଇଁ ନିଜ ଭିତରେ ସେମାନେ କେଉଁ କାଳରୁ ଗଢ଼ିଛନ୍ତି ଗୁରୁ–ଶିଷ୍ୟ ପରମ୍ପରା।



ସତରେ ଆମେ କେହି କ'ଣ କେବେ ସେମାନଙ୍କ ଦୁଃଖରେ ସମଦୁଃଖୀ ହୋଇଛେ। ତୁମେ ଆତ୍ମସମ୍ମାନର ସହ ସମାଜରେ ବଞ୍ଚିବାକୁ ଚାହଁ ନା ନାହିଁ ଆମେ କେବେ ପଚାରିଛେ? ନା ସବୁବେଳେ ଆମେ ସେମାନଙ୍କୁ ଗୋଟିଏ ନଜରରେ ଦେଖି ଦୂର୍ ଦୂର୍ କରିଥାଉ। କୌଣସି କଥାରେ ଆମକୁ ବଞ୍ଚିତ କଲେ, ଆମ ମନ ମଧ୍ୟରେ ଅନେକ ବିଦ୍ରୋହ ସୃଷ୍ଟି ହୁଏ। ସେମାନଙ୍କୁ ସବୁଥିରୁ ବଞ୍ଚିତ କଲେ ସେମାନଙ୍କ ମଧ୍ୟରେ ସମାଜ ପ୍ରତି କ୍ରୂରତା ସୃଷ୍ଟି ନ ହେବ ବା କାହିଁକି?

ଆମେ ସ୍ଥୂଳକ୍ଷେତ୍ରରେ ସେମାନଙ୍କୁ ସାଧାରଣତଃ ଦୁଇଟି ଗୋଷ୍ଠୀରେ ବିଭକ୍ତ କରିଥାଉ। ଗୋଟିଏ ପୁରୁଷରୁ ନାରୀ ସୁଲଭରେ ପରିପ୍ରକାଶ ଆଉ ଗୋଟିକ ନାରୀରୁ ପୁରୁଷ ସୁଲଭରେ ପରିପ୍ରକାଶ। କିନ୍ତୁ ବିଜ୍ଞାନର ଶରୀରତତ୍ତ୍ୱ ଗବେଷଣାରେ ଏଯାବତ୍ ସ୍ଥୂଳ କ୍ଷେତ୍ରରେ ଆଠଟି ଶ୍ରେଣୀରେ ସେମାନଙ୍କୁ ବିଭକ୍ତ କରିଥିବା ବେଳେ ସୂକ୍ଷ୍ମ କ୍ଷେତ୍ରରେ ସେମାନଙ୍କୁ ପ୍ରାୟ ଶହେରୁ ଅଧିକ ଶ୍ରେଣୀରେ ସେମାନଙ୍କ ଶରୀର ସଂରଚନା ଆଧାରରେ ବିଭକ୍ତ କରିଛି। କେତେକ କ୍ଷେତ୍ରରେ ଚିକିତ୍ସା ବିଜ୍ଞାନ ସକ୍ଷମ ହେଉଛି ସେମାନଙ୍କୁ ସାଧାରଣ ମଣିଷ ପରି ଜୀବନଧାରଣ କରିବାକୁ।

ଯଦିଓ ସେମାନଙ୍କ ବିକାଶ ପାଇଁ କେରଳ ରାଜ୍ୟ ପ୍ରଥମେ ବିଧାନସଭାରେ ବିଧେୟକ ଗୃହୀତ କଲା, କିନ୍ତୁ ପରେ ପରେ ଭାରତ ସରକାର, ପରେ ଅନେକ ରାଜ୍ୟ ସରକାର ସେମାନଙ୍କ ବିକାଶ ପାଇଁ ଅନେକ ଆଇନ ପ୍ରବର୍ତ୍ତନ କରିଛନ୍ତି। ସେମାନଙ୍କୁ ସାମାଜିକ ସୁରକ୍ଷା, ଚାକିରିରେ ୨% ସରଂକ୍ଷଣ, ଶିକ୍ଷା ଗ୍ରହଣର ସୁବିଧା ଆଦି ବିଷୟରେ ଯଦିଓ ଆଇନ ହୋଇଛି, ସେମାନେ ବିଭିନ୍ନ ରାଜନୈତିକ ଦଳରେ ଯୋଗଦେଇ ନିର୍ବାଚନରେ ସୁଯୋଗ ପାଇଛନ୍ତି ପ୍ରାର୍ଥୀ ଭାବରେ। କିନ୍ତୁ ସମାଜ ସେମାନଙ୍କୁ ସେତିକି ଅଧିକାର ଦେଇପାରିନାହିଁ, କାରଣ ସମାଜରେ ଗ୍ରହଣୀୟତା ସେତିକି ବ୍ୟାପକ ହୋଇନାହିଁ। ସମ୍ବିଧାନର ଧାରା ୧୫ ଅନୁଯାୟୀ କାହାକୁ ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ତଥା ଜନ୍ମସ୍ଥାନ ଆଧାରରେ କାହା ପ୍ରତି ବୈଷମ୍ୟ ଭାବ ରଖିପାରିବା ନାହିଁ।

ବର୍ତ୍ତମାନ ଯୁଗରେ ଆମେ ଯେତେବେଳେ ନୈତିକତାର ଆଧାରରେ ବୌଦ୍ଧିକ ବିକାଶର ଶ୍ରେଷ୍ଠରେ ପହଞ୍ଚିଲେଣି, ସେତେବେଳେ କାହାକୁ ସମାଜର ମୁଖ୍ୟସ୍ରୋତକୁ ଆସିବାରେ ବାଧା ସୃଷ୍ଟି କରିବା ବା ଅସହିଷ୍ଣୁ ହେବା ଆଦୌ ସମୀଚୀନ ନୁହେଁ। ସକଳ ମାନବ ସମ୍ବଳର ଉପଯୋଗ ପାଇଁ ଆମେ ସକ୍ଷମ, କାରଣ ଆମେ ମଧ୍ୟଯୁଗୀୟ ଭାବନାରୁ ବହୁ ଊର୍ଦ୍ଧ୍ୱରେ। ଯାହାର ଜୀବନ ଅଛି, ତାହାର ଆତ୍ମସମ୍ମାନର ସହିତ ବଞ୍ଚିବାର ଅଧିକାର ଅଛି।

ଗୋଗଲ, କାଏମା, ଯାଜପୁର
ମୋ: ୯୭୭୭୭୪୯୭୨୭

## ଏଇ ଭାରତରେ

ବିପଦରେ ଭାଙ୍ଗି ନ ପଡ଼ି ଜଣେ ଯୋଦ୍ଧା ଭାବେ କ୍ୟାନ୍‌ସରକୁ ପରାସ୍ତ କରିବା ସହ ଅନ୍ୟ ରୋଗୀମାନଙ୍କ ପାଇଁ ଆଶାବାଡ଼ି ପାଲଟିଛନ୍ତି ଦିଲ୍ଲୀର ଦୁର୍ଗା ଗୋପାଳ। ୭୩ ବର୍ଷୀୟା ଦୁର୍ଗା ଦୁଇ ଥର କ୍ୟାନ୍‌ସରୁ ବଞ୍ଚିବା ପରେ ଅନ୍ୟ କ୍ୟାନ୍‌ସର ପୀଡ଼ିତଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି। ବ୍ୟାଙ୍କ କର୍ମଚାରୀ ଭାବେ ଅବସର ନେଇଥିବା ଦୁର୍ଗା ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ୨୦୧୦ରେ ପ୍ରଥମେ ସ୍ତନ କର୍କଟରେ ପୀଡ଼ିତ ହୋଇଥିଲେ ଓ ଚିକିତ୍ସା ଦ୍ୱାରା ସୁସ୍ଥ ହୋଇଥିଲେ। ପୁନଶ୍ଚ ଫୁସ୍‌ଫୁସ୍‌ରେ କ୍ୟାନ୍‌ସର ଚିହ୍ନଟ ହେବା ପରେ ସେ ମଧ ଏହାକୁ ସାମ୍ନାକରି ସୁସ୍ଥ ହୋଇପାରିଥିଲେ। ତା' ପରେ ସେ ଦିଲ୍ଲୀର ଓମେଗା ହସ୍ପିଟାଲରେ ସ୍ୱେଚ୍ଛାକୃତ ଭାବେ ରୋଗୀଙ୍କୁ ୯ମାସ ପର୍ଯ୍ୟନ୍ତ ଆର୍ଥିକ ଓ ଅନ୍ୟାନ୍ୟ ସେବା ଯୋଗାଇଦେବା ପରେ ଏବେ ସିକନ୍ଦରାବାଦର ସୌମ୍ୟା କମ୍ପ୍ରେହେନସିଭ କ୍ୟାନ୍‌ସର ସେଣ୍ଟରରେ କର୍କଟ ପୀଡ଼ିତମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି। କ୍ୟାନ୍‌ସର ଚିକିତ୍ସା ଲାଗି ପାଣ୍ଠି ଯୋଗାଡ଼ କରୁଥିବା କିଛି ବିଦେଶୀ ସଂସ୍ଥା ଦ୍ୱାରା ଉତ୍ସାହିତ ହୋଇ ସୌମ୍ୟ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ଅର୍ଥ ଯୋଗାଡ଼ କରିବା ଆରମ୍ଭ କରିଥିଲେ। ପରେ ସେ ନିଜସ୍ୱ ଉଦ୍ୟମରେ ଅନେକ କ୍ୟାନ୍ସର ରୋଗୀଙ୍କୁ ନୂଆ ଜୀବନ ଦେବାରେ ସକ୍ଷମ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୨ ସେପ୍ଟେମ୍ବର ୧୯୭୬

- ରାଜ୍ୟର ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟପୁସ୍ତକ ବ୍ୟାଙ୍କ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଡିକୁ ଫେରୋ ଆଲଏଜ୍‌ର ୧,୧୧,୧୧୧ ଟଙ୍କା ଦାନ।
- ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟକୁ ୩ ଜଣ ବିଧାନସଭା ସଦସ୍ୟ ସନାତନ ଦେଓ, ନାରାୟଣ ସାହୁ ଏବଂ ଅରୁଣ ଦେ ମନୋନୀତ।

## ଚିରନ୍ତନୀ

ଜରା ଅଙ୍ଗେ ଆଣଇ ସେ
ଜୀବନର ମଧୁର ଚେତନା
ଶାନ୍ତିର ଶୀତଳ ଆରାଧନା,
ଶିଶୁ ମୁଖେ ଢାଳିଦିଏ ସେ ଚାହାଣି
କରୁଣାର ତରଳ ସେନେହ
ପରାଣ ପୂରାଇ ସେ ତ ପୁଲକାଏ
ଜଡ଼ର ଜୀବନହୀନ ଦେହ ।
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକର ବିକାଶ କରାଯାଉ

ମହାଶୟ,

ରାଜ୍ୟରେ ଥିବା ସବୁ କୃଷକ ତଥା ଭୂମିହୀନମାନଙ୍କର ସର୍ବାଙ୍ଗୀନ କଲ୍ୟାଣ ସାଧନ କରାଯାଉ। ଜଳସେଚନ, କୀଟନାଶକ ଔଷଧ, ବିହନ, ସାର ଏବଂ ଯାନ୍ତ୍ରିକ ପଦ୍ଧତିରେ ହେଉଥିବା ଖର୍ଚ୍ଚ ଅତ୍ୟଧିକ ହେଉଅଛି, ସେଥିପ୍ରତି ରିହାତି ଦିଆଯାଉ। କିନ୍ତୁ ତାହା ଏଯାବତ ସମ୍ଭବ ହୋଇ ପାରିନାହିଁ। ଅନେକ ସମୟରେ ସାରର ଅଭାବ ଚାଷରେ ବାଧା ସୃଷ୍ଟି କରୁଛି। ଦେଶ ପାଇଁ ସୁରକ୍ଷା ଦେଉଥିବା ସୈନିକମାନଙ୍କ ସୁବିଧା ଚାଷୀମାନଙ୍କୁ ଦିଆଯାଉ। ସବୁ ପ୍ରକାରର ସୁବିଧା ସୁଯୋଗ ନ ମିଳିଲେ ଚାଷୀ ଚାଷ ପ୍ରତି ମନ ଧ୍ୟାନ ଦେବେ ନାହିଁ। ସେହିପରି ଷାଠିଏରୁ ଊର୍ଦ୍ଧ୍ୱ କୃଷକଙ୍କୁ ବୋନସ ଦେବାର ବ୍ୟବସ୍ଥା କରାଯାଉ। ଏହା ବ୍ୟତୀତ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ।


– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାନସିକ ସ୍ୱାସ୍ଥ୍ୟର ଯତ୍ନ: ବର୍ତ୍ତମାନ ସମୟର ଆହ୍ୱାନ


ଡା. ସତ୍ୟକାମ ମହାପାତ୍ର

''ମାନସିକ ରୋଗ କହିଲେ ଲୋକେ ସାଧାରଣତଃ ପାଗଳାମି କିମ୍ବା ମେଣ୍ଟାଲ ରୋଗ ବୋଲି ଭାବିଥାନ୍ତି। ମାତ୍ର ତାହା ସମ୍ପୂର୍ଣ୍ଣ ଭୁଲ୍‌ଧାରଣା। ମାନସିକ ରୋଗରେ ଆକ୍ରାନ୍ତ ଲୋକ ସବୁବେଳେ ଯେ ମାରପିଟ, ଭଙ୍ଗାରୁଜା କରିବା, ଉତ୍ତ୍ୟକ୍ତ ହେବା ଆଦି ଲକ୍ଷଣ ଦେଖାଦେଇଥାଏ, ତାହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ମାନସିକ ରୋଗ ବିଭିନ୍ନ ପ୍ରକାରର ହୋଇପାରେ ଓ ତାହାର ଲକ୍ଷଣ ମଧ ବିଭିନ୍ନ ପ୍ରକାରର ହୋଇପାରେ। ଯେମିତିକି ବିଭିନ୍ନ ପ୍ରକାର ଆଙ୍ଗ୍‌ଜାଇଟି ରୋଗରେ ଲୋକକୁ ସବୁବେଳେ ଅତି ଛୋଟ ଛୋଟ କଥାରେ ଅତ୍ୟଧିକ ଛାନିଆ, ବ୍ୟସ୍ତ, ବିବ୍ରତ ଲାଗିପାରେ।''



ମାନସିକ ସୁସ୍ଥତା ଓ ମାନସିକ ରୋଗ ସମ୍ବନ୍ଧରେ ଆମ ଦେଶର ଲୋକଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସାରା ବିଶ୍ୱରେ ପ୍ରାୟ ୪୫ କୋଟି ଲୋକ ବିଭିନ୍ନ ମାନସିକ ସମସ୍ୟା ଦ୍ୱାରା ଆକ୍ରାନ୍ତ। ଭାରତବର୍ଷରେ ମାନସିକ ରୋଗୀଙ୍କ ସଂଖ୍ୟା ଅତି ଦ୍ରୁତଗତିରେ ବଢ଼ିବାରେ ଲାଗିଛି। କିନ୍ତୁ ଦୁର୍ଭାଗ୍ୟବଶତଃ ଆମ ଦେଶର ଲୋକଙ୍କ ମଧ୍ୟରେ ମାନସିକ ରୋଗ ଓ ତାହାର ଚିକିତ୍ସା ସମ୍ବନ୍ଧରେ ଅନେକ ଭୁଲ ଧାରଣା ଅଛି। ମାନସିକ ରୋଗ କହିଲେ ଲୋକମାନେ ସାଧାରଣତଃ ପାଗଳାମି କିମ୍ବା ମେଣ୍ଟାଲ ରୋଗ ବୋଲି ଭାବିଥାନ୍ତି। ମାତ୍ର ତାହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ମାନସିକ ରୋଗରେ ଆକ୍ରାନ୍ତ ଲୋକ ସବୁବେଳେ ଯେ ମାରପିଟ, ଭଙ୍ଗାରୁଜା କରିବା, ଉତ୍ତ୍ୟକ୍ତ ହେବା ଆଦି ଲକ୍ଷଣ ଦେଖାଦେଇଥାଏ, ତାହା ସମ୍ପୂର୍ଣ୍ଣ ଭୁଲ ଧାରଣା। ମାନସିକ ରୋଗ ବିଭିନ୍ନ ପ୍ରକାରର ହୋଇପାରେ ଓ ତାହାର ଲକ୍ଷଣ ମଧ ବିଭିନ୍ନ ପ୍ରକାରର ହୋଇପାରେ। ଯେମିତିକି ବିଭିନ୍ନ ପ୍ରକାରର ଆଙ୍ଗ୍‌ଜାଇଟି ରୋଗରେ ଲୋକକୁ ସବୁବେଳେ ଅତି ଛୋଟ ଛୋଟ କଥାରେ ଅତ୍ୟଧିକ ଛାନିଆ, ବ୍ୟସ୍ତ, ବିବ୍ରତ ଲାଗିପାରେ। ଫୋବିଆ ରୋଗରେ ଲୋକକୁ କେତେକ ନିର୍ଦ୍ଦିଷ୍ଟ ବସ୍ତୁ, ସ୍ଥାନ ଓ ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭାବରେ ଭୟ ଦେଖା ଦେଇପାରେ। ଡିପ୍ରେସନ ବା ଅବସାଦ ରୋଗରେ ମନ ଅଧିକାଂଶ ସମୟ ଦୁଃଖ ରହିଥାଏ। କାହା ସହିତ ମିଳାମିଶା କରିବାକୁ ଇଚ୍ଛା ହୁଏନାହିଁ। ସବୁବେଳେ ଏକୁଟିଆ ରହିବାକୁ ଭଲ ଲାଗେ। ଅବସେସିଭ କମ୍ପଲସିଭ ଡିସଅର୍ଡର (ଓସିଡି) ବା ଶୁଚିବାଇ ରୋଗ ବ୍ୟକ୍ତିର ମନରେ ଅନାବଶ୍ୟକ ଚିନ୍ତା ବାରମ୍ବାର ଆସିଥାଏ ଓ ରୋଗୀ କେତେକ କାମକୁ ବାରମ୍ବାର କରିଥାଏ ଯେମିତିକି ବାରମ୍ବାର ହାତ ଗୋଡ଼ ଧୋଇ ହେବା, ବାରମ୍ବାର ତାଲା ଚେକ କରିବା ଆଦି। ସୋମାଟୋଫର୍ମ ରୋଗ ଏକ ପ୍ରକାରର ମାନସିକ ରୋଗ ଅଛି ଯେଉଁଥିରେ ଦୀର୍ଘ ଦିନ ପର୍ଯ୍ୟନ୍ତ ବିଭିନ୍ନ ଶାରୀରିକ ଲକ୍ଷଣମାନ ଦେଖାଯାଇଥାଏ, କିନ୍ତୁ ସବୁ ପ୍ରକାରର ଶାରୀରିକ ପରୀକ୍ଷା ନିରୀକ୍ଷା ପ୍ରାୟତଃ ଠିକ୍ ଥାଏ। ସେହିପରି ବିଭିନ୍ନ ନିଶା ସେବନ, ଏହା ମଧ ଏକ ପ୍ରକାରର ମାନସିକ ସମସ୍ୟା। ଅନେକ ଲୋକ ନିଶା ସେବନକୁ ଏକ ଷ୍ଟାଇଲ ବା ବ୍ୟବହାରିକ ସମସ୍ୟା ବୋଲି ଭାବିଥାନ୍ତି। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ଠିକ୍ ସେହିପରି ଛୋଟ ପିଲାମାନଙ୍କଠାରେ ଦେଖା ଦେଉଥିବା ଅନେକ ବ୍ୟବହାରିକ ସମସ୍ୟା ବିଭିନ୍ନ ମାନସିକ ସମସ୍ୟା ହୋଇପାରେ। ଭୂତ ଲାଗିବା, କାଳିଶି ଲାଗିବା, ଠାକୁରାଣୀ ଆସିବା ଏସବୁ ମଧ ଏକ ମାନସିକ ସମସ୍ୟା ଓ ତାହାର ଚିକିତ୍ସା ମଧ ଆଜିକାଲିର ଆଧୁନିକ ଚିକିତ୍ସା ପଦ୍ଧତିରେ ସମ୍ଭବ।

ମାନସିକ ରୋଗର କାରଣ ସମ୍ବନ୍ଧରେ ମଧ ଲୋକଙ୍କର ଅନେକ ଭୁଲ ଧାରଣା ରହିଛି। ଲୋକମାନେ ଭାବିଥାନ୍ତି ଗୁଣିଗାରେଡ଼ି ଯୋଗୁ ସାଧାରଣତଃ ମାନସିକ ରୋଗ ହୋଇଥାଏ। ମାତ୍ର ମସ୍ତିଷ୍କରେ ଥିବା କେତେକ ନିର୍ଦ୍ଦିଷ୍ଟ ରାସାୟନିକ ପଦାର୍ଥ (ନିଉରୋଟ୍ରାନ୍ସମିଟର)ର ମାତ୍ରାରେ ଅସନ୍ତୁଳନ ଯୋଗୁ ମାନସିକ ରୋଗଗୁଡ଼ିକ ଦେଖାଦେଇଥାଏ। ଜିନ୍‌ଗତ କାରଣ, ସାମାଜିକ କିମ୍ବା ପରିପାର୍ଶ୍ୱିକ ଚାପ କାରଣରୁ ଏହି ରାସାୟନିକ ଅସନ୍ତୁଳନ ଘଟିପାରେ। ଅନେକ ଲୋକଙ୍କ କ୍ଷେତ୍ରରେ ଏହି ରୋଗ ବଂଶାନୁଗତିକ ହୋଇଥାଏ। ଅନେକ ଲୋକଙ୍କଠାରେ ନିଶାସେବନ ମୁଖ୍ୟତଃ ଗଞ୍ଜେଇ, ଭାଙ୍ଗ ଓ ମଦ ସେବନ ଦ୍ୱାରା ମାନସିକ ରୋଗ ଆରମ୍ଭ ହୋଇପାରେ।

ମାନସିକ ରୋଗର ଚିକିତ୍ସା ସମ୍ବନ୍ଧରେ ଲୋକଙ୍କଠାରେ ଅନେକ ଭୁଲ ଧାରଣା ଅଛି। ଅନେକ ଲୋକ ଭାବିଥାନ୍ତି ମାନସିକ ରୋଗର ଚିକିତ୍ସା ଆଦୌ ସମ୍ଭବ ନୁହେଁ ବା ମାନସିକ ରୋଗ କେବେ ଠିକ୍ ହୋଇପାରିବ ନାହିଁ। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ସମସ୍ତ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ। ଆଜିକାଲିର ଆଧୁନିକ ଚିକିତ୍ସା ବିଜ୍ଞାନରେ ସବୁ ମାନସିକ ରୋଗର ସଫଳ ଚିକିତ୍ସା କରାଯାଇ ପାରୁଛି। ପ୍ରାରମ୍ଭିକ ଅବସ୍ଥାରେ ରୋଗର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। ଆଜିକାଲି ବି ଅନେକ ଲୋକ ଅଛନ୍ତି ଯେଉଁମାନେ ଅନ୍ଧବିଶ୍ୱାସ ଯୋଗୁ ରୋଗର ଚିକିତ୍ସା ନ କରାଇ ଗୁଣିଗାରେଡ଼ି ପାଖକୁ ଯାଇ ଅଯଥାରେ ସମୟ ନଷ୍ଟ କରନ୍ତି। ଏହାଦ୍ୱାରା ରୋଗର ପ୍ରକୋପ ବଢ଼େ। ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ ଏବଂ ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବାର ସମ୍ଭାବନା କମି ଯାଇଥାଏ। ସେହିପରି ବହୁ ଲୋକ ମାନସିକ ସମସ୍ୟା ଦେଖାଦେଲେ ସେମାନେ କେଉଁ ବିଭାଗର ଡାକ୍ତରଙ୍କୁ ପରାମର୍ଶ କରିବେ ତାହା ଜାଣି ନ ଥାନ୍ତି କିମ୍ବା କିଛି ଲୋକ ଜାଣିଥାନ୍ତି ଯେ ମାନସିକ ରୋଗର ଚିକିତ୍ସା ପାଇଁ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ, କିନ୍ତୁ ଯଦି ସେ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଗଲେ ଅନ୍ୟମାନେ ସମାଜରେ ତାଙ୍କ ବିଷୟରେ କ'ଣ ଭାବିବେ? କାଳେ ତାଙ୍କୁ ପାଗଳ ବୋଲି ଭାବିବେ କି? ଏସବୁ ଭୁଲ ଧାରଣା ମନରେ ରଖି ଲୋକେ ମାନସିକ ରୋଗୀ ପାଖକୁ ପରାମର୍ଶ ପାଇଁ ଯିବା ଲାଗି କୁଣ୍ଠାବୋଧ କରନ୍ତି।

ଅନେକ ଲୋକ ଭାବିଥାନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧ ସାରା ଜୀବନ ପାଇଁ ଖାଇବାକୁ ପଡିଥାଏ। ଏହା ମଧ ଅନେକାଂଶରେ ଭୁଲ ଧାରଣା। କେତେକ ନିର୍ଦ୍ଦିଷ୍ଟ ମାନସିକ ରୋଗ ଛଡ଼ା ଅନ୍ୟ କୌଣସି ରୋଗରେ ସାରା ଜୀବନ ଔଷଧ ଖାଇବାକୁ ପଡ଼େ ନାହିଁ। ମାନସିକ ରୋଗଗୁଡ଼ିକର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ। ଯାହା କି ସାଧାରଣତଃ ରୋଗର ତୀବ୍ରତା, ଲକ୍ଷଣ ଦେଖା ଦେବାର କେତେଦିନ ପରେ ରୋଗୀ ଚିକିତ୍ସା ଆରମ୍ଭ କରୁଛି, ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ଦ୍ୱାରା ରୋଗୀ କେତେ ମାତ୍ରାରେ ଭଲ ହେଉଛି ଏସବୁ ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ପ୍ରାୟତଃ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ପୂର୍ବରୁ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବାର ସମ୍ଭାବନା ଥାଏ। ତେଣୁ କେତେ ଦିନ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼ିବ ତାହା ରୋଗୀ ଓ ତାଙ୍କର ପରିବାରର ଲୋକମାନେ ଡାକ୍ତରଙ୍କଠାରୁ ବୁଝି ରଖିବା ଉଚିତ। କିଛି ମାନସିକ ସମସ୍ୟା ଅଛି ଯେଉଁଥିରେ କିଛି ମାସ ମେଡିସିନ୍ ଖାଇଲା ପରେ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଏ। ଆଉ ମେଡିସିନ୍ ଖାଇବା ଦରକାର ପଡ଼ି ନ ଥାଏ।

ଅନେକ ଲୋକ ଭାବିଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧଗୁଡ଼ିକୁ ଖାଇଲେ ଏହା ଅଭ୍ୟାସରେ ପଡ଼ିଯାଏ, ଏସବୁ ମେଡିସିନ୍‌ଗୁଡ଼ିକ ଏକ ପ୍ରକାରର ନିଶା, ଥରେ ଖାଇବା ଆରମ୍ଭ ଆଉ ଛାଡ଼ି ହେବନି। ମାତ୍ର ଏସବୁ ଭୁଲ ଧାରଣା। ଆଜିକାଲି ବ୍ୟବହାର କରାଯାଉଥିବା ମେଡିସିନ୍‌ଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ। ଯଦି ଆପଣ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଖାଇବେ ତେବେ ଏସବୁ ସମସ୍ୟା କେବେ ଦେଖାଦେବ ନାହିଁ।

-ମାନସିକ ରୋଗ ବିଶେଷଜ୍ଞ,
ମହାନଦୀ ବିହାର, କଟକ
ମୋ : ୮୮୯୫୨୯୩୯୯୭

## ସୁସ୍ଥ ଜୀବନଶୈଳୀ ଓ ହୃଦ୍‌ରୋଗ




ଆଜିର ସମୟରେ ଚିନ୍ତାଜନକ ହେଉଛି ହୃଦ୍‌ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପାଖାପାଖି ୧ କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ଅସ୍ୱାଭାବିକ ମୃତ୍ୟୁ ହୃଦ୍‌ରୋଗ ଯୋଗୁ ଘଟୁଛି। ଶାରୀରିକ ପରିଶ୍ରମର ଅଭାବ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା ଯୋଗୁ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ଅନ୍ତତଃ ପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା ହ୍ରାସ ପାଏ। ହଳଦୀରେ ଥିବା କୁର୍କମିନ୍ ନାମକ ଔଷଧୀୟ ପଦାର୍ଥ ହୃଦ୍‌ରୋଗରୁ ରକ୍ଷା କରିଥାଏ। ବର୍ଷକୁ ଅନ୍ତତଃ ଦୁଇଥର ରକ୍ତଦାନ ଦ୍ୱାରା ହୃଦ୍‌ରୋଗର ଆଶଙ୍କାକୁ କମ୍ କରିହେବ। ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦ ବହୁଳତା ପ୍ରାୟ ୩୨ ଭାଗ ଦାୟୀ। ତେଣୁ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ବ୍ୟବସ୍ଥିତ ଜୀବନଶୈଳୀ ନିଶ୍ଚିତ ଭାବରେ ଆପଣମାନଙ୍କୁ ହୃଦ୍‌ରୋଗରୁ ରକ୍ଷା କରିବ, ଏ ବିଶ୍ୱାସ ରଖନ୍ତୁ।

## ଜାଣି ରଖନ୍ତୁ...



ଆଜିକାଲିର ବ୍ୟସ୍ତମୟ ଜୀବନରେ ଖୁସିର ମାହୋଲରେ ରହିବା ହୁଏତ ଏତେଟା ସହଜ ହୋଇ ନ ପାରେ। ହେଲେ ଆମେ ଯଦି ନିଜକୁ ଏଭଳି ପରିବେଶରେ ରଖିପାରିବା ତେବେ ଆମେ କେତେକାଂଶରେ ସୁସ୍ଥ ରହିବା। ଏ ନେଇ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକ ବ୍ୟବସ୍ଥିତ ଜୀବନଶୈଳୀ। ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ। ନିଜର ପ୍ରତିଦିନର କାମ ସହ ଆମକୁ ଆଉ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରଥମ କଥା ହେଲା ବ୍ୟାୟାମ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ଶରୀର କେତେକାଂଶରେ ସୁସ୍ଥ ରହିଥାଏ। ଅନ୍ୟ ଏକ କଥା ହେଲା ଖାଦ୍ୟପେୟ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟପେୟରେ ଅନିୟମିତତା ଅଯଥାରେ କେତେକ ରୋଗର କାରଣ ସାଜିଥାଏ। ଆଉ ଏକ କଥା, ନିୟମିତ ସମୟ ବ୍ୟବଧାନରେ ନିଜ ଶରୀର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ। କୌଣସି ରୋଗର କାରଣ ବିଷୟରେ ଜାଣିପାରିଲେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ରୋଗ ଯଦି ଜଟିଳ ଆକାର ଧାରଣ କଲା ତେବେ ତାହାର ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ତା'ସହ ସାମାନ୍ୟ ଅବହେଳାରୁ ବେଳେବେଳେ ଏହି ରୋଗ ମୃତ୍ୟୁକୁ ଡାକିଆଣେ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ମୁଣ୍ଡବ୍ୟଥା ଉପଶମର ସରଳ ଉପାୟ



ଆଜିକାଲି ପ୍ରାୟ ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଖାଦ୍ୟପେୟ ଠିକ୍ ସମୟରେ ନ ଖାଇଲେ, ଆବଶ୍ୟକ ମୁତାବକ ପାଣି ନ ପିଇଲେ ଏହାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ଏଥିରୁ ଉପଶମ ପାଇବା ଲାଗି କେତୋଟି ସରଳ ତଥା ସହଜ ଉପାୟ ରହିଛି। ସବୁଠାରୁ ମୁଖ୍ୟ କଥା ହେଲା ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଏଥିରେ ବିଳମ୍ବ ହେଲେ ପେଟରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦେଖାଦେଇଥାଏ, ଯାହାଦ୍ୱାରା ମୁଣ୍ଡ ବିନ୍ଧେ। ତା'ସହ ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ। ଆଉ ଏକ କଥା ହେଲା ନିଦ୍ରା। ଆମକୁ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ନିହାତି ଦରକାର। ଏଥିରେ ଅସନ୍ତୁଳନ ଦେଖାଦେଲେ ତାହା ମୁଣ୍ଡବିନ୍ଧାର କାରଣ ସାଜିଥାଏ। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ଶୁଅନ୍ତୁ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣି ପାରିଛନ୍ତି ଯେ ନିୟମିତ ଯୋଗ କରିବା ଦ୍ୱାରା ମୁଣ୍ଡବିନ୍ଧା ପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ବେଳେବେଳେ ଟେନ୍‌ସନ୍‌ର ବଶବର୍ତ୍ତୀ ହେଲେ ମୁଣ୍ଡବିନ୍ଧା ସମସ୍ୟା ଦେଖାଦେଇଥାଏ। ତେଣୁ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

## ଆଣ୍ଟିବଡି ଗଠନ କରେ ଗାଜର

ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ୍, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରିହୋଇ ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ତେବେ ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ଗଠନ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ନିୟମିତ ଗାଜର ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କର ଶରୀରରେ ଆଣ୍ଟିବଡି ପରୀକ୍ଷା କରାଯିବାରୁ ଏହା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା। ଆପଣ ଦୃଷ୍ଟିଶକ୍ତିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନେବା ସହ ଆଉ ଏକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରତିଦିନ ଗାଜର ଖାଆନ୍ତୁ। କାରଣ ଗାଜରରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ। ଏହା ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଗାଜର ନିୟମିତ ଖାଇଲେ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତା'ସହ ଏହା ରକ୍ତଚାପକୁ ମଧ ସନ୍ତୁଳିତ ରଖେ। ଗାଜରରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଅଧିକ ଥିବାରୁ ଏହା ଅସ୍ଥିକୁ ଦୃଢ଼ ରଖିଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାକୁ ପ୍ରତିଦିନ ଖାଇଲେ ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ।

## ଚର୍ବି ପରିମାଣ କମାଏ ଟମାଟୋ



ଟମାଟୋରେ ଅନେକ ଉପକାରୀ ଗୁଣ ରହିଛି। ଆପଣ ଚର୍ବିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। ଏହା ଶରୀରରେ ଚର୍ବି ପରିମାଣ କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଚର୍ବିଜନିତ ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ନିୟମିତ ଖାଦ୍ୟ ସହ ଟମାଟୋରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। କିଛି ମାସ ପରେ ସେମାନଙ୍କର ଚର୍ବି କେତେକାଂଶରେ କମିଥିବାର ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ନିୟମିତ ଟମାଟୋ ଖାଇଲେ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏହା ଦୃଷ୍ଟି ଶକ୍ତି ପାଇଁ ମଧ ଉପକାରୀ ସାବ୍ୟସ୍ତ ହୋଇଥାଏ। ଟମାଟୋ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତୋକଂଶରେ ଦୂରେଇ ରଖେ ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ଟମାଟୋ ଖାଇଲେ ତାହା ପାଚନ କ୍ରିୟାକୁ ମଧ ଦୃଢ଼ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ଅଣ୍ଟାଜନିତ ସମସ୍ୟା ଥିଲେ କୌଣସି ସ୍ଥାନରେ ବସିବା କିମ୍ବା ଉଠିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

➤ଧନିଆ ପତ୍ରରେ ଭିଟାମିନ୍ 'ଏ' ଭରି ରହିଛି। ଏହାକୁ ଖାଇଲେ କୋଲେଷ୍ଟରଲ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ।

➤କଦାପି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଯଦି ଆପଣ ଏହି ସମୟରେ ନିଜ ଲୋଭକୁ ନିୟନ୍ତ୍ରଣରେ ନ ରଖନ୍ତି, ତେବେ ତାହା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି କରିଥାଏ।



➤ରାତିରେ ଶୋଇବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି।

➤ନିୟମିତ ଅଙ୍ଗୁର ଖାଇବା ଦ୍ୱାରା ସ୍ମରଣ ଶକ୍ତି କେତେକାଂଶରେ ବଢ଼ିଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ତା'ସହ ଏହା ମଧ ଅସ୍ଥିକୁ ମଜଭୁତ ରଖେ।

➤ସବୁବେଳେ ନିଜ ଓଜନ କିପରି ନିୟନ୍ତ୍ରଣରେ ରହିବ ସେ ନେଇ ସତର୍କ ରୁହନ୍ତୁ। କାରଣ ଏହା ପରୋକ୍ଷରେ ଆଉ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

## ଆର୍ଟିକାରିଆ ସମସ୍ୟାର ଆୟୁର୍ବେଦୀୟ ଉପଚାର


ଡା. ଆଶିଷ ବାନାର୍ଜୀ

''ଆର୍ଟିକାରିଆ ହେବା ପୂର୍ବରୁ ଶୋଷ ଲାଗିବା, ଅରୁଚି, ଥକ୍କା, ବାନ୍ତି ଲାଗିବା, ଶରୀରରେ ବ୍ୟଥା ହେବା, ଅଙ୍ଗପ୍ରତ୍ୟଙ୍ଗ ଭାରି ଲାଗିବା, ଆଖି ଲାଲ୍ ଦେଖାଯାଇଥାଏ। ପରେ ଚର୍ମରେ ଚେକାଚେକା ଫଳି ଲାଲ୍ ଦେଖାଯାଏ, କୁଣ୍ଡାଏ, ଜ୍ୱାଳା, ବାନ୍ତି ଲାଗିବା, ଶରୀରରେ ଯନ୍ତ୍ରଣା ଇତ୍ୟାଦି ଲକ୍ଷଣ ଦେଖାଯାଇଥାଏ। ଏହା ୬ ସପ୍ତାହ ଭିତରେ ବା ସାମୟିକ ଭାବେ ହୋଇ ଭଲ ହୋଇଯାଏ, ତାହାକୁ ଏକ୍ୟୁଟ୍ ବୋଲି କୁହାଯାଏ। ଏଥିରେ ତୁଟୁକା ଚିକିତ୍ସା ବା ଏଲୋପ୍ୟାଥିକ୍ ଔଷଧ ବ୍ୟବହାର ଦ୍ୱାରା ଭଲ ହୋଇଯାଏ। ମାତ୍ର ୬ ସପ୍ତାହରୁ ଅଧିକ ହେଲେ କ୍ରନିକ୍ ବୋଲି କୁହାଯାଏ। ଏହା କେବଳ ଆୟୁର୍ବେଦ ଉଷ୍ମ ଔଷଧ ସେବନ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ। ''



ଆର୍ଟିକାରିଆ ଏକ ଆଲର୍ଜିଜନିତ, ଚର୍ମ ଲାଲ ରଙ୍ଗ ହୋଇ କୁଣ୍ଡାଇ ହେବା ସହ ଜଳାପୋଡ଼ା ହୋଇ ଚେକା ଚେକା ଫଳିଯାଏ। କେତେବେଳେ ପେନ୍‌ସିଲ୍ ବା ହାତରେ କୁଣ୍ଡାଇ ଦେଲେ ସେହି ଜାଗା ମଧ ଆପେ ଆପେ ଫଳିଯାଏ। କିଛି ସମୟ ପରେ ସ୍ୱତଃପ୍ରବୃତ୍ତ ଭାବେ ଚାଲିଯାଏ ବା ଆଣ୍ଟି ଆଲର୍ଜି, ଆଣ୍ଟି ହିଷ୍ଟାମିନ୍ ଔଷଧ ସେବନ ଦ୍ୱାରା ସ୍ୱତଃ ଚାଲିଯାଇଥାଏ। ମାତ୍ର ଏହା ଏଥିରେ ଉପଶମ ନ ହୋଇ ବାରମ୍ବାର ବାହାରିଲେ ଏହାକୁ 'କ୍ରନିକ୍ ଆର୍ଟିକାରିଆ' ବୋଲି କୁହାଯାଏ। ଆର୍ଟିକାରିଆ ବିଭିନ୍ନ କାରଣରୁ ହୋଇପାରେ। ବେଶି ସମୟ ଉପାସରେ ରହିଲେ, ମିଠା ଜାତୀୟ ଖାଦ୍ୟ ଖାଇଲେ, ଥଣ୍ଡା ପାଣିରେ ଗାଧୋଇଲେ, ଏସି, କୁଲର ସାମ୍ନାରେ ଗରମରୁ ଆସି ବସିଲେ ମଧ ଏହି ସମସ୍ୟା ଦେଖାଯାଇପାରେ। ଏଥିରେ ଦହି, କଦଳୀ ଇତ୍ୟାଦି ଅତ୍ୟଧିକ ସେବନ କରିବା, ଥଣ୍ଡା ପାଣିରେ ଗାଧୋଇ ବିଜୁଳି ପଙ୍ଖା, ଏସିରେ ବସିବା, ଭୋକ ଉପାସରେ ରହିବା, ଅତ୍ୟଧିକ ଖଟା, ବାସି, ରାଗ, ତେଲ ମସଲା ସେବନ କରିବା, ଥଣ୍ଡାବାୟୁ ବା ଶୀତଳ ପବନରେ ଖୋଲା ଦେହରେ ବୁଲିଲେ ଏହା ହେବାର ଦେଖାଯାଏ। ସେହିପରି ବାତକଫ ପ୍ରାଧାନ୍ୟରେ 'ଉଦର୍ଦ୍ଦ' ନାମକ ଆଲର୍ଜି ହୋଇଥାଏ। ଏଥିରେ ଉଷୁମ ପାଣିରେ ଗାଧୋଇବା, ଥଣ୍ଡା ଉପଶମ କରିବା ପାଇଁ ଔଷଧ ସେବନ କଲେ ଏହା ଉପଶମ ହୋଇଥାଏ। ସେହିପରି କଫ ପିତ୍ତଜନିତ ଆଲର୍ଜି ଯୋଗୁ ଫଳିବା ଏବଂ ଏଥିରେ ଲାଲ୍ ଦେଖାଯିବାକୁ 'କୋଠ' ବୋଲି କୁହାଯାଏ।

ଆର୍ଟିକାରିଆ ହେବା ପୂର୍ବରୁ ଶୋଷ ଲାଗିବା, ଅରୁଚି, ଥକ୍କା, ବାନ୍ତି ଲାଗିବା, ଶରୀରରେ ବ୍ୟଥା ହେବା, ଅଙ୍ଗପ୍ରତ୍ୟଙ୍ଗ ଭାରି ଲାଗିବା, ଆଖି ଲାଲ୍ ଦେଖାଯାଇଥାଏ। ପରେ ଚର୍ମରେ ଚେକାଚେକା ଫଳି ଲାଲ୍ ଦେଖାଯାଏ, କୁଣ୍ଡାଇହୁଏ, ଜ୍ୱାଳା, ବାନ୍ତି ଲାଗିବା, ଶରୀରରେ ଯନ୍ତ୍ରଣା ଇତ୍ୟାଦି ଲକ୍ଷଣ ଦେଖାଯାଇଥାଏ। ଏହା ୬ ସପ୍ତାହ ଭିତରେ ବା ସାମୟିକ ଭାବେ ହୋଇ ଭଲ ହୋଇଯାଏ, ତାହାକୁ ଆକ୍ୟୁଟ୍ ବୋଲି କୁହାଯାଏ। ଏଥିରେ ତୁଟୁକା ଚିକିତ୍ସା ବା ଏଲୋପ୍ୟାଥିକ୍ ଔଷଧ ବ୍ୟବହାର ଦ୍ୱାରା ଭଲ ହୋଇଯାଏ। ମାତ୍ର ୬ ସପ୍ତାହରୁ ଅଧିକ ହେଲେ କ୍ରନିକ୍ ବୋଲି କୁହାଯାଏ। ଏହା କେବଳ ଆୟୁର୍ବେଦ ଉଷ୍ମ ଔଷଧ ସେବନ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ।

### ଆୟୁର୍ବେଦୀୟ ଉପଚାର

-ସୋରିଷ ତେଲରେ ସୈନ୍ଧବ ଲବଣ ପକାଇ ଅଳ୍ପ ଉଷୁମ କରି ତ୍ୱଚାରେ ଲଗାଇଲେ ଭଲ ହୁଏ।

-କ୍ଷୀରରେ ହଳଦୀ ପକାଇ ଗରମ କରି ମଲମ ଭଳି ହେଲେ ଚର୍ମରେ ଲଗାଇବେ।

-ଗୋଲମରିଚ ଗୁଣ୍ଡ ବା ହଳଦୀଗୁଣ୍ଡ ୧/୪ ଚାମଚକୁ ଗୋଘୃତ ସହ ସକାଳେ ଖାଲି ପେଟରେ ସେବନ କରିବେ।

-ଶୁଣ୍ଠି, ପିପ୍ପଳି, ଗୋଲମରିଚ ସମ ପରିମାଣରେ ନେଇ ଗୁଣ୍ଡ କରି ମହୁ ସହ ବା କ୍ଷୀର ସହ ସେବନ କରିବେ।

-ଏକ ଅଙ୍ଗୁଳି ପରିମାଣ ଅଦାକୁ ୧ଚାମଚ ଅଦାଗୁଡ଼ 'ଚା' ପରିଫୁଟାଇ ଉଷୁମ ୨ ଚାମଚ ୧ ଘଣ୍ଟା ଅନ୍ତରରେ ସେବନ କରିବେ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ଭାରତୀୟ ରେଳପଥରେ ନୂତନ ମାଲବାହୀ ସେବା ଆରମ୍ଭ

ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)

ଭାରତୀୟ ରେଳପଥ ମାଲ ପରିବହନରେ ଏକ ବଡ଼ ପଦକ୍ଷେପ ନେଇ ଉତ୍ତର ଅଞ୍ଚଳର ପ୍ରମୁଖ ଉତ୍ପାଦନ ଓ ଖାଉଟି କେନ୍ଦ୍ରଗୁଡ଼ିକୁ ସଂଯୋଗ କରି ସମୟସାରଣୀଭୁକ୍ତ, ପଣ୍ୟ-ନିର୍ଦ୍ଦିଷ୍ଟ ମାଲବାହୀ ସେବା ଆରମ୍ଭ କରିଛି। ଏହି ସେବାଗୁଡ଼ିକ ଗ୍ରାହକଙ୍କ ସନ୍ତୁଷ୍ଟି ବୃଦ୍ଧି, ନିର୍ଭରଯୋଗ୍ୟ ପରିବହନ ସମୟ ଏବଂ ଶିଳ୍ପ ଅନୁଯାୟୀ ଲଜିଷ୍ଟିକ୍ସ ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ନୂତନ ସେବା ମଧ୍ୟରେ ଲୁଧିଆନାରୁ ବାରାଣସୀ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ସେବା ରହିଛି। ଏଥିରେ ୭୦୪ କି.ମି. ଦୂରତ୍ୱରେ ଖାଦ୍ୟଶସ୍ୟ ପରିବହନ କରି ୧୭ ଘଣ୍ଟାରେ ପହଞ୍ଚୁଛି। ହରିୟାଣା ଫାରୁଖନଗରରୁ ଲକ୍ଷ୍ନୌ ପର୍ଯ୍ୟନ୍ତ ଗତି-ବାହନ ସେବା ମାଧ୍ୟମରେ ୫୫୭ କି.ମି. ଦୂରତ୍ୱରେ ଅଟୋମୋବାଇଲ ପରିବହନ କରି ୨୮ ଘଣ୍ଟାରେ ପହଞ୍ଚୁଛି । ପୂର୍ବରୁ ଏହା ୭୦ ଘଣ୍ଟା ସମୟ ନେଉଥିଲା। ଗଡ଼ିରୁ ମୁନ୍ଦ୍ରା ବନ୍ଦର ପର୍ଯ୍ୟନ୍ତ ନିର୍ଯାତ କାର୍ଗୋ ସେବା ମାଧ୍ୟମରେ ୧୦୬୧ କି.ମି. ଦୂରତ୍ୱରେ କଣ୍ଟେନର ପରିବହନ କରି ୩୨ ଘଣ୍ଟାରେ ପହଞ୍ଚୁଛି। ସେହିପରି ରୂପନଗରରୁ ଅନନ୍ତନାଗ ପର୍ଯ୍ୟନ୍ତ ଅନନ୍ତନାଗ ସିମେଣ୍ଟ କାର୍ଗୋ ସେବା ମାଧ୍ୟମରେ ୫୮୬ କି.ମି. ଦୂରତ୍ୱରେ ସିମେଣ୍ଟ ପରିବହନ କରି ୩୧ ଘଣ୍ଟାରେ ପହଞ୍ଚୁଛି। ଏଫସିଆଇ, ଅଟୋମୋବାଇଲ ଅପରେଟର, କଣ୍ଟେନର ଟ୍ରେନ ଅପରେଟର ଏବଂ ପାର୍ଶ୍ୱବର୍ତ୍ତୀ ରେଳ ଜୋନଗୁଡ଼ିକ ସହିତ ବ୍ୟାପକ ଯୋଜନା ଓ ସମନ୍ୱୟ କରାଯାଇ ଇଣ୍ଟରଡିଭିଜନାଲ ଓ ଇଣ୍ଟର ଜୋନାଲ ନେଟୱର୍କରେ ଉପଯୁକ୍ତ ପଥ ନିର୍ଦ୍ଧାରଣ କରାଯାଇଛି।

## ଜୀବନ ବୀମା ବ୍ୟବସାୟରେ ୬.୦୧% ବୃଦ୍ଧି

ଭୁବନେଶ୍ୱର,୨୧।୯

ଲାଇଫ ଇନ୍ସ୍ୟୁରାନ୍ସ କାଉନସିଲ ପକ୍ଷରୁ ପ୍ରକାଶିତ ୨୦୨୫ ଅଗଷ୍ଟ ମାସର ତଥ୍ୟ ଅନୁସାରେ, ଭାରତୀୟ ଜୀବନ ବୀମା କମ୍ପାନୀଗୁଡ଼ିକ ଚଳିତ ବର୍ଷ ଏନ୍‌ବିପିରେ ୬.୦୧% ବୃଦ୍ଧି ହାସଲ କରିଛନ୍ତି। ଗତ ବର୍ଷ ତୁଳନାରେ ଏନ୍‌ବିପି ୧୫୪,୧୯୩.୭୬ କୋଟିରୁ ୧୬୩,୪୬୧.୫୨ କୋଟିରେ ପହଞ୍ଚିଛି। ବ୍ୟକ୍ତିଗତ ଏକକ ପ୍ରିମିୟମ ୯.୭୧% ଏବଂ ବ୍ୟକ୍ତିଗତ ଅଣ-ଏକକ ପ୍ରିମିୟମ ୪.୫୧% ବୃଦ୍ଧି ପାଇଛି। ମୋଟ ବ୍ୟକ୍ତିଗତ ପ୍ରିମିୟମ ସଂଗ୍ରହ ୬.୨୦% ବୃଦ୍ଧି ପାଇଛି।

## ସିଜିୟୁ-ଆଇଭିପି ସେମିକଣ୍ଡକ୍ଟର ମଧ୍ୟରେ ଚୁକ୍ତି



ଭୁବନେଶ୍ୱର,୨୧।୯

ଭୁବନେଶରସ୍ଥିତ ସି. ଭି. ରମଣ ଗ୍ଲୋବାଲ ୟୁନିଭରସିଟି (ସିଜିୟୁ)ର ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗରେ ସେମିକଣ୍ଡକ୍ଟର ଡିଜାଇନରେ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରାଯିବ। ଏଥିପାଇଁ ସିଜିୟୁ ଏବଂ ଆଇଭିପି ସେମିକଣ୍ଡକ୍ଟର ସହିତ ଏକ ଚୁକ୍ତିନାମା (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ସିଜିୟୁର କୁଳପତି ଭାଇସ ପ୍ରଫେସର ଡ. ବଂଶୀଧର ମାଝୀ ଏବଂ ଆଇଭିପିର ପ୍ରତିଷ୍ଠାତା ଏବଂ ସିଇଓ ପି. ରାଜା ମାଣିକମ ଏମଓୟୁରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆଇଭିପି ସେମିକଣ୍ଡକ୍ଟରର ଡିଜାଇନ ମୁଖ୍ୟ ତୁଷାରକାନ୍ତି ଭଟ୍ଟାଚାର୍ଯ୍ୟ ଏବଂ ସିଜିୟୁର ପ୍ରୋ ଭାଇସ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ, ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାଣିକମ କହିଥିଲେ, ଏହି ସହଭାଗିତାର ପ୍ରାଥମିକ ଲକ୍ଷ୍ୟ ଓଡ଼ିଶା ଏବଂ ଭାରତର ସେମିକଣ୍ଡକ୍ଟର ମିଶନର ଆବଶ୍ୟକତା ଅନୁଯାୟୀ ବଜାର ପ୍ରସ୍ତୁତ ପ୍ରଡକ୍ଟ ବିକଶିତ କରି ଏବଂ ଛାତ୍ରୀଛାତ୍ର, ଗବେଷକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା।

## ୨୭୦୦ମହିଳା ଉଦ୍ୟୋଗୀଙ୍କୁ ମିଳିବ ତାଲିମ

ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)

ଓଡ଼ିଶାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହ ଜଡ଼ିତ ୨୭୦୦ରୁ ଅଧିକ ମହିଳା ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରିବା ଓ ସହଭାଗିତା କରିବା ପାଇଁ ଏଫଏମସିଜି କମ୍ପାନୀ ହିନ୍ଦୁସ୍ଥାନ କୋକା-କୋଲା ବେଭ୍ରେଜେସ (ଏଚ୍‌ସିସିବି) ଓ ମିଶନ ଶକ୍ତି ବିଭାଗ ମଧ୍ୟରେ ଏକ ଲେଟର ଅଫ୍ ଅଣ୍ଡରଷ୍ଟାଣ୍ଡିଙ୍ଗ (ଏଲ୍‌ଓୟୁ) ସ୍ୱାକ୍ଷର ହୋଇଛି। ଭୁବନେଶ୍ୱରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମିଶନ ଶକ୍ତି ବିଭାଗ କମିଶନର ଓ ସଚିବ ଶାଳିନୀ ପଣ୍ଡିତ, ମିଶନ ଶକ୍ତି ବିଭାଗର ଷ୍ଟେଟ ମିଶନର ନିର୍ଦ୍ଦେଶକ ଓ ସିଇଓ ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ଏଚସିସିବିର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସଆର୍) ମୁଖ୍ୟ ଶ୍ୱେତା ପୁନିଆଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିଲା।



ଏଚ୍‌ସିସିବି-ମିଶନ ଶକ୍ତି ବିଭାଗ ମଧ୍ୟରେ ଏଲ୍‌ଓୟୁ ସ୍ୱାକ୍ଷର କରାଯାଉଛି।










Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Monday, September 22/2025 Page 16 ₹ 7.00 | RAYAGADA
୫୧ଶ ଭାଗ ୨୯୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 298 ମୂଲ୍ୟ ₹୭/-



ଦେଶକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ରବିବାର ଅନୁଷ୍ଠିତ 'ନମୋ ଯୁବା ରନ୍ – ଫର୍ ନିଶାମୁକ୍ତ ଭାରତ' ଗଣଦୌଡ଼ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ଯୁବଗୋଷ୍ଠୀ ପ୍ରମୁଖ ସାମିଲ ହୋଇଛନ୍ତି। **(ଫଟୋ: ବିକାଶ ନାୟକ)**

# ସଂକଳ୍ପ ପୂରଣ କରିବେ ଯୁବବର୍ଗ: ମୁଖ୍ୟମନ୍ତ୍ରୀ

## 'ନମୋ ଯୁବା ରନ୍- ଫର୍ ନିଶାମୁକ୍ତ ଭାରତ' ପାଇଁ ଗଣଦୌଡ଼

ଭୁବନେଶ୍ୱର,୨୧।୯(ରବିନାରାୟଣ ଜେନା)

ଯୁବଶକ୍ତି ହିଁ ରାଷ୍ଟ୍ର ନିର୍ମାଣର ମୁଖ୍ୟ କର୍ଣ୍ଣଧାର। ଦେଶକୁ ନିଶାମୁକ୍ତ କରିବାର ଦାୟିତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁବବର୍ଗଙ୍କ ଉପରେ ଅର୍ପଣ କରିଛନ୍ତି। ଆପଣମାନେ ହିଁ ମୋଦିଜୀଙ୍କ ସଂକଳ୍ପକୁ ପୂରଣ କରିପାରିବେ ଏବଂ ଏ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରବିବାର କଳିଙ୍ଗ ଷ୍ଟାଡିୟମଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଶାଳ ଗଣଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ସଙ୍କଳ୍ପ କରାଇ କହିଥିଲେ, ଆସନ୍ତୁ ଆମେ ସମସ୍ତେ ସଙ୍କଳ୍ପ ନେବା, ନିଶାମୁକ୍ତ ସମାଜ ତଥା ଭାରତ ଗଠନ କରିବା, ଯୁବବର୍ଗର ଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ଦେଶ ଗଠନରେ ଉପଯୋଗ କରିବା। ସମସ୍ତେ ଏକାଠି ହୋଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଯୋଗଦାନ ଦେବା। ସେ କହିଥିଲେ, ଆଜିର ଏହି 'ନମୋ ଯୁବା ରନ୍ – ଫର୍ ନିଶାମୁକ୍ତ ଭାରତ'ର ଆଭିମୁଖ୍ୟ ହେଲା, ଯୁବଶକ୍ତି ନିଶାଠାରୁ ଦୂରେଇ ରହି ରାଜ୍ୟ ତଥା ଦେଶରେ ନିଜକୁ ସାମିଲ କରିବାର ଆବଶ୍ୟକତା ରହିଛି। ଭାରତବର୍ଷକୁ ନିଶାମୁକ୍ତ କରିବା ପାଇଁ ମୋଦିଙ୍କ ଏହି ନୂଆ ସଂକଳ୍ପ ଯୁବବର୍ଗଙ୍କୁ ରାଷ୍ଟ୍ର ଗଠନ ଦିଗରେ ପ୍ରେରିତ କରିବ। ଯୁବବର୍ଗ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ଅଛି। ଯୁବବର୍ଗଙ୍କ ଜ୍ଞାନ, ଦକ୍ଷତା, କର୍ମ କୁଶଳତା ଓ ଦାୟିତ୍ୱବୃଦ୍ଧି ଜରିଆରେ ସେ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ରଖିଛନ୍ତି।

ସେ କହିଥିଲେ, ଦେଶର ଦାରିଦ୍ର୍ୟ ବର୍ତ୍ତମାନ ସର୍ବନିମ୍ନ ସ୍ତରରେ ଅଛି। ସବୁ ଗାଁକୁ ବିଜୁଳି, ସବୁ ଗାଁକୁ ପିଇବା ପାଣି ଯୋଗାଣ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣତା ହାସଲ କରିବାର ଦ୍ୱାରଦେଶରେ ପହଞ୍ଚି ସାରିଛୁ। ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆଦି କାର୍ଯ୍ୟକ୍ରମ ଦେଶକୁ ଆତ୍ମନିର୍ଭରତାର ରାସ୍ତାରେ ଆଗକୁ ନେଉଛି। ନିଶାମୁକ୍ତି ଅଭିଯାନ ବିଷୟରେ କହିବାକୁ ଯାଇ ସେ କହିଥିଲେ, ଆଜିର ସମାଜରେ ମଦ୍ୟପାନ, ଗୁଟ୍‌ଖା, ☞ପୃଷ୍ଠା–୭

# ୩୦ ସୁଦ୍ଧା ଏସ୍‌ଆଇଆର୍ ପ୍ରସ୍ତୁତି

**ସିଇଓମାନଙ୍କୁ ନିର୍ବାଚନ କମିଶନଙ୍କ ପରାମର୍ଶ**

**ଅକ୍ଟୋବର-ନଭେମ୍ବରରୁ ଆରମ୍ଭ ହୋଇପାରେ ଭୋଟର ତାଲିକା ସଂଶୋଧନ**

ନୂଆଦିଲ୍ଲୀ,୨୧।୯(ପି.ଟି.)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସେପ୍ଟେମ୍ବର ୩୦ ସୁଦ୍ଧା ଆରମ୍ଭ କରିବାକୁ ପ୍ରସ୍ତୁତ ହେବା ପାଇଁ ନିର୍ବାଚନ କମିଶନ (ଇସି) ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ କର୍ତ୍ତୃପକ୍ଷ ଅକ୍ଟୋବର-ନଭେମ୍ବରରୁ ଭୋଟର ତାଲିକାରେ ସଂଶୋଧନ ଆରମ୍ଭ କରିବାକୁ ଚାହୁଁଥିବା ନେଇ ଏଥିରୁ ସଙ୍କେତ ମିଳିଛି।

ନୂଆଦିଲ୍ଲୀରେ ରାଜ୍ୟ ସିଇଓମାନଙ୍କୁ ନେଇ ନିକଟରେ ଅନୁଷ୍ଠିତ ଏକ ବୈଠକରୁ ଜଣାପଡ଼ିଛି ଯେ, ଇସିଙ୍କ ବରିଷ୍ଠ ଅଧିକାରୀମାନେ ଆଗାମୀ ୧୦ରୁ ୧୫ ଦିନ ମଧ୍ୟରେ ଏସ୍‌ଆଇଆର୍ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅଧିକ ସ୍ପଷ୍ଟତା ଆଣିବା ପାଇଁ ସେପ୍ଟେମ୍ବର ୨୯କୁ ଡେଡ୍‌ଲାଇନ୍ ଧାର୍ଯ୍ୟ କରାଯାଇଥିଲା। ସିଇଓମାନଙ୍କୁ ରାଜ୍ୟରେ ଗତ ଏସ୍‌ଆଇଆର୍ ପରେ ପ୍ରକାଶିତ ଭୋଟର ତାଲିକା ଦାଖଲ ପାଇଁ କୁହାଯାଇଥିଲା। ଅନେକ ସିଇଓ ସେମାନଙ୍କ ରାଜ୍ୟର ଭୋଟର ତାଲିକା ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିସାରିଲେଣି। ଦିଲ୍ଲୀ ସିଇଓଙ୍କ ନିକଟରେ ୨୦୦୮ର ଭୋଟର ☞ପୃଷ୍ଠା–୭

# ରୋଗ ଯନ୍ତ୍ରଣା ଅସହ୍ୟ ହେବାରୁ ଦେହରେ ନିଆଁ ଲଗାଇଲେ ଯୁବକ

ଭଦ୍ରକ,୨୧।୯(ସନାତନ ରାଉତ)

ଅସହ୍ୟ ହେଲା ରୋଗ ଯନ୍ତ୍ରଣା। ନିଜ ଦେହରେ ନିଆଁ ଲଗାଇଦେଲେ ଯୁବକ। ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବନ୍ଧଗାଁ ପଞ୍ଚାୟତର ଭୋଳିଆ ଗ୍ରାମରେ। ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ମଦନ ବାରିକଙ୍କ ପୁଅ ଦିଲୀପ(୨୮)। ତାଙ୍କ ଶରୀର ପ୍ରାୟ ୫୦ ପ୍ରତିଶତ ପୋଡ଼ିହୋଇ ଯାଇଥିବା ବେଳେ ସେ ଏବେ କଟକ ବଡ଼ ଡାକ୍ତରଖାନାରେ ☞ପୃଷ୍ଠା–୭

DSPL-265

ଓମ୍ଫେଡ୍ ®

କ୍ଷୀର ଓଡ଼ିଶାର

ଜିଏସ୍‌ଟି ସଂସ୍କାର ପରେ ଆହୁରି ସୁଲଭ ମୂଲ୍ୟରେ ଶୁଦ୍ଧତା
ଓମ୍ଫେଡ୍‌ର ଉତ୍ତମ ଗୁଣବତ୍ତା
ବିଶିଷ୍ଟ ଦୁଗ୍ଧଜାତ ଦ୍ରବ୍ୟ






ଜିଏସ୍ ଟି ହ୍ରାସ ଯୋଗୁଁ ତା ୨୨/୦୯/୨୦୨୫ ରିଖଠାରୁ ନିମ୍ନଲିଖିତ ଓମ୍ଫେଡ୍ ଦୁଗ୍ଧଜାତ ଉତ୍ପାଦର ମୂଲ୍ୟ ହ୍ରାସ

| | ମାପ/ଓଜନ | ପ୍ୟାକ୍ | ପୁରୁଣା ଦର | | ପରିବର୍ତ୍ତିତ ହ୍ରାସ ଦର (ତା ୨୨/୦୯/୨୦୨୫ ରିଖରୁ ଲାଗୁ) | | ଜିଏସ୍ ଟି ସଞ୍ଚୟ |
|---|---|---|---|---|---|---|---|
| | | | ଜିଏସ୍ ଟି | ସର୍ବାଧିକ ମୂଲ୍ୟ | ଜିଏସ୍ ଟି | ସର୍ବାଧିକ ମୂଲ୍ୟ | |
| ଟୋନ୍ଡ୍ ମିଲ୍କ | ୫୦୦ ମିଲି | ଟେଟ୍ରା ପ୍ୟାକ୍ | ୫ ପ୍ରତିଶତ | ୩୯.୦୦ | ୦ ପ୍ରତିଶତ | ୩୭.୦୦ | ୨.୦୦ |
| | ୧ ଲି. | ଟେଟ୍ରା ପ୍ୟାକ୍ | ୫ ପ୍ରତିଶତ | ୭୦.୦୦ | ୦ ପ୍ରତିଶତ | ୬୭.୦୦ | ୩.୦୦ |
| ପନୀର | ୨୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୮୦.୦୦ | ୦ ପ୍ରତିଶତ | ୭୫.୦୦ | ୫.୦୦ |
| | ୫୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୧୯୦.୦୦ | ୦ ପ୍ରତିଶତ | ୧୮୦.୦୦ | ୧୦.୦୦ |
| ପନୀର୍ (ମିଡିଅମ ଫ୍ୟାଟ୍) | ୨୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୭୦.୦୦ | ୦ ପ୍ରତିଶତ | ୬୭.୦୦ | ୩.୦୦ |
| | ୫୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୧୭୫.୦୦ | ୦ ପ୍ରତିଶତ | ୧୭୦.୦୦ | ୫.୦୦ |
| ଫ୍ଲେଭର୍ଡ୍ ମିଲ୍କ (ଏସ୍‌ଏଫ୍‌ଏମ୍) | ୧୮୦ ମିଲି. | ବୋତଲ-ପ୍ଲାଷ୍ଟିକ୍ | ୧୨ ପ୍ରତିଶତ | ୨୫.୦୦ | ୫ ପ୍ରତିଶତ | ୨୩.୦୦ | ୨.୦୦ |
| | ୧୮୦ ମିଲି. | ବୋତଲ-ଗ୍ଲାସ | ୧୨ ପ୍ରତିଶତ | ୨୫.୦୦ | ୫ ପ୍ରତିଶତ | ୨୩.୦୦ | ୨.୦୦ |
| ଟେବଲ ବଟର | ୧୦୦ ଗ୍ରା. | ପ୍ୟାକେଟ୍ | ୧୨ ପ୍ରତିଶତ | ୬୦.୦୦ | ୫ ପ୍ରତିଶତ | ୫୭.୦୦ | ୩.୦୦ |
| | ୫୦୦ ଗ୍ରା. | ପ୍ୟାକେଟ୍ | ୧୨ ପ୍ରତିଶତ | ୨୯୦.୦୦ | ୫ ପ୍ରତିଶତ | ୨୭୨.୦୦ | ୧୮.୦୦ |
| ଘିଅ | ୧ ଲି. | ପଲି ଜାର୍ | ୧୨ ପ୍ରତିଶତ | ୭୧୦.୦୦ | ୫ ପ୍ରତିଶତ | ୬୬୫.୦୦ | ୪୫.୦୦ |
| | ୫୦୦ ମିଲି. | ପଲି ଜାର୍ | ୧୨ ପ୍ରତିଶତ | ୩୭୦.୦୦ | ୫ ପ୍ରତିଶତ | ୩୫୦.୦୦ | ୨୦.୦୦ |
| | ୨୦୦ ମିଲି. | ପଲି ଜାର୍ | ୧୨ ପ୍ରତିଶତ | ୧୫୦.୦୦ | ୫ ପ୍ରତିଶତ | ୧୪୦.୦୦ | ୧୦.୦୦ |
| | ୧ ଲି. ଟିଣ | ଟିଣ | ୧୨ ପ୍ରତିଶତ | ୭୨୦.୦୦ | ୫ ପ୍ରତିଶତ | ୬୭୫.୦୦ | ୪୫.୦୦ |
| | ୫୦୦ ମିଲି. | ଟିଣ | ୧୨ ପ୍ରତିଶତ | ୩୭୦.୦୦ | ୫ ପ୍ରତିଶତ | ୩୪୫.୦୦ | ୨୫.୦୦ |
| | ୨୦୦ ମିଲି. | ଟିଣ | ୧୨ ପ୍ରତିଶତ | ୧୬୦.୦୦ | ୫ ପ୍ରତିଶତ | ୧୫୦.୦୦ | ୧୦.୦୦ |
| | ୧ ଲି. | ପାଉଚ୍ | ୧୨ ପ୍ରତିଶତ | ୬୬୦.୦୦ | ୫ ପ୍ରତିଶତ | ୬୨୦.୦୦ | ୪୦.୦୦ |
| | ୫୦୦ ମିଲି. | ପାଉଚ୍ | ୧୨ ପ୍ରତିଶତ | ୩୩୫.୦୦ | ୫ ପ୍ରତିଶତ | ୩୧୫.୦୦ | ୨୦.୦୦ |
| | ୨୦୦ ମିଲି. | ପାଉଚ୍ | ୧୨ ପ୍ରତିଶତ | ୧୪୦.୦୦ | ୫ ପ୍ରତିଶତ | ୧୩୦.୦୦ | ୧୦.୦୦ |
| | ୫ ଲି. | ପଲି ଜାର୍ | ୧୨ ପ୍ରତିଶତ | ୩.୫୦୦.୦୦ | ୫ ପ୍ରତିଶତ | ୩,୨୮୦.୦୦ | ୨୨୦.୦୦ |
| | ୧୫ ଲି. | ଟିଣ | ୧୨ ପ୍ରତିଶତ | ୮,୧୫୨.୦୦ | ୫ ପ୍ରତିଶତ | ୭,୬୪୫.୦୦ | ୫୦୭.୦୦ |
| | ୩୫ ମିଲି. | ପାଉଚ୍ | ୧୨ ପ୍ରତିଶତ | ୩୦.୦୦ | ୫ ପ୍ରତିଶତ | ୨୮.୦୦ | ୨.୦୦ |
| | ୧୫ ମିଲି. | ପାଉଚ୍ | ୧୨ ପ୍ରତିଶତ | ୧୫.୦୦ | ୫ ପ୍ରତିଶତ | ୧୪.୦୦ | ୧.୦୦ |
| A-2 ଦେଶୀ ଘିଅ | ୩୫୦ ମିଲି | ଗ୍ଲାସ ଜାର | ୧୨ ପ୍ରତିଶତ | ୪୫୦.୦୦ | ୫ ପ୍ରତିଶତ | ୪୨୨.୦୦ | ୨୮.୦୦ |
| | ୧୭୫ ମିଲି | ଗ୍ଲାସ ଜାର | ୧୨ ପ୍ରତିଶତ | ୨୫୦.୦୦ | ୫ ପ୍ରତିଶତ | ୨୩୪.୦୦ | ୧୬.୦୦ |

*ଜିଏସ୍‌ଟି ହାରରେ ପରିବର୍ତ୍ତନ ହେବାରୁ ଓମଫେଡ୍ ଆଇସ୍ କ୍ରିମ୍‌ର ବିଭିନ୍ନ ଏସ୍‌କେୟୁ (SKU) ର ଅଧିକତମ ମୂଲ୍ୟ (MRP) ହ୍ରାସ କରାଯାଇଛି।

**ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ଫେଡରେସନ୍ ଲିମିଟେଡ୍ (ଓମ୍ଫେଡ୍)**

OIPR-06063/13/0232/2526

**ଗୁଜରାଟ, ମେଘାଳୟରେ ଭୂକମ୍ପ**

ଗୁଜରାଟ ଓ ମେଘାଳୟରେ ରବିବାର ଭୂକମ୍ପ ଅନୁଭୂତ ହୋଇଛି। ଗୁଜରାଟର କଚ୍ଛ ଜିଲାରେ ସକାଳ ୬ଟା ୪୧ରେ ହୋଇଥିବା ପ୍ରଥମ ଭୂକମ୍ପର ତୀବ୍ରତା ୨.୬ ଥିବାବେଳେ ଅପରାହ୍ନ ୧୨ଟା ୪୧ ମିନିଟ୍‌ରେ ୩.୧ ତୀବ୍ରତାର ଦ୍ୱିତୀୟ ଭୂକମ୍ପ ହୋଇଥିଲା। ସେହିପରି ବାଂଲାଦେଶରେ ପୂର୍ବାହ୍ନ ୧୧ଟା ୪୯ରେ ୪ ତୀବ୍ରତାର ଭୂକମ୍ପ ହୋଇଥିବାବେଳେ ଏହାର ଝଟକା ମେଘାଳୟରେ ଅନୁଭୂତ ହୋଇଛି।



ଇସ୍ରାଏଲ୍‌ର ସାମରିକ ଅଭିଯାନ ଯୋଗୁ ବିସ୍ଥାପିତ ପାଲେଷ୍ଟିନୀୟମାନେ ଉତ୍ତର ଗାଜାରୁ ଦକ୍ଷିଣାଞ୍ଚଳକୁ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

# ପାଲେଷ୍ଟିନୀୟ ରାଷ୍ଟ୍ରକୁ ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆର ସ୍ୱୀକୃତି

**ଲଣ୍ଡନ,୨୧।୯**

ଏକ ଐତିହାସିକ ଘଟଣାକ୍ରମେ ବ୍ରିଟେନ୍, କାନାଡା ଏବଂ ଅଷ୍ଟ୍ରେଲିଆ ରବିବାର ପାଲେଷ୍ଟିନୀୟ ରାଷ୍ଟ୍ରକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆମେରିକା ଓ ଇସ୍ରାଏଲ୍‌ର ପ୍ରବଳ ବିରୋଧ ସତ୍ତ୍ୱେ ବ୍ରିଟେନ୍ ପାଲେଷ୍ଟିନୀୟ ରାଷ୍ଟ୍ରକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଥିବା ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ସ୍ପଷ୍ଟ କରିଛନ୍ତି। ବ୍ରିଟେନ୍ ପରେ କାନାଡା ଓ ଅଷ୍ଟ୍ରେଲିଆ ମଧ୍ୟ ଅନୁରୂପ ଘୋଷଣା କରିଛନ୍ତି। ପାଲେଷ୍ଟିନୀୟ ଓ ଇସ୍ରାଏଲୀଙ୍କ ପାଇଁ ଶାନ୍ତିର ଆଶାକୁ ପୁନର୍ଜୀବିତ କରାଇବା ଏହି ପଦକ୍ଷେପର ଉଦ୍ଦେଶ୍ୟ ବୋଲି ଷ୍ଟାର୍ମର କହିଛନ୍ତି। ଯଦିଓ ଏହି ପଦକ୍ଷେପ ପ୍ରତୀକାତ୍ମକ, ତେବେ ଏହା ଏକ ଐତିହାସିକ ମୁହୂର୍ତ୍ତ। ଗାଜା ଯୁଦ୍ଧ ବନ୍ଦ କରିବା ଏବଂ ଦୀର୍ଘମିଆଦୀ ଶାନ୍ତି ସ୍ଥାପନରେ ସହାୟତା ପାଇଁ ବ୍ରିଟେନ୍ କୂଟନୈତିକ ଚାପ ବଢ଼ାଇଛି। ଇସ୍ରାଏଲ୍ ଗାଜା ଯୁଦ୍ଧ ବନ୍ଦ ନ କଲେ ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱୀକୃତି ପ୍ରଦାନ କରାଯିବ ବୋଲି ଷ୍ଟାର୍ମର ଜୁଲାଇରେ ଘୋଷଣା କରିଥିଲେ। ଏଥିପାଇଁ ଶାସକ ଦଳ ଲେବର ପାର୍ଟି ପକ୍ଷରୁ ତାଙ୍କ ଉପରେ ଚାପ ପକାଯାଇଥିଲା।

ପାଲେଷ୍ଟାଇନ ରାଷ୍ଟ୍ରକୁ କେବଳ ବ୍ରିଟେନ୍ ସ୍ୱୀକୃତି ଦେଇନାହିଁ, ଇତିମଧ୍ୟରେ ୧୪୦ରୁ ଊର୍ଦ୍ଧ୍ୱ ଦେଶ ଏଭଳି ପଦକ୍ଷେପ ନେଇସାରିଲେଣି। ଚଳିତ ସପ୍ତାହରେ ଜାତିସଂଘ ସାଧାରଣ ସଭା ହେବାକୁ ଥିବାବେଳେ ଫ୍ରାନ୍ସ ସମେତ ଆଉ କେତେକ ଦେଶ ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱୀକୃତି ଦେବା ଆଶା କରାଯାଉଛି।

# ଗାଜା ସିଟିରେ ଇସ୍ରାଏଲ୍‌ର ଆକ୍ରମଣ: ୩୪ ମୃତ

**କାଇରୋ,୨୧।୯**

ଗାଜା ସିଟିରେ ଇସ୍ରାଏଲ୍ ଶନିବାର ରାତିରେ ଜୋର୍‌ଦାର ଆକ୍ରମଣ କରିଛି। ଏଥିରେ ୩୪ ଜଣ ପାଲେଷ୍ଟିନୀୟ ନିହତ ହୋଇଥିବା ସେଠାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଶିଫା ହସ୍ପିଟାଲରେ ଅଧିକାଂଶ ମୃତଦେହ ପହଞ୍ଚିଥିବାବେଳେ ସେମାନଙ୍କ ମଧ୍ୟରେ ଉକ୍ତ ହସ୍ପିଟାଲର ଜଣେ କର୍ମଚାରୀ, ତାଙ୍କ ସ୍ତ୍ରୀ ଓ ୩ ପିଲା ଅଛନ୍ତି। ଗାଜା ସିଟିକୁ ସମ୍ପୂର୍ଣ୍ଣ ଦଖଲ କରିବା ପାଇଁ ଇସ୍ରାଏଲୀ ସେନା ସେଠାର ଲୋକଙ୍କୁ ସହର ଛାଡ଼ି ଚାଲିଯିବାକୁ କହିବା ସହ ସ୍ଥଳଯୁଦ୍ଧକୁ ଜୋର୍‌ଦାର କରିଛି। ଯୁଦ୍ଧବିରତି ଉଦ୍ୟମ ବିଫଳ ହୋଇଥିବାବେଳେ ଅଧିକରୁ ଅଧିକ ଦେଶ ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱୀକୃତି ଦେବାକୁ ପ୍ରସ୍ତୁତ ହେଉଛନ୍ତି।

**ବେତନ, ପେନ୍‌ସନ, ସୁଧ ପୈଠ**

# ୧୦ ବର୍ଷରେ ଖର୍ଚ୍ଚ ୨.୫ ଗୁଣ ବଢ଼ିଛି

**ନୂଆଦିଲ୍ଲୀ,୨୧।୯ (ପି.ଟି.)**

କର୍ମଚାରୀଙ୍କୁ ବେତନ ଓ ପେନ୍‌ସନ ପ୍ରଦାନ ଏବଂ ସୁଧ ପୈଠ କରିବାରେ ରାଜ୍ୟଗୁଡ଼ିକର ଖର୍ଚ୍ଚ ୧୦ ବର୍ଷ ମଧ୍ୟରେ ୨.୪୯ ଗୁଣ ବୃଦ୍ଧି ପାଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ଏ ବାବଦ ରାଜ୍ୟଗୁଡ଼ିକର ମୋଟ ଖର୍ଚ୍ଚ ୬,୨୬,୮୪୯ କୋଟି ଟଙ୍କା ଥିବାବେଳେ ୨୦୨୨-୨୩ରେ ତାହା ୧୫,୬୩,୬୪୯ କୋଟି ଟଙ୍କାରେ ପହଞ୍ଚିଥିବା ରାଜ୍ୟ ଫାଇନାନ୍ସ ଉପରେ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) ରିପୋର୍ଟରୁ ଜଣାପଡ଼ିଛି। ଉପରୋକ୍ତ ୧୦ ବର୍ଷରେ ରାଜ୍ୟଗୁଡ଼ିକର ରାଜସ୍ୱ ବ୍ୟୟ ମୋଟ ବ୍ୟୟର ୮୦ରୁ ୮୭ ପ୍ରତିଶତ ହୋଇଥିବାବେଳେ ମୋଟ ଜିଏସ୍‌ଡିପି (ମୋଟ ରାଜ୍ୟ ଘରୋଇ ଉତ୍ପାଦ)ର ୧୩.୮୫ ପ୍ରତିଶତ। ସିଏଜି ପକ୍ଷରୁ ପ୍ରଥମ ଥର ପାଇଁ ଏଭଳି ରିପୋର୍ଟ ପ୍ରକାଶ ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୨୮ ରାଜ୍ୟର ମୋଟ ରାଜସ୍ୱ ବ୍ୟୟ ପରିମାଣ ୩୫,୯୫,୭୩୬ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ଦରମା, ପେନ୍‌ସନ ଓ ସୁଧ ପୈଠ ବାବଦ ବ୍ୟୟ (କମିଟେଡ୍ ଏକ୍ସପେନ୍ସ) ୧୫,୬୩,୬୪୯ କୋଟି, ସବ୍‌ସିଡି ବାବଦ ବ୍ୟୟ ୩,୦୯,୬୨୫ କୋଟି ଏବଂ ଅନୁଦାନ ବାବଦ ବ୍ୟୟ ୧୧,୨୬,୪୮୬ କୋଟି ଟଙ୍କା। ଏହି ୩ଟିରେ ମୋଟ ୨୯,୯୯,୭୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ମୋଟ ରାଜସ୍ୱ ବ୍ୟୟର ୮୩ ପ୍ରତିଶତରୁ ଅଧିକ। ୨୦୧୩-୧୪ ଆର୍ଥିକ ବର୍ଷରେ ବେତନ, ପେନ୍‌ସନ ଓ ସୁଧ ପୈଠ ବାବଦ ବ୍ୟୟ ୬,୨୬,୮୪୯ କୋଟି ଟଙ୍କା ହୋଇଥିବାବେଳେ ୨୦୨୨-୨୩ରେ ତାହା ୧୫,୬୩,୬୪୯ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଏହି ସମୟ ମଧ୍ୟରେ ସବ୍‌ସିଡି ବ୍ୟୟ ୯୬,୪୭୯ କୋଟିରୁ ବଢ଼ି ୩,୦୯,୬୨୫ କୋଟିରେ ପହଞ୍ଚିଛି। ଉପରୋକ୍ତ ୧୦ ବର୍ଷରେ ରାଜସ୍ୱ ବ୍ୟୟ ୨.୬୬ ଗୁଣ ବଢ଼ିଥିବାବେଳେ ପ୍ରତିବଦ୍ଧ ବ୍ୟୟ ୨.୪୯ ଗୁଣ ଏବଂ ସବ୍‌ସିଡି ବ୍ୟୟ ୩.୨୧ଗୁଣ ବୃଦ୍ଧି ପାଇଛି।

୧୯ଟି ରାଜ୍ୟରେ ବେତନ ବାବଦ ବ୍ୟୟ ସର୍ବାଧିକ ହୋଇଥିବାବେଳେ ଏହା ପଛକୁ ପେନ୍‌ସନ ଓ ସୁଧ ପୈଠ ବ୍ୟୟ ରହିଛି। ୯ଟି ରାଜ୍ୟରେ ପେନ୍‌ସନଠାରୁ ସୁଧ ପୈଠରେ ଅଧିକ ବ୍ୟୟ ହେଉଛି। ସେହି ରାଜ୍ୟଗୁଡ଼ିକ ହେଲେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ହରିୟାଣା, କର୍ନାଟକ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା ଓ ପଶ୍ଚିମବଙ୍ଗ। ୨୦୨୨-୨୩ ଆର୍ଥିକ ବର୍ଷରେ ୧୭ଟି ରାଜ୍ୟ ରାଜସ୍ୱ ବଳକା ଲକ୍ଷ୍ୟ ରଖିଥିବାବେଳେ ୫ଟି ରାଜ୍ୟରେ ରାଜସ୍ୱ ନିଅଣ୍ଟ ଏବଂ ୬ ରାଜ୍ୟରେ ଶୂନ ରାଜସ୍ୱ ନିଅଣ୍ଟ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ତେବେ ରାଜସ୍ୱ ବଳକା ଲକ୍ଷ୍ୟ ରଖିଥିବା ୧୭ ରାଜ୍ୟ ମଧ୍ୟରୁ ଆସାମ, ବିହାର, ହିମାଚଳପ୍ରଦେଶ, ମେଘାଳୟ ଓ ରାଜସ୍ଥାନରେ ରାଜସ୍ୱ ନିଅଣ୍ଟ ଦେଖାଦେଇଥିଲା।

# ବିହାର ଅଧିକାର ଯାତ୍ରାରେ ମୋଦିଙ୍କ ମାଆଙ୍କୁ ଆର୍‌ଜେଡି କର୍ମୀଙ୍କ ଗାଳି

**ପାଟନା,୨୧।୯**

ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ 'ବିହାର ଅଧିକାର ଯାତ୍ରା' ଶନିବାର ଶେଷ ହୋଇଛି। ଏହି ଯାତ୍ରା ଅବସରରେ ଆର୍‌ଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିବଂଗତ ମାଆଙ୍କୁ ଗାଳି ଦେଇଥିବା ଭାଜପା ରବିବାର ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ବିରୋଧରେ ଦଳୀୟ କର୍ମୀମାନେ ଅପମାନଜନକ ମନ୍ତବ୍ୟ ଦେଉଥିବାବେଳେ ତେଜସ୍ୱୀ ମଞ୍ଚରେ ଉପସ୍ଥିତ ଥିଲେ ବୋଲି ଅଭିଯୋଗ ହୋଇଛି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ତାଙ୍କ ଏକ୍ସ ହ୍ୟାଣ୍ଡେଲ୍‌ରେ ଉକ୍ତ ଭିଡିଓ ଶେୟାର କରିବା ସହ ଲେଖିଛନ୍ତି, ତେଜସ୍ୱୀ ଯାଦବ ପୁଣିଥରେ ମୋଦିଜୀଙ୍କ ମାଆଙ୍କୁ ଅପମାନିତ କରିଛନ୍ତି। ସେ ବିହାର ସଂସ୍କୃତିଠାରୁ ପୁନର୍ବାର ଦୂରେଇ ଯାଇଛନ୍ତି। ଏଥିପାଇଁ କର୍ମୀମାନଙ୍କୁ ତେଜସ୍ୱୀ ପ୍ରୋତ୍ସାହିତ କରିଥିଲେ। ବିହାରର ମାଆ ଓ ଭଉଣୀମାନେ ନିଶ୍ଚୟ ଏଥିପାଇଁ ତେଜସ୍ୱୀଙ୍କୁ ଦାୟୀ କରିବେ ବୋଲି ଚୌଧରୀ କହିଛନ୍ତି। ବିହାର ଓ ଦେଶର ବହୁ କୋଟି ମାଆ ଏଥିରେ ଅପମାନିତ ହୋଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ବିହାର ଜନସାଧାରଣ ଏହାର ଉପଯୁକ୍ତ ଜବାବ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ତଥା ଭାଜପା ଏମ୍‌ପି ଗିରିରାଜ ସିଂ କହିଛନ୍ତି।

# ବିଜୁଳିକୁ ମହଙ୍ଗା କରିଛି ୟୁକ୍ରେନ୍ ଯୁଦ୍ଧ, କୋଇଲା ବଜାର ଅସ୍ଥିରତା

**ପଣଜୀ,୨୧।୯ (ପି.ଟି.)**

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ଅସ୍ଥିର କୋଇଲା ବଜାର ଭଳି ବୈଶ୍ୱିକ ସଙ୍କଟ ଭାରତରେ ବିଦ୍ୟୁତ୍ ମୂଲ୍ୟ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଛି। ଫଳରେ କେବଳ ସୁରକ୍ଷିତ ଅବାଧ ବିଦ୍ୟୁତ ଯୋଗାଣ ପାଇଁ ଅଧିକ ପ୍ରିମିୟମ୍ ପୈଠ କରିବାକୁ ପଡୁଥିବା ଗୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଏବଂ ବ୍ରିଟେନ୍‌ର କିଙ୍ଗଷ୍ଟନ୍ ୟୁନିଭର୍ସିଟିର ମିଳିତ ଅଧ୍ୟୟନରୁ ଜଣାପଡ଼ିଛି।

ଭାରତରେ ବିଦ୍ୟୁତ୍ ମୂଲ୍ୟ କାହିଁକି ବର୍ତ୍ତମାନ ବଜାର ମୂଲ୍ୟ ତୁଳନାରେ ଅଧିକ ରହୁଛି, ଅଧ୍ୟୟନରେ ନିର୍ଦ୍ଦିଷ୍ଟ ଭାବେ ତାହା ଉପରେ ଅନୁଧ୍ୟାନ କରାଯାଇଥିଲା। କୋଇଲା ମୂଲ୍ୟରେ ଅସ୍ଥିରତା, ଭୂରାଜନୈତିକ ଉତ୍ତେଜନା, ଘରୋଇ ଚାହିଦା ଢାଞ୍ଚା ଏବଂ ନୀତିରେ ଅନିଶ୍ଚିତତା ଏହା ପଛର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଏନର୍ଜି ଇକୋନୋମିକ୍ସ ନାମକ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶିତ ହୋଇଛି। ଗୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଆସିଷ୍ଟାଣ୍ଟ ପ୍ରଫେସର ପ୍ରକାଶ ସିଂଙ୍କ କହିବା ଅନୁଯାୟୀ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ରିସ୍କ ପ୍ରିମିୟମ ଏବଂ ବଜାର ଅସ୍ଥିରତାକୁ ଉଲ୍ଲେଖନୀୟ ଭାବେ ବଢ଼ାଇଦେଇଛି। ଅଧିକ ଚାହିଦା ଥିବା ସମୟ (ସନ୍ଧ୍ୟା ୬ରୁ ରାତି ୧୧ଟା)ରେ ବିଦ୍ୟୁତ୍ ଯୋଗାଣ ରିସ୍କ ପ୍ରିମିୟମ୍ ଅଧିକ ରହୁଥିବାବେଳେ ସପ୍ତାହାନ୍ତରେ ଏହା ୧୩ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଉଛି। ବିଦ୍ୟୁତ ଯୋଗାଣରେ ଅତ୍ୟଧିକ ନିଅଣ୍ଟ ଥିବା ଏଥିରୁ ପ୍ରତିଫଳିତ ହେଉଛି। ବିଦ୍ୟୁତ୍ ସୁରକ୍ଷା ଏବଂ ଭବିଷ୍ୟତର ଉପଲବ୍ଧତାକୁ ସୁନିଶ୍ଚିତ କରିବାକୁ ହେଲେ ଉପରୋକ୍ତ ଦୁର୍ବଳତାଗୁଡ଼ିକର ସମାଧାନ ଆବଶ୍ୟକ ବୋଲି ସିଂ କହିଛନ୍ତି।

# ଆମେରିକାରେ ଭାରତୀୟଙ୍କ ପାଠପଢ଼ା ପ୍ରତି ଅନାଗ୍ରହ

**ନୂଆଦିଲ୍ଲୀ, ୨୧।୯ (ପି.ଟି.)**

ଭାରତୀୟ ଛାତ୍ରୀଛାତ୍ରଙ୍କ ବିଦେଶରେ ପଢ଼ିବା ଆଗ୍ରହରେ ପରିବର୍ତ୍ତନ ଆସିଛି। ଆଇଡିପି ଏଜୁକେଶନ ପକ୍ଷରୁ ରବିବାର ଜାରି ରିପୋର୍ଟ ଅନୁଯାୟୀ, ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମେରିକାରେ ପାଠପଢ଼ା ସମ୍ପର୍କିତ ତଥ୍ୟ ଖୋଜିବା ହାର ବର୍ଷକ ମଧ୍ୟରେ ୪୬.୪% ହ୍ରାସ ପାଇଛି। ସେହିପରି କାନାଡାରେ ଏହି ହାର ୨ ବର୍ଷ ମଧ୍ୟରେ ୭୦ରୁ ୭୫% କମିଛି। ଆଇଡିପି ଏଜୁକେଶନର ଦକ୍ଷିଣ ଏସିଆ, କାନାଡା, ଲାଟିନ ଆମେରିକା (ଏଲ୍‌ଏଟିଏମ୍) ଆଞ୍ଚଳିକ ନିର୍ଦ୍ଦେଶକ ପୀୟୂଷ କୁମାର କହିଛନ୍ତି,

**ତଥ୍ୟ ଖୋଜିବାରେ ବର୍ଷକରେ ୪୬% ହ୍ରାସ**



ସମ୍ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳରେ ବିଭିନ୍ନ ନୀତିଗତ ପରିବର୍ତ୍ତନ ଏବଂ ଭିଜା ନିୟମାବଳୀରେ ଅନିଶ୍ଚିତତା ଯୋଗୁ ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଯୋଜନା ପ୍ରଭାବିତ ହୋଇଛି। ୨୦୨୪ ଜୁନ୍ ପରଠାରୁ ଭାରତୀୟ ଛାତ୍ରୀଛାତ୍ରଙ୍କ ଭିଜା ଅନୁମୋଦନ ହାର ହ୍ରାସ ପାଇଛି। ଏହାର ପ୍ରଭାବରେ ଦେଶର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମେରିକାରେ ପାଠପଢ଼ା ସମ୍ପର୍କିତ ତଥ୍ୟ ଖୋଜିବା ହାର ୪୬.୪% ହ୍ରାସ ପାଇଛି। ସେହିପରି ଆମେରିକା ଟାରିଫ ଯୋଗୁ କାନାଡାର ନିମ୍ନଗାମୀ ଅର୍ଥନୀତି ଆଦି କାରଣରୁ ସେଠାରେ ପଢ଼ିବାର ଆଗ୍ରହ କମିଛି। ତେବେ ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ପ୍ରତି ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆକର୍ଷଣ ପୂର୍ବବର୍ଷ ପରି ସ୍ଥିର ରହିଛି। ଅଷ୍ଟ୍ରେଲିଆରେ ଚଳିତବର୍ଷ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟାରେ ୯% ବୃଦ୍ଧି ଘଟିଛି। ଅଷ୍ଟ୍ରେଲିଆରେ ଉଚ୍ଚଶିକ୍ଷା ଅଧ୍ୟୟନ କଲେ ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳିପାରିବ ବୋଲି ସେମାନଙ୍କର ଭରସା ଥିବା ପୀୟୂଷ କହିଛନ୍ତି। ଅଷ୍ଟ୍ରେଲିଆ ସରକାର ୧୯୬୯ରେ ଆଇଡିପି ସ୍ଥାପନ କରିଥିଲେ। ଶିକ୍ଷାକ୍ଷେତ୍ରରେ ଏହା ଏକ ବୈଶ୍ୱିକ ସଂସ୍ଥା, ଯାହା ପ୍ରତିବର୍ଷ ୧ ଲକ୍ଷ ଛାତ୍ରୀଛାତ୍ରଙ୍କୁ ୮୦୦ରୁ ଅଧିକ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସାହାଯ୍ୟ କରିଥାଏ। ଏହାର ନେଟ୍‌ୱର୍କ ଅଷ୍ଟ୍ରେଲିଆ, ବ୍ରିଟେନ୍, ଆମେରିକା, କାନାଡା, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଦି ଦେଶରେ ରହିଛି। ଭାରତର ୬୩ ସହରରେ ଆଇଡିପିର ୭୩ଟି କାର୍ଯ୍ୟାଳୟ ରହିଛି।

## ଫୁରସତ୍

# ଭୟ ଦୂରେଇଲେ କର୍କଟରୁ ମୁକ୍ତି ପାଇହେବ

**ୱାର୍ଲଡ୍ ରୋଜ୍ ଡେ'**

ସେପ୍ଟେମ୍ବର ୨୨, ୱାର୍ଲ୍ଡ ରୋଜ୍ ଡେ'। କାନାଡ଼ାର ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ଏହି ଦିବସଟି ପାଳିତ ହୋଇଆସୁଛି। ମେଲିଣ୍ଡା ୧୨ ବର୍ଷ ବୟସରେ କର୍କଟରେ ପୀଡ଼ିତ ହୋଇ ନିଜେ ଚିକିତ୍ସିତ ହେବା ସହ ଅନ୍ୟ ରୋଗୀଙ୍କୁ ପ୍ରେରଣା ଦେଉଥିଲେ। ଠିକ୍ ସେହିପରି କର୍କଟରେ ପୀଡ଼ିତ ହେବା ସମୟରେ ଏବଂ ସୁସ୍ଥ ହେବା ପରେ ଅନ୍ୟ ରୋଗୀଙ୍କୁ ପ୍ରେରଣା ଦେଉଛନ୍ତି କଟକ ବିଡ଼ାନାସୀ କୁମ୍ଭାରସାହି ଅଞ୍ଚଳର ସ୍ୱାଗତିକା ଆଚାର୍ଯ୍ୟ। ମନୋରଞ୍ଜନ ଆଚାର୍ଯ୍ୟ ଓ ପୂର୍ଣ୍ଣିମା ମହାପାତ୍ରଙ୍କ ଝିଅ ଏବଂ ବାଲେଶ୍ୱର ଅଞ୍ଚଳର ଶୁଭ୍ରଜିତ ଜେନାଙ୍କ ସ୍ତ୍ରୀ ସ୍ୱାଗତିକା। ୧୯ ବର୍ଷ ବୟସରେ ଲ' ପଢୁଥିବାବେଳେ ସେ ନାଜୋଫାରିଙ୍କ୍ସ କର୍କଟରେ ପୀଡ଼ିତ ଥିବା ଜାଣିବାକୁ ପାଇଥିଲେ। ଅନ୍ୟ ରୋଗୀଙ୍କ ପରି ସେ ଭାଙ୍ଗି ନ ପଡ଼ି ଆତ୍ମବିଶ୍ୱାସ ବଢ଼ାଇ ଚିକିତ୍ସା କରାଇଥିଲେ। ଏବେ କର୍କଟରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ସ୍ୱାଗତିକା ନିଜେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ କର୍କଟ ରୋଗୀଙ୍କ ପାଖକୁ ଯାଇ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଥିଲେ।ଏବେ ମଧ୍ୟ କର୍କଟ ରୋଗୀଙ୍କ ପାଖକୁ ଯାଇ ସେମାନଙ୍କୁ ପ୍ରେରଣା ଦେଉଛନ୍ତି। ୨୦୨୦ କୋଭିଡ୍ ସମୟରୁ ସ୍ୱାଗତିକା ଆୱାକେନ ନାମକ ଏକ ସଂସ୍ଥା ଦ୍ୱାରା କର୍କଟ ରୋଗୀଙ୍କୁ ସଚେତନ କରାଇ ଆସୁଛନ୍ତି। ଏ ସମ୍ପର୍କରେ ସ୍ୱାଗତିକା କହିଛନ୍ତି, ମୁଁ ଚିକିତ୍ସିତ ହେବାବେଳେ ରୋଜ୍ ଡେ' ବିଷୟରେ ଜାଣିବା ପରଠୁ ସେହି ସ୍ଥାନରେ ଅନ୍ୟ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ପ୍ରେରଣା ଦେଉଥିଲି। କର୍କଟରୁ ଆରୋଗ୍ୟ ସମ୍ଭବପର, କେବଳ ଭୟ ଦୂରେଇ ଦେଲେ ଏହି ରୋଗରୁ ବଞ୍ଚିବା ସହଜ ହୋଇଥାଏ। ଏଭଳି ବାର୍ତ୍ତା ନେଇ ପ୍ରତିବର୍ଷ କ୍ୟାନ୍ସର ହସ୍ପିଟାଲରେ 'ରୋଜ୍ ଡେ' ପାଳିଥାଉ। କର୍କଟ ପୀଡ଼ିତଙ୍କ ପାଖକୁ ଯେତେବେଳେ ଯାଏ ସେମାନେ ବହୁତ କାନ୍ଦନ୍ତି। ସେମାନଙ୍କ ମନୋବଳକୁ ବଢାଇବା ଲାଗି ମୋ ନିଜର ସଂଘର୍ଷ କାହାଣୀ ବଖାଣିଥାଏ। ମୋଠୁ ଶୁଣିବା ପରେ ସେମାନଙ୍କ ମୁହଁରେ ହସ ଫୁଟିଥାଏ। ଚଳିତବର୍ଷ ରୋଜ୍ ଡେ' ଅବସରରେ ଶିଶୁ କର୍କଟ ପୀଡ଼ିତଙ୍କୁ ବିଧାନସଭା ପରିଦର୍ଶନ କରାଇବାକୁ ଯୋଜନା କରାଯାଉଛି।

**କର୍କଟ ଯୋଦ୍ଧା ଭାବେ ପୀଡ଼ିତାଙ୍କୁ ପ୍ରେରଣା ଦେଉଛନ୍ତି ସ୍ୱାଗତିକା**



ସ୍ୱାଗତିକା ଆଚାର୍ଯ୍ୟ

**-ରିପୋର୍ଟ:ଶିଳ୍ପା ପ୍ରିୟଦର୍ଶିନୀ, କଟକ**

# ସୁରକ୍ଷା, ସଂରକ୍ଷଣ ଲାଗି ସଚେତନତାକୁ ଗୁରୁତ୍ୱ

**ଆଜି ବିଶ୍ୱ ଗଣ୍ଡା ଦିବସ**



ବିଲୁପ୍ତପ୍ରାୟ ପ୍ରଜାତିର ସୁରକ୍ଷା ଓ ସଂରକ୍ଷଣ ଲାଗି ସଚେତନତା ବୃଦ୍ଧି ସକାଶେ ପ୍ରତିବର୍ଷ ସେପ୍ଟେମ୍ବର ୨୨ରେ ପାଳିତ ହୋଇଆସୁଛି 'ବିଶ୍ୱ ଗଣ୍ଡା ଦିବସ'। ୨୦୧୦ ମସିହାରେ ପ୍ରଥମେ ଏହି ଦିବସକୁ ଡବ୍ଲ୍ୟୁଡବ୍ଲ୍ୟୁଏଫ୍-ଦକ୍ଷିଣ ଆଫ୍ରିକା ଦ୍ୱାରା ଘୋଷଣା କରାଯାଇଥିଲା। ତେବେ ୨୦୧୧ରେ ଏହା ଏକ ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମରେ ପରିଣତ ହୋଇଥିଲା। ଯାହାକି ଗଣ୍ଡାମାନେ ସମ୍ମୁଖୀନ ହେଉଥିବା ଶିକାର ଏବଂ ବାସସ୍ଥାନଜନିତ ବର୍ଦ୍ଧିତ ବିପଦକୁ ଉଜାଗର କରିଥିଲା।

# ରେଷ୍ଟୁରାଣ୍ଟ ଖୋଲିଲେ ସଞ୍ଜୟ ଦତ୍ତ

**ମୁମ୍ବାଇ**

ବଲିଉଡ୍ ଇଣ୍ଡଷ୍ଟ୍ରିରେ ଏପରି ଅନେକ ତାରକା ରହିଛନ୍ତି, ଯାହାଙ୍କର ମୁମ୍ବାଇରେ ରେଷ୍ଟୁରାଣ୍ଟ ରହିଛି। ଏବେ ଏହି ତାଲିକାରେ ଅଭିନେତା ସଞ୍ଜୟ ଦତ୍ତଙ୍କ ନାଁ ଯୋଡ଼ି ହୋଇଛି। ନିକଟରେ ମୁମ୍ବାଇରେ ସେ ନିଜ ରେଷ୍ଟରାଣ୍ଟକୁ ଲଞ୍ଚ୍ କରିଛନ୍ତି। ଏହାର ନାମ ସୋଲେୟର ରେଷ୍ଟୁରାଣ୍ଟ। ଏହାସହ ସଞ୍ଜୟ ଅଭିନେତାରୁ ବିଜ୍‌ନେସମ୍ୟାନ ହୋଇଛନ୍ତି। ରେଷ୍ଟୁରାଣ୍ଟ ଲଞ୍ଚ୍ ଖୁସିରେ ଶନିବାର ସଞ୍ଜୟ ଏକ ଗ୍ରାଣ୍ଡ ଇଭେଣ୍ଟର ଆୟୋଜନ କରିଥିଲେ। ଏଥିରେ ତାଙ୍କ ବନ୍ଧୁ, ସମ୍ପର୍କୀୟଙ୍କ ସମେତ ବଲିଉଡ୍ ଇଣ୍ଡଷ୍ଟ୍ରିର ବହୁ ତାରକା ଯୋଗ ଦେଇଥିଲେ। ଇଭେଣ୍ଟରେ ସ୍ତ୍ରୀ ମାନ୍ୟତା ଦତ୍ତଙ୍କ ସହ ସଞ୍ଜୟ ଗ୍ରାଣ୍ଡ ଏଣ୍ଟ୍ରି ନେଇଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ସଞ୍ଜୟ ବ୍ଲାକ୍ ଟି'ଶାର୍ଟ ସହ ଡିଜାଇନର ଲେଦର ଜ୍ୟାକେଟ ପିନ୍ଧିଥିବାର ନଜରକୁ ଆସିଛନ୍ତି। ସେହିପରି ମାନ୍ୟତା ଶର୍ଟ ଡ୍ରେସ, ହାଇ ହିଲ୍ସ ଓ ମ୍ୟାଚିଙ୍ଗ୍ ବ୍ୟାଗ୍ ସହ ଷ୍ଟାଇଲିଶ ଲୁକ୍‌ରେ ନଜରକୁ ଆସିଥିଲେ।



# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫ | Bhubaneswar, Monday, September 22/2025





## ସଂକ୍ଷେପରେ

### ଦୁର୍ଘଟଣାରେ ବାପା ମୃତ, ଝିଅ ଗୁରୁତର

କୋଷାଗୁମୁଡ଼ା,୨୧।୯(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ମୋତିଗା ଛକରେ ରବିବାର ସକାଳେ ଟିପ୍ପର ଓ ବାଇକ ଦୁର୍ଘଟଣା ଘଟିଛି। ଘଟଣା ସ୍ଥଳରେ ବାଇକ୍ ଚାଳକ ନରସିଂହ ଭତରା (୪୫)ଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ବଡ଼ଖୁନା ଗାଁର ନରସିଂହ ଭତରା ଝିଅ କରୁଣା (୧୬)ଙ୍କୁ ବାଇକ୍ (ଓଡି-୧୦ଜି-୨୧୩୮) ରେ ନେଇ ଯାଉଥିଲେ। ଏହି ସମୟରେ ଟିପର (ସିଜି-୧୭କେ ଏକ୍ସ ୩୫୪୮) ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ନରସିଂହଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଅବସ୍ଥାରେ କରୁଣାଙ୍କୁ କୋଷାଗୁମୁଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ କେସ୍ ନମ୍ବର ୧୯୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏସ୍ଆଇ କୁଳଭୂଷଣ ନାୟକ ସୂଚନା ଦେଇଛନ୍ତି।

### ରାଇଘରରେ ୭୧ ୟୁନିଟ୍ ରକ୍ତ ସଂଗ୍ରହ



ରାଇଘର, ୨୧।୯ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରାଇଘର ସାମ୍ବାଦିକ ସଂଘ ଓ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ଆନୁକୂଲ୍ୟରେ ଶନିବାର ଏକ ରକ୍ତଦାନ ଶିବିର କରାଯାଇଛି। ଏଠାରେ ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏହି କ୍ୟାମ୍ପରେ ସମସ୍ତ ପ୍ରକାର ପରୀକ୍ଷା ପରେ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର, ଓୟୁଜେ ଜିଲା ସାମ୍ବାଦିକ ସଂଘ ସଭାପତି ସୁଶାନ୍ତ ବେହେରା, ଡା. ଅଶିମ ସାହୁ, ଡା. ତପନ ମଣ୍ଡଳ, ଉମରକୋଟ ରକ୍ତଭଣ୍ଡାରର ଡା. ସବ୍ୟସାଚୀ ଦାସ, ତାଙ୍କ ଟିମ୍ ସହ ଏବିଡିଓ ବିଜୟ ସେଠୀ, ରେଞ୍ଜର ମହମ୍ମଦ ଅବଦୁଲ ସମଦ, ଏମ୍ଆରକେ ରାଜୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସାମ୍ବାଦିକ ସଂଘ ସଭାପତି ଭବାନୀ ନାୟକ, ଉପଦେଷ୍ଟା କିରଣ ପଟ୍ଟନାୟକ, ଅମିୟ ମହାପାତ୍ର, ମନୋଜ ରାଜପୁତ, ଲଳିତ ମୋହନ ନାୟକ, ବିଶ୍ୱଜିତ୍ ମହାରଣା, ରାଜେଶ୍ ସିଂ, ରାମ ସିହ୍ନା, ସଞ୍ଜୟ ନାୟକ, ସୁକେଶ ମିଶ୍ରା, ମନୋହର ଦଣ୍ଡସେନା, ଆଶା କର୍ମୀ ଓ ଏଏନ୍ଏମ୍ ସହଯୋଗ କରିଥିଲେ। ରକ୍ତ ଦେବାକୁ ଆସିଥିବା ଲୋକମାନଙ୍କ ବିପି, ସୁଗାର, ହିମୋଗ୍ଲୋବିନ, ବ୍ଲଡ ଗ୍ରୁପ୍ ପରୀକ୍ଷା ପରେ ଯେଉଁମାନେ ଯୋଗ୍ୟ ସେମାନଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା।

### ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

ଚିତ୍ରକୋଣ୍ଡା, ୨୧।୯
(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦର ମହକୁମା ଉପଖଣ୍ଡ ଚକିତ୍ସାଳୟରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଜୋନ୍-୧ ସଦସ୍ୟ ବିନତି ଖିଲ, ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼, ଉପଖଣ୍ଡ ଚିକିତ୍ସାଳୟ ଡାକ୍ତର କ୍ଷୀରୋଦ ମହନ୍ତ, ଏଡିଏମ୍ ନିହାର ରଞ୍ଜନ ପ୍ରହରାଜ, ଔଷଧ ବଶେଷଜ୍ଞ ପ୍ରଫୁଲ୍ଲ ବେହେରା, ସ୍ନାୟୁ ବିଶେଷଜ୍ଞ ବସନ୍ତ କୁମାର ବେହେରା, ଶିଶୁ ରୋଗ ବିଶେଷଜ୍ଞ ଅମିତ ସୋହେଲ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସିମାଞ୍ଚଳ ଦାସ, ଦନ୍ତ ବିଶେଷଜ୍ଞ ଯସ୍ମିନ ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ଶିଶୁ ଓ ମହିଳାମାନଙ୍କ ବିଭିନ୍ନ ରୋଗ ସମ୍ବନ୍ଧୀୟ ରକ୍ତ ନମୁନା ସଂଗ୍ରହ, ଉଚ୍ଚ ରକ୍ତଚାପ, ଗର୍ଭବତୀ ମହିଳାଙ୍କ ପରୀକ୍ଷା ଆଦି କରାଯାଇ ସେମାନଙ୍କୁ ଔଷଧ ବିତରଣ କରାଯାଇଥିଲା।

# ପୁଣି ତେଜିଲା ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ଦାବି



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିକାଶ ପରିଷଦର ସଦସ୍ୟ, ବିଭିନ୍ନ ଅଞ୍ଚଳର ଶତାଧିକ ଗ୍ରାମବାସୀ।

ସୁନାବେଡ଼ା/ସେମିଳିଗୁଡ଼ା,୨୧।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

**ସେମିଳିଗୁଡ଼ା ବିକାଶ ପରିଷଦର ସମାବେଶ**

କୋରାପୁଟ ଜିଲା ସେମିଳିଗୁଡା ବିକାଶ ପରିଷଦ ପକ୍ଷରୁ ସେମିଳିଗୁଡାକୁ ରାଜସ୍ୱ ଉପଖଣ୍ଡ ଘୋଷଣା ଦାବି କରାଯାଇଛି। ସେମିଳିଗୁଡ଼ା ବସଷ୍ଟାଣ୍ଡ ନିକଟରେ ଆୟୋଜିତ ଏକ ସମାବେଶରେ ବିଭିନ୍ନ ବର୍ଗର ଲୋକ ସାମିଲହୋଇ ଦାବି ଉପସ୍ଥାପନ କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି। ସେମିଳିଗୁଡା ଏବଂ ଏହାର ଆଖପାଖ ଅଞ୍ଚଳରେ ଲକ୍ଷାଧିକ ଲୋକ ବସବାସ କରନ୍ତି। ଦାମନଯୋଡି, ସୁନାବେଡା, ପଟ୍ଟାଙ୍ଗି, ନନ୍ଦପୁର ଓ ଲମତାପୁଟକୁ ମିଶିଲେ ଏହି ସଂଖ୍ୟା ୪ ଗୁଣ ହେବ। ଜନସଂଖ୍ୟା ଦୃଷ୍ଟିରୁ ଉପଖଣ୍ଡ ମାନ୍ୟତା ପାଇଁ ଏହା ଉପଯୁକ୍ତ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେମିଳିଗୁଡା ଜିଲାର ଏକ ଅଗ୍ରଣୀ ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି। ଏହି ଅଞ୍ଚଳରେ ୧୧ ବ୍ୟାଙ୍କ, ୭ ସପିଂ ମଲ ଓ ଏକାଧିକ ତାରକା ହୋଟେଲ ରହିଛି। ଦୈନିକ କୋଟିଏରୁ ଉର୍ଦ୍ଧ୍ୱ ଆର୍ଥିକ କାରବାର ହେଉଥିବା ମଧ୍ୟ ଉଲ୍ଲେଖ ରହିଛି। ଆର୍ଥିକ ଓ ଭୌଗଳିକ ଦୃଷ୍ଟିକୋଣରୁ ସେମିଳିଗୁଡ଼ା ଉପଖଣ୍ଡ ମାନ୍ୟତା ପାଇଁ ଉପଯୁକ୍ତ ବୋଲି କୁହାଯାଇଛି। ସଭାରେ ସେମିଳିଗୁଡ଼ା ବିକାଶ ପରିଷଦ ସଭାପତି ସାମାଜିକ କର୍ମୀ କୃଷ୍ଣ ସିଂହ, କାର୍ଯ୍ୟକାରୀ ସଭାପତି ତଥା ପୌର ପରିଷଦ ଅଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର,ଉପାଧ୍ୟକ୍ଷା ରିତୁ କଷ୍ଟା,ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷା ଲିଲି ଅଷ୍ଟା ବିରିଆ,ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି, ବିକାଶ ପରିଷଦର ଉପଦେଷ୍ଟା ଡ. ଚିତ୍ତରଞ୍ଜନ ମିଶ୍ର,କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡାଲ, ପୂର୍ବତନ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ବିକାଶ ପରିଷଦର ଅନ୍ୟ ସଦସ୍ୟଙ୍କ ସମେତ ସେମିଳିଗୁଡ଼ା, ନନ୍ଦପୁର, ଲମତାପୁଟ, ପଟ୍ଟାଙ୍ଗି, ଦାମନଯୋଡି, ସୁନାବେଡାର ଶତାଧିକ ଲୋକେ ଉପସ୍ଥିତ ଥିଲେ।

# ସେବା ପଖୱାଡା ନେଇ ମାରାଥନ

କୋରାପୁଟ,୨୧।୯
(ଅମିତାଭ ବେହେରା)




ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସେବା ପଖୱାଡା ନେଇ ସ୍ଥାନୀୟ ଷ୍ଟାଡିୟମ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଏକ ଜିଲାସ୍ତରୀୟ ମାରାଥନ ରବିବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ସବୁଜ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ପୁରୁଷ ବିଭାଗରେ ୬ କି.ମି ଓ ମହିଳା ବିଭାଗରେ ୩ କି.ମି ଯାଏ ମାରାଥନ ହୋଇଥିଲା। ଉଭୟ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧ହଜାର, ୫ଶହ ଓ ୩ଶହ ଟଙ୍କାର ଚେକ ପ୍ରଦାନ କରି ପୁରସ୍କୃତ କରିଥିଲେ। ମାରାଥନରେ କୋରାପୁଟ ସ୍ପୋର୍ଟସ ହଷ୍ଟେଲର ଅନ୍ତେବାସୀ, ବିଭିନ୍ନ କଲେଜ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରଥିଲେ।


**OFFICE OF THE DEAN & PRINCIPAL**
**FAKIR MOHAN MEDICAL COLLEGE & HOSPITAL, BALASORE**
Remuna, Balasore, Odisha - 756019
E-mail: dean.fmmchb@gmail.com Tel.: 06782-224901
No. 5563/D/FMMCHB Date: 20.09.2025

No. E-399: Sealed tenders (in two bid system) are invited from the interested reputed Travel Agencies/Tour Operators/Individuals for providing 01 (One) No. of AC Petrol BS-VI emission compliant vehicle (Tiago/Bolt/Celerio/Higher Model same version within same range) having sitting capacity not more than 05 (Five) including driver for official use of the Dean & Principal, FMMCH, Balasore. The proposal of the prescribed format along with all supportive documents should reach to the office of the Dean & Principal, FMMCH, Balasore by 14.10.25 (5 P.M.) through Regd. Post/Speed Post/Courier only. The bidders may download the tender documents directly from the website **(www.baleswar.odisha.gov.in)**. Authority reserves every right to reject all or any of the tender without assign any reason thereof.

Sd./- Dean & Principal
Fakir Mohan Medical College & Hospital, Balasore
OIPR-10134/11/0053/2526



**OFFICE OF THE SUPERINTENDING ENGINEER P.H. DIVISION, BHANJANAGAR AT CHATRAPUR**
E-mail : eephchpr@gmail.com
No.C-1141
**CANCELLATION OF TENDER**
Bid Identification No. 11/03/SPH(C)/2025-26 Dt.22.07.2025

| Sl. No. | Name of the work | Estimated cost (Rs. in Lakh) |
|---|---|---|
| 1 | Procurement of 150mm to 450mm dia DI pipes inconnection with the work-Construction of intake well, laying of RWRM and ancillary works for improvement of water supply to Kodala NAC and Construction of WTP and laying of RWRM and CWRM with ancillary works for Sorada NAC under AMRUT 2.0 SWAP-III | Rs.371.03 Lakh |

The tender invited by this office for the above work vide Bid Identification No. 11/03/SPH(C)/2025-26 dt.22.07.2025 is hereby cancelled as per instruction of Engineer-in-Chief, P.H Odisha, Bhubaneswar vide letter no.9172 dt.18.09.2025.

OIPR-13013/11/0027/2526
Sd./- Additional Chief Engineer
P.H. Division, Bhanjanagar at Chatrapur



**ODISHA PUBLIC SERVICE COMMISSION CUTTACK**
**NOTICE**
No. 6783 / P.S.C., Dt. 20.09.2025
1E-12-2025/26 (DR-III)

**Recruitment to the Post of**
**Post Graduate Teacher in Discipline - SOCIOLOGY**
**(Advertisement No.25 of 2023-24)**

**No.D-223** : In continuation to this Office Notice No. 5513/PSC, dtd. 01.08.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Sociology Discipline**, pursuant to Advertisement No. 25 of 2023-24 will be held from **27.10.2025 to 29.10.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 27.10.2025 | 08.30 A.M. | 10.30 A.M. | 103897, 103898, 103906, 103943, 103949, 103956, 103973, 202588, 202589, 202590, 202639, 202653, 202663, 202667, 309287, 309301, 309303, 309310, 309311, 309323, 309337, 309344, 309356, 309362, 309367, 309378, 309389, 309401, 309404 & 309415 **= 30 Candidates** |
| | 12.30 P.M. | 02.30 P.M. | 309418, 309423, 309427, 309442, 309458, 309463, 309488, 309490, 309491, 309498, 309515, 309553, 309568, 309573, 309585, 309601, 309617, 309622, 309626, 309636 & 309647 **= 21 Candidates** |
| 28.10.2025 | 08.30 A.M. | 10.30 A.M. | 309653, 309669, 309671, 309678, 309681, 309682, 309691, 309699, 309702, 309703, 309707, 309711, 309713, 309716, 309719, 309734, 309740, 309754, 309756, 309763, 309769, 309775, 309778, 309800, 309808, 309812, 309823, 309828, 309833 & 309834 **= 30 Candidates** |
| | 12.30 P.M. | 02.30 P.M. | 309836; 309842; 309848, 309849, 309864, 309870, 309878, 309879, 309880, 309897, 309910, 309918, 309921, 309923, 404159, 404163, 404170, 404206, 404235, 404293 & 404310 **= 21 Candidates** |
| 29.10.2025 | 08.30 A.M. | 10.30 A.M. | 404311, 404323, 404327, 404355, 404357, 404362, 404365, 404379, 404382, 404391, 404394, 505995, 506022, 506028, 506047, 506049, 506051, 506068, 506074, 506078, 506083, 506085, 506087, 506093, 506107, 506148, 506165, 506186 & 506192 **= 29 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of Self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** passport size photographs (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree Certificate** in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports, Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0321/2526
Sd./- Secretary



**ପୌର ପରିଷଦ, ବେଲପାହାଡ଼**
ପତ୍ର ସଂ.: ୧୭୨୩ ତା୧୯।୦୯।୨୦୨୫
**ଅଭିବ୍ୟକ୍ତି ପ୍ରକାଶନ**

No. C-1136: ଏତଦ୍ୱାରା ବେଲପାହାଡ଼ ପୌର ପରିଷଦର ସମସ୍ତ ୧୯ ଗୋଟି ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅନ୍ତର୍ଗତ ସ୍ୱଚ୍ଛ କର୍ମୀ ନିୟୋଜନ ସକାଶେ ଇଚ୍ଛୁକ ଓ ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ କରୁଥିବା ମିଶନ ଶକ୍ତି ଗୋଷ୍ଠୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏଣୁ ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା୧୯।୦୯।୨୦୨୫ରିଖରୁ ତା୨୬।୦୯।୨୦୨୫ରିଖ ଅପରାହ୍ନ ୧୧ଟା ସୁଦ୍ଧା କେବଳ ସ୍ପିଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌର ପରିଷଦରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ। ଧାର୍ଯ୍ୟ ସମୟ ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା୨୬।୦୯।୨୦୨୫ରିଖ ସମୟ ସନ୍ଧ୍ୟା ୩.୩୦ ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି। ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନପତ୍ର ଝାରସୁଗୁଡ଼ା ଜିଲ୍ଲା ୱେବସାଇଟ **www.jharsuguda.nic.in**ରୁ ମଧ୍ୟ ଡାଉନଲୋଡ କରିପାରିବେ। ଅଧିକ ଜାଣିବା ପାଇଁ ବେଲପାହାଡ଼ ପୌର ପରିଷଦ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରନ୍ତି।

**ବିଶେଷ ଦ୍ରଷ୍ଟବ୍ୟ:** ୧. ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ବେଲପାହାଡ଼ ପୌର ପରିଷଦ କିମ୍ବା ଜିଲ୍ଲା ଦ୍ୱାରା କୌଣସି ଚୁକ୍ତିଭିତ୍ତିକ କାର୍ଯ୍ୟ ଯଥା: (ଆହାର, FSTP, MCC, MRF, ଚୁଡ଼ା ଛତୁଆ ଇତ୍ୟାଦିରେ) କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇନଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ।

ସ୍ୱା./– ନିର୍ବାହୀ ଅଧିକାରୀ
OIPR-13050/11/0021/2526 ପୌର ପରିଷଦ, ବେଲପାହାଡ଼



**ODISHA JOINT ENTRANCE EXAMINATION-2025**
No. OJEE/539 Date: 20.09.2025

**NOTICE**
**COUNSELLING FOR POSTGRADUATION COURSE [MD (HOM.)] & POSTGRADUATION COURSE [MD/MS (AYURVEDIC)] FOR THE SESSION 2025-26**

**No.h-10** : This is for the information of all the candidates who have qualified in AIAPGET – 2025 examination and are interested to take admission into **PG [MD (HOM.)] / PG [MD/MS (AYURVEDIC)]** courses offered by various institutes in Odisha for the session 2025-26, that the process of Online Registration, Choice Filling and Locking is scheduled to start from 22nd September 2025, 05.00 PM. For other details like schedule and detail Information & Instructions for eligibility, counselling process etc., candidates are advised to visit OJEE website and carefully read the "Information & Instructions 2025" for different programs, available in OJEE website: http://ojee.nic.in

OIPR-14020/11/0011/2526 Sd./- Chairman, OJEE



**GOVERNMENT OF ODISHA** No.C-1128
**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BALANGIR**
Email ID - eephbgr@yahoo.co.in , Ph. No. - (06652-234647)
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. ACE PH BGR 06/2025-26 Dt. 19.09.2025**

| | | |
|---|---|---|
| 01 | Number of the Works | : 03 Nos. |
| 02 | Estimated Cost | : Rs. 41.67 Lakhs to 610.64 Lakhs |
| 03 | Period of Completion | : 03 (Three) Calendar Months |
| 04 | Date & Time of availability of bid document in the portal | : From 11.00 A.M. of dt. 25.09.2025 to 5.00 P.M. of dt. 09.10.2025 |
| 05 | Last date / time of receipt of bids in the portal | : 5 P.M. of dt. 09.10.2025 |
| 06 | Date & Time of opening of Bids | : At 11.30 A.M. of dt. 10.10.2025 |
| 07 | Name and Address of the Officer Inviting Bid | : **The Addl. Chief Engineer Office of the Additional Chief Engineer Public Health Division, Balangir At-Tulasinagar, PO/Dist-Balangir, Pin-767001, Odisha, Phone : 06652-234647 E-mail : eephbgr@yahoo.co.in** |

Further details can be seen from the website http://tenders.ori.nic.in or www.tendersorissa.gov.in

OIPR-13005/11/0038/2526
Sd./- Addl. Chief Engineer
P.H. Division, Balangir



**EXPRESSION OF INTEREST (EOI)**

**No.C-1140** : Bellaguntha NAC invites EOI from experienced competent and eligible Agencies/Suppliers/Bidders for supply and installation of the different items as mentioned below for Development of the Smart Park (Gyanadevi Udyan) to the office of NAC Bellaguntha.

| Sl. No. | Name of the Item Required |
|---|---|
| 01 | Supply & Installation of Floating Jetty |
| 02 | Supply, Installation & Trail run of Trackless Train |
| 03 | Supply, Installation & trail run of Pedal Boats |

The Tender Schedules will be available at Development Section of NAC Bellaguntha @ Rs.1000/- (Rupees One Thousand) only per each schedule from **Dt-20.09.2025, 11.00 A.M. to 3.00 P.M. of 03.10.2025** (Within Working Day & Office Hours) and the tender schedule received with in stipulated time period will be open on 03.10.2025 at 4.00 P.M. in presence of the respective quotationers and their authorized representatives.

Any other clarification regarding EOI may contact Development Section of NAC Bellaguntha or Email : **eonacbellaguntha@gmail.com.**

The authority reserves the right to accept, reject or cancel any or all the quotations without assigning any reason thereof.

Sd./- Executive Officer
OIPR-13113/11/0040/2526 NAC, Bellaguntha



No.JJ-52
**Directorate of Ports & Inland Water Transport**
Fortune Tower, Ground Floor, Zone - A, Chandrasekharpur, Bhubaneswar, Phone : 0674-2300885, Email : portsniwt.od@nic.in

**e-PROCUREMENT NOTICE**
**Bid Identification No. DPIWT - 16/2025-26**

| | | |
|---|---|---|
| 01. | Name of work | : **Construction of Jetty and Public Rain Shelter (Yatri Bishramgara) at Subarnapur Village under Rajnagar Block of Kendrapada District** |
| 02. | No. of works | : **1 (One) No.** |
| 03. | No. of Covers | : **Double cover** |
| 04. | Approximate Value of works | : **Rs.6.81 Crore** |
| 05. | Bid Cost | : **Rs.10,000.00** |
| 06. | Period of Completion | : **11 (Eleven) Calendar Months** |
| 07. | Date & Time of availability of bid document in the portal | : **23.09.2025 to 13.10.2025 upto 05.00 P.M.** |
| 08. | Date & Time of Bid Clarification | : **23.09.2025 to 03.10.2025 upto 03.00 P.M.** |
| 09. | Last date & time for receipt of bids in the portal | : **13.10.2025 up to 05.00 P.M.** |
| 10. | Date of opening of bid document (Cover-I) | : **14.10.2025 at 11.30 A.M.** |
| 11. | Date of document verification | : **Within five (05) working days from the date of Technical Bid (Cover-I) opening** |
| 12. | Date of transparent lottery process (If situation arises) | : **Intimation will be given through online** |
| 13. | Class of Contractor | : **"A" & "Special" Class Contractor** |
| 14. | Name and address of Officer Inviting Tender (OIT) | : **Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, PIN-751023 Phone : 0674-2390355, Fax - 2396885, e-Mail : portsniwt.od@nic.in** |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

Sd./- Director
OIPR-38035/11/0048/2526 Ports & IWT, Odisha



**GOVERNMENT OF ODISHA** NO.A-640
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**BALANGIR IRRIGATION CIRCLE, BALANGIR**
E-mail : sebalangir@gmail.com
**"e-Procurement Notice"**
**Bid Identification No. : ACE, BOIC-04/2025-26**
**Procurement Details**

| Pkg. No. | Name of works | Approx. Tender Cost in lakh | Class of Contractor | Bid Security/ EMD-(online) | Cost of tender document (online)-(in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Improvement to Inspection canal road of Dunguripali minor of taking RD 37.340 KM of Ong Main Canal (Working RD 0.00 KM to RD 3.380 KM) | **Rs.241.45 Lakh** (excluding G.S.T) | 'A' & 'B' Class | **Rs.2,41,500/-** | Rs.10,000/- | 12(Twelve) Calendar Months |

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC - 04/2025-26 | Dt.25.09.2025 at 10.00 A.M. | Dt.13.10.2025 up to 05.30 P.M. | Dt.26.09.2025 to Dt.10.10.2025 At Office during office hours. (In working days) | Dt.14.10.2025 at 11.00 A.M. | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal **"https://www.tendersodisha.gov.in"**

Sd./- Additional Chief Engineer
OIPR-32347/11/0005/2526 Balangir Irrigation Circle, Balangir



**Government Of Odisha "e" Procurement of Notice**
**Bid Identification No. 02 of 2025-26**
**(Ref-TCN No. 499/Dated 20.09.2025)**
No.H-28 **No. 502 date : 20.09.2025**

| Sr. No. | Item | Details |
|---|---|---|
| 1 | The Sub-Collector-Padampur-cum-Chairman, RMC Padampur invites percentage rate bids in Single cover system in ONLINE MODE only for work as detailed below : | |
| 2 | Nature of the work | Construction of Black rice processing unit at Jagdalpur PPC, RMC Padampur |
| 3 | No. of work | 1 Nos |
| 4 | Bid Cost | Rs.6000.00 online transfer |
| 5 | Value of Tender | Rs. 14.73 lakhs |
| 6 | Class of Contractor | "D" & "C" Class |
| 7 | Availability of Bid Documents in the website | **Dt.22.09.2025 to 03.10.2025** |
| 8 | Last date/time of Receipt of bids in the portal | **Dt.03.10.2025 up to 5.00 P.M.** |
| 9 | Date of opening of bid | **Dt.04.10.2025 at 11.30 A.M.** |
| 10 | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any Addendum/Corrigendum/ Cancellation of the Tender etc can also be seen in the website : https://tendersorissa.gov.in. | |

Sd./- Sub-Collector, Padampur-Cum-Chairman
OIPR-01478/11/0004/2526 R.M.C. Padampur

# ୨ ବର୍ଷ ବିତିଲା, ସରୁନି ଉନ୍ନୟନ କାର୍ଯ୍ୟ

ମାଲକାନଗିରି,୨୧ା୯ (ଦୁର୍ଯ୍ୟୋଧନ ପାତ୍ର)

ଆଦିବାସୀଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ମାଲକାନଗିରି ଜିଲାରେ ଉକ୍ତ ଯୋଜନାଗୁଡିକର ଫାଇଦା ଆଦିବାସୀମାନେ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଲ ପଞ୍ଚାୟତ ମୁନୁସକୋଣ୍ଡା ଗ୍ରାମରେ ୧୮ଟି ଆଦିବାସୀ ପରିବାର ପାଇଁ ୧ ଲକ୍ଷ ୯୮ ହଜାର ଟଙ୍କା ବ୍ୟୟ ଅଟକଳରେ ସ୍ୱଚ୍ଛ ସଫେଇ ପୋଖରୀ ପ୍ଲାଟଫର୍ମ ସହ ଜଳ ସଂରକ୍ଷଣ ପାଇଁ ଇଟା ସିମେଣ୍ଟରେ ନିର୍ମିତ ଟାଙ୍କି ନିର୍ମାଣ କାମ ଆରମ୍ଭ ହୋଇଥିଲା। କାମ ଆରମ୍ଭ ହେବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ କାମ ସମ୍ପୂର୍ଣ୍ଣ ନ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି।

ଗ୍ରାମର ଦୁର୍ଯ୍ୟୋଧନ କୁରାମି, ନିଲମ କୁରାମି, ପଦଲାମ କୁରାମି, ଗୁରୁ କୁରାମୀଙ୍କ କହିବା ଅନୁଯାୟୀ ଗତ ୨ ବର୍ଷ ତଳେ ଆମ ଗ୍ରାମର ପ୍ରତି ପରିବାର ବାସନକୁସନ, ଲୁଗାପଟା ସଫା କରିବା ପାଇଁ କଂକ୍ରିଟ ଚାନ୍ଦିନୀ ଏବଂ ସେଥିରୁ ନିର୍ଗତ ମଇଳା ପାଣି ସଂରକ୍ଷଣ ପାଇଁ ସିମେଣ୍ଟ ଇଟାରେ ତିଆରି ଗାତ କରିବା ପାଇଁ ବ୍ଲକ ତରଫରୁ ବ୍ୟୟ ଅଟକଳ ମଞ୍ଜୁର ହୋଇଥିଲା । ସମ୍ପୃକ୍ତ ଠିକାଦାର ପ୍ରତି ପରିବାର ଘର ନିକଟରେ ଛୋଟିଆ ଗାତଟିଏ ଖୋଳିଥିବା ବେଳେ ସିମେଣ୍ଟ ଚାନ୍ଦିନୀ କରିନାହାନ୍ତି। ଫଳରେ ଏହି ଗାତରେ ବର୍ଷା ଜଳ ଜମି ରହି ଅନାବନା ଗଛ ଓ ଘାସ ମାଡି ଯାଇଥିବାରୁ ମଶା ମାଛିଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ କାମ ଆରମ୍ଭ ହେବା ପୂର୍ବରୁ ଗାଁରେ ଏକ ଫଳକ ଲଗାଯାଇଥିଲେ ମଧ୍ୟ ଉକ୍ତ ଫଳକରେ କାର୍ଯ୍ୟ ଆରମ୍ଭ ତାରିଖ ଓ କାର୍ଯ୍ୟ ଶେଷ ତାରିଖ ଉଲ୍ଲେଖ କରାଯାଇନାହିଁ। ତେବେ ଏ କାମ କେବେ ସମ୍ପୂର୍ଣ୍ଣ ହେବ ଆମକୁ ଜଣାନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ବନ୍ଧରେ ଆମେ ପଞ୍ଚାୟତ ଏବଂ ବ୍ଲକ ଅଫିସରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ତାହାର କୌଣସି ସୁଫଳ ମିଳିନାହିଁ। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ କାର୍ଯ୍ୟ ସମାପ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଯାଏ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ବନ୍ଧରେ ସିନ୍ଧ୍ରିମାଳ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ ମହାନ୍ତିଙ୍କୁ ପଚାରିବାରୁ ଗାଁ ସାଥୀ ମଙ୍ଗଳା ପଡ଼ିଆମୀଙ୍କୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଖୁବଶୀଘ୍ର କାମ ଶେଷ କରିବାକୁ ତାଙ୍କୁ ତାଗିଦ କରାଯାଇଥିବା ସେ କହିଛନ୍ତି।



ଫଳକ ନିକଟରେ ମୁନୁସକୋଣ୍ଡା ଗ୍ରାମବାସୀ ।

### ହଇରାଣ ହେଉଛନ୍ତି ୧୮ ଆଦିବାସୀ ପରିବାର

## ଅନ୍ତର୍ଜାତୀୟ ଅନ୍ନପୂର୍ଣ୍ଣା ଦିବସ ପାଳିତ



ମାଲକାନଗିରି,୨୧ା୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଅଲ୍ ଓଡିଶା ମାର୍ଶାଲ ଆର୍ଟସ ପରିସରରେ ରୋଟାରି କ୍ଲବ ତରଫରୁ ରବିବାର ଅନ୍ତର୍ଜାତୀୟ ଅନ୍ନପୂର୍ଣ୍ଣା ଦିବସ ପାଳିତ ହୋଇଯାଇଛି। ରୋଟାରି କ୍ଲବର ସଭାପତି ଲବ ସାହୁ, ସମ୍ପାଦକ ଦିଲୀପ ସୋମାନି ଏବଂ କ୍ଲବର ସଦସ୍ୟମାନେ ଆଓମା ଛାତ୍ରାବାସର ଛାତ୍ରୀଛାତ୍ରଙ୍କୁ ଅନ୍ନପୂର୍ଣ୍ଣା ଦିବସ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ନ ବିନା ଯେପରି ଅନାହାରରେ କୌଣସି ବ୍ୟକ୍ତି ମୃତ୍ୟୁବରଣ ନ କରନ୍ତି କିମ୍ବା ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ନିଜର ଖାଦ୍ୟ ଉତ୍ପାଦନ ନିଜେ କିପରି କରିପାରିବେ ଏବଂ ସୁଷମ ଅନ୍ନଭୋଜନ କରିପାରିବେ ସେ ନେଇ ସଚେତନ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ଥିବା ଆଶ୍ରୟ ଗୃହର ଅନ୍ତେବାସୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ଆଜିଠୁ ମା' ନବରାତ୍ରିଙ୍କ ପୂଜା

କୋରୁକୋଣ୍ଡା,୨୧ା୯ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଲା ସହରର ପୁରୁଣା ବସଷ୍ଟାଣ୍ଡ ନିକଟରେ ସୋମବାରଠାରୁ ଧୁମଧାମରେ ମା' ନବରାତ୍ରିଙ୍କ ପୂଜା ଆରମ୍ଭ ହେବ। ଏଥିନିମନ୍ତେ ମୂର୍ତ୍ତି ନିର୍ମାଣ ଏବଂ ସାଜସଜ୍ଜା ରବିବାର ସନ୍ଧ୍ୟା ସୁଦ୍ଧା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ପୂଜା କମିଟି ପକ୍ଷରୁ ଏଠାରେ ଦୀର୍ଘ ୧୩ ବର୍ଷ ଧରି ନବରାତ୍ରୀଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ପୂଜା କମିଟି ପକ୍ଷରୁ ବଡ ବଡ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ମା'ଙ୍କ ନବରାତ୍ରୀ ପୂଜା ସୋମବାରଠାରୁ ଆରମ୍ଭ ହୋଇ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ରୀତିନୀତି ଅନୁସାରେ ଚାଲିବ ବୋଲି ପୂଜା କମିଟିର ସଦସ୍ୟ ନରସିଂହ ବେହେରା, ବଂଶୀ ବରା, ଭଗବାନ ବାଘ, ସିଦ୍ଧାର୍ଥ ରଞ୍ଜନ ଦାସ, ବୈଶାଖ ବରାଡ଼, ବିଶ୍ୱଜିତ ନାୟକ, ଫକୀର ବାଘ, ମୁନା ବେହେରା, ସନ୍ତୋଷ ବେହେରା ପ୍ରମୁଖ ସଦସ୍ୟ ସୂଚନା ଦେଇଛନ୍ତି।


ଶିଳ୍ପୀ ମା'ଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

**ସଂକ୍ଷେପରେ**

## ସତ୍ୟପାଲ ମହାରାଜାଙ୍କ ଜନ୍ମ ଦିବସ ପାଳିତ



ମାଲକାନଗିରି,୨୧ା୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ରବିବାର ସଦ୍‌ଗୁରୁ ଶ୍ରୀ ସତ୍ୟପାଲ ମହାରାଜାଙ୍କ ୭୪ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ରହି ସଦ୍‌ଗୁରୁଙ୍କଠାରୁ ଜ୍ଞାନ ଆହରଣ କଲେ ଜୀବନରେ ଶାନ୍ତି ମିଳିଥାଏ । ସମସ୍ତ ଛାତ୍ରୀଛାତ୍ର ଆଗାମୀ ଦିନରେ ନିଜର ଶିକ୍ଷା ଗ୍ରହଣ କରିବା ସହ ମହାରାଜାଙ୍କ ଜୀବନୀ ଏବଂ ସମାଜ ପାଇଁ ତାଙ୍କର ବାର୍ତ୍ତାକୁ ଅନୁକରଣ କରିବା ଉଚିତ ବୋଲି କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ନାଚ ଗୀତ ମାଧ୍ୟମରେ ମହାରାଜାଙ୍କ ଜନ୍ମଦିନ ପାଳନ କରିଥିଲେ ।

# ମନ୍ଦିର ସଫେଇ ସହ ଚାରାରୋପଣ

କାଲିମେଲା, ୨୧ା୯(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବ୍ଲକ ସଦର ମହକୁମାରେ ଥିବା ହନୁମାନ ମନ୍ଦିର ପରିସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତାରେ ମନ୍ଦିର ପରିସରରେ ସଫେଇ ଓ ଚାରାରୋପଣ କରାଯାଇଛି। କାଲିମେଲାସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ମୂଲ୍ୟବାନ ଔଷଧୀୟ, ଫୁଲ ଓ ଫଳ ଚାରା ଲଗାଯାଇଛି। ଏଥିସହ ମନ୍ଦିର ପରିସରରେ ୨ଟି ଡଷ୍ଟବିନ ରଖା ଯାଇଛି। ଗୋଟିଏରେ ଶୁଖିଲା ଓ ଅନ୍ୟଟିରେ ଓଦା ବର୍ଜ୍ୟବସ୍ତୁ ପକାଇବାର ବ୍ୟବସ୍ଥା କରାଯାଇଚି। ଏଥିସହ ହନୁମାନ ସାହି ଅଞ୍ଚଳର ପୁରୁଷ ଓ ମହିଳାଙ୍କ ସହଯୋଗରେ ମନ୍ଦିର ପରିସର ସଫା କରାଯାଇଥିଲା। ଏଥିସହ ପ୍ରତ୍ୟେକ ଦିନ ସଫାସୁତୁରା ରଖିବା ପାଇଁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଲିମେଲାର ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ଜେନା, ଶିକ୍ଷକ ଧ୍ରୁବଚରଣ ନାୟକ, ରତ୍ନାକର ସାମଲ, ରୁଦ୍ର ପାତ୍ର, ରତ୍ନାକର ପାଣିଗ୍ରାହୀ, ଯୋଗେଶ୍ୱର ଦଣ୍ଡପାଟ, ଜଳନ୍ଧର ବେହେରା, ମୀନତିବାଳା ଦତ୍ତ, ମାଳତୀ ବିଶ୍ୱାଳ, ପୁଷ୍ପାଞ୍ଜଳି ସାମଲ, ଭୀମା ପଡ଼ିଆମୀ, ଅକ୍ଷୟ କୁମାର ପଣ୍ଡା, ଦୀପଙ୍କର ମଣ୍ଡଳ, କଂଗ୍ରେସ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ, ଗଛ ତଦାରଖ ଓ ମନ୍ଦିର ପରିବେଶକୁ ସଫା ସୁତୁରା ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଏଥିରେ ଅନ୍ୟମାନେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥି, ଶିକ୍ଷକ ଓ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ।

# ଅଧାରେ ଅଟକିଛି କନ୍ହେଇମୁଣ୍ଡା, ଲମତାଗୁଡ଼ା ବ୍ରିଜ୍ କାମ

ତେନ୍ତୁଳିଖୁଣ୍ଟି, ୨୧ା୯(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରୁ ଇନ୍ଦ୍ରାବତୀ (ଖାତିଗୁଡ଼ା)କୁ ସଂଯୋଗ କରୁଥିବା ରାସ୍ତାରେ କନ୍ହେଇମୁଣ୍ଡା ଓ ଲମତାଗୁଡ଼ା ବ୍ରିଜ ରହିଥିଲା। ଲମତାଗୁଡ଼ା ବ୍ରିଜ୍ ଉଚ୍ଚତା କମ ଥିବାରୁ ବ୍ରିଜ୍ ଉପରେ ବର୍ଷା ଦିନରେ ପ୍ରତ୍ୟେକ ବର୍ଷା ଦିନରେ ପ୍ରାୟ ୪ ଫୁଟର ପାଣି ପ୍ରବାହିତ ହେଉଥିଲା। ଯାହା ଫଳରେ ଯାତାୟାତ ବାଧା ସୃଷ୍ଟି ହେଉଥିଲା। ଏଣୁ ଚାରି କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ବ୍ରିଜ ପାଇଁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଶେଷ ହେବା ନାମ ଧରୁନାହିଁ। ବର୍ତ୍ତମାନ ଉକ୍ତ ବ୍ରିଜ୍‌କୁ ଲାଗି ଆପ୍ରୋଚ ରାସ୍ତା ଘରୋଇ ଜମି ଦେଇ ଯିବା ସମ୍ଭାବନା ରହିଥିବାରୁ ଜମି ମାଲିକଙ୍କ ଚାପରେ ବ୍ରିଜ କାମ ୨ ମାସ ହେବ ବନ୍ଦ ରହିଛି। ଘରୋଇ ଜମି ମାଲିକଙ୍କଠାରୁ ଜମି ଅଧିଗ୍ରହଣ କରି ସେମାନଙ୍କ ପ୍ରାପ୍ୟ ସରକାରୀ ଦରରେ ଦେବା ପାଇଁ ରାଜସ୍ୱ ବିଭାଗ ଯେଉଁ ଫାଇଲ ୨୦୨୩ରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଦେଇଥିଲା ତାହା ଗତ କିଛି ଦିନ ତଳେ ଜିଲାପାଳଙ୍କ ଟେବୁଲ୍ କୁ ଯାଇଥିବା ଜଣା ପଡ଼ିଛି। ଜମି ଅଧିଗ୍ରହଣ ପରେ ହିଁ ଲାମତାଗୁଡ଼ା ବ୍ରିଜ ଆରମ୍ଭ ହୋଇ ପାରିବ ବୋଲି କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁ କହିଛନ୍ତି।

### ଆପ୍ରୋଚ୍ ରାସ୍ତା ପାଇଁ ହୋଇପାରୁନି ଜମି ଅଧିଗ୍ରହଣ

କନ୍ହେଇମୁଣ୍ଡା ବ୍ରିଜ୍ ଦୁର୍ବଳ ହୋଇଯିବା, ରାସ୍ତା ପ୍ରଶସ୍ତିକରଣ ହେଉଥିବାରୁ ନୂତନ ବ୍ରିଜ କାର୍ଯ୍ୟ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଛି। ଏଠାରେ ମଧ୍ୟ ସମଦଶା। ବ୍ରିଜ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆପ୍ରୋଚ୍ ରାସ୍ତା ପାଇଁ ଜମି ଅଧିଗ୍ରହଣ କରିବା ଆବଶ୍ୟକ। ଏଣୁ ଏଠାରେ ମଧ୍ୟ ଏବେ କାମ ଅଟକିଛି। ବର୍ତ୍ତମାନ ଡାଇଭର୍ସନ ରାସ୍ତାରେ ହିଁ ଭାରିଯାନଠୁ ଆରମ୍ଭ କରି ଯାତ୍ରୀବାହୀ ବସ୍ ଓ ଅନ୍ୟ ସବୁ ଗାଡ଼ି ଯାତାୟାତ କରୁଛି। ଦୁଇ ଦୁଇଟି ମେଗା ଜଳ ସେଚନ ପ୍ରକଳ୍ପ ଓ ପିଣ୍ଡାପଦର୍ ବ୍ରିଜ ପାଇଁ ପ୍ରତ୍ୟେକ ଦିନ ପ୍ରାୟ ୨୦ ଟନ୍ ଭାରି ଯାନ ଆପ୍ରୋଚ ରାସ୍ତାରେ ଯାଉଛି। ରାସ୍ତା ଖରାପ ହେବା ଆଶଙ୍କା ରହିଛି। ଜରୁରୀ ସେବା ଗାଡ଼ି ନିରାପଦ ପାଇଁ ଯଥାଶୀଘ୍ର ବ୍ରିଜ ନିର୍ମାଣ ଶେଷ କରିବାକୁ ଦାବି ହୋଇଛି। ବର୍ଷାରେ କନ୍ହେଇମୁଣ୍ଡା ବ୍ରିଜ ପାର୍ଶ୍ୱ ଡାଇଭର୍ସନ ରାସ୍ତା ଧୋଇ ଯାଇ ଯାତାୟାତ ୩ ଦିନ ଠପ୍ କରି ଦେଇଥିଲା। ଏଣୁ ବେଳହୁଁ ସାବଧାନ ହୋଇ ପଦକ୍ଷେପ ନେବାକୁ ଦାବି ହେଉଛି।


ଅଧାରେ ଥିବା ଲମତାଗୁଡ଼ା ବ୍ରିଜ୍ ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

Bid Identification No.S.E.E.C (R&B) 13/2025-26

No. 3443/Date : 20.09.2025

No.B-556 : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https:// tendersorissa.gov.in. The details of bid documents will be available in the above website from dt.23.09.2025 at 05.00 P.M. to dt.07.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.08.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa. gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0048/2526

**GOVERNMENT OF ODISHA** No.C-1124
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR**

Email ID : eephdsbp@gmail.com

NOTICE INVITING TENDERS

NATIONAL COMPETITIVE BIDDING THROUGH e-Procurement

Bid Identification No. SEPHSBP-03/2025-26 Dt.18.09.2025

01. Name of the Work : 1 No. Work
02. Type of Bid : Two Bid System
03. Estimated Cost : Rs.281.43 lakhs
04. Period of Completion : 06 (Six) Calendar Months
05. Date & Time of availability of bid document in the portal : From 11.00 A.M. of dt.25.09.2025 to 5.00 P.M. of 14.10.2025
06. Last date / time of receipt of bids in the portal : 5.00 P.M. of 14.10.2025
07. Date & Time of opening of technical bids : At 11.30 A.M. of 15.10.2025
08. Name and Address of the Officer Inviting Bid : Superintending Engineer, P.H. Division, Sambalpur, Brooks Hill, Near Stadium, At/Po-Motijharan, Dist.-Sambalpur-768 001

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer
P.H. Division, Sambalpur

OIPR-13026/11/0012/2526

**Government of Odisha**
**Office of the Superintending Engineer, Rural Works Division-II, Dhenkanal Kamakhyanagar**

No.O-805

E-Mail : rw.kamakhyanagar@yahoo.co.in

e-procurement Notice No. 11 / Building Work / 2025-26

| | | |
|---|---|---|
| 1 | Name of the work | Building Work |
| 2 | Total No. of Works | 06 (Six) Nos. |
| 3 | Tender Cost | Rs.34.84 to 42.83 Lakhs |
| 4 | Class of Contractor | "C" & "B" Class |
| 5 | Period of Completion | 3 calendar months |
| 6 | Availability of Tender online for bidding | 23.09.2025 at 11.00 A.M. to 04.10.2025 up to 5.00 P.M. |
| 7 | Last Date & Time of seeking tender clarification | 03.10.2025 upto 4.00 P.M. |
| 8 | Date & Time of opening of Bid | 06.10.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer
R.W. Division-II, Dhenkanal Kamakhyanagar

OIPR-25094/11/0033/2526

**OFFICE OF THE SUPERINTENDING ENGINEER, RWS&S DIVISION, BARGARH**

Email : eerwss_bgh@.nic.in, Ph (O) : 06646 233220, FAX : 06646 234626

No.3712 / Dt.16.09.2025

GOVERNMENT OF ODISHA "e" PROCUREMENT NOTICE

Bid Identification No. 03 Dt of 2025-26

No.O-821 : The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B' or 'A' registered with any department of State Government or equivalent class of Central Govt. etc. to be eventually drawn up in G2 Contract Form for the below work as per terms and condition noted below.

1. Name of the work : Execution of Improvement with Retrofitting to Rural Piped Water Supply to Village Bheunria under Padampur Block
2. approx. Estimated cost : **Rs.83.47 lakh**
3. Date and time of availability of document in the portal : **Dt.23.09.2025** to **Dt.13.10.2025** up to 5.00 P.M.
4. Last date/time for receipt of bids in the portal : **Dt.13.10.2025** up to 5.00 P.M.
5. Date & time of Opening of Tender : **Dt.14.10.2025** at 11.00 A.M.
6. Name and address of the Officer Inviting Bid : Superintending Engineer, RWS&S Division, Bargarh, District : Bargarh

Further details can be seen from the e-procurement portal "http//tendersorissa.gov.in". The authority reserves the right to reject any or all the tenders without assigning any reason thereof.

Sd./- Superintending Engineer
RWS&S Division, Bargarh

OIPR-25018/11/0003/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MALKANGIRI (R&B) DIVISION, MALKANGIRI**

E-Procurement Notice

Bid Identification No. S.E (R&B)-MLK-15/2025-26

No.B-548

No.5251 Date : 16.09.2025

1. Name of the work : Building Work
2. Total No. of Works : 01 No.
3. Estimated cost : Rs.40.95 Lakhs
4. Period of completion : 03 (Three) months
5. Date & time of availability of bid document in the portal : from 11.00 hrs. of 23.09.2025 to 16.00 hrs. of 09.10.2025
6. Last date / Time for receipt of bids in the Portal : 16.00 hours of 09.10.2025
7. Date of opening of Tender : 11.00 hours of 10.10.2025
8. Name and address of the Officer Inviting Bid : Superintending Engineer Malkangiri (R&B) Division

**Further details can be seen from the e-procurement portal https://tendersorissa.gov.in**

Sd./- Superintending Engineer
Malkangiri (R&B) Division

OIPR-34063/11/0021/2526

**OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH**

E-mail ID : eepwddeogarh@gmail.com

INVITATIONS FOR BIDS (IFB)

Letter No. 2561 Dtd. 16.09.2025

No.B-538

Invitation for Bids

Bid Identification No. SE PWD DGR No. 13 of 2025-26

| | | |
|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single & Double cover system in ONLINE MODE only, for Construction of Road Building and Electrical works as detailed below. | |
| 2. | Nature of work | Road, Building and Electrical works |
| 3. | No. of works | 03 Nos. |
| 4. | Bid Cost | Rs.6000/- & 10000/- |
| 5. | Class of Contractor | "B" Class & "H.T" Electrical |
| 6. | Availability of Bid Documents in the website | From dt.23.09.2025 to 17:00 hours of dt.08.10.2025 |
| 7. | Date of Opening of Technical Bid | Dt.09.10.2025 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website only | |

Sd./- Superintending Engineer
Deogarh (R&B) Division

OIPR-34061/11/0015/2526

**GOVERNMENT OF ODISHA** No.C-1126
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**

E-Mail ID - acephcbam@gmail.com

NATIONAL COMPETITIVE BIDDING THROUGH e-Procurement

Invitation For Bids (IFB)

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 10/2025-26 Dt.19.09.2025 | 391.31 | 12 (Twelve) Calendar Months | 11.00 Hrs. of 26.09.2025 | 17.30 Hrs. of 16.10.2025 | Chief Engineer, P.H. Circle, Berhampur |

**The technical bid shall be opened on dt.18.10.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in**

OIPR-13004/11/0026/2526 Sd./- CHIEF ENGINEER (PH)

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH**

No.O-797

AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No. Tender Online - RWCCESNG - 14 of 2025-26, Letter No. 2190 / Dtd. 16.09.2025

e-Procurement NOTICE

1. Type of the Work : Building, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of Seeking Tender Clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 14 of 2025-26 | 23.09.2025 11:00 A.M. | 08.10.2025 5:00 P.M. | 06.10.2025 5:00 P.M. | 09.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0070/2526

**OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA**

Phone No. - (0674)-2571075, E-mail ID - secz_bag@gov.in

e-Procurent Notice No - 1970/Agril, Date - 19.09.2025

Bid Identification No. : 10/S.E. (A), C/Z, BBSR/2025-26

No.L-70 : The Superintending Engineer (Agril.), Central Zone, Satya Nagar, Bhubaneswar, Odisha on behalf of Governor of Odisha, invites percentage rate bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in" for the work as detailed below (Composite Tender)

1. Name & Type of the work : Civil construction works-RCC framed structure Building Construction of Office Building of EE (Agril), Cuttack Division, District - Cuttack
2. Estimated Cost put to Tender : Rs.9988750.00
3. EMD Amount : Rs.99887.00
4. Bid Cost : Rs.10,000/- as Mentioned in Column - 04
5. Period of completion : 08 (Eight) Calendar Months Mentioned in Column - 07
6. No. of work (Tender) : 01 no.
7. Class of Contractor : 'B' class with valid LT/HT/MV Electrical License as Mentioned in Column - 06
8. Date & Time of availability of bid document in the portal : 22.09.2025 at 10 A.M. to Dt.06.10.2025 at 5.00 P.M.
9. Last date / Time for receipt of bids in the portal : Dt.06.10.2025 at 5.00 P.M.
10. Last Date of submission of documents/Hardcopy : Dt.08.10.2025, 5.00 P.M. (Working days) only
11. Date & time of opening of online bids : Dt.09.10.2025 at 11.30 A.M. & onwards
12. Name and address of the officer inviting Bid : Superintending Engineer (Agril.), Central Zone, Satya Nagar, Bhubaneswar, Odisha-751007

NB : The Bidders have to participate in ONLINE bidding only in the e-Procurement website : https://tendersodisha.gov.in with matching class DSC. Any addendum / Corrigendum / cancellation of tender / other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reason thereof.

Sd./- Superintending Engineer (Agril.)
Central Zone, Bhubaneswar

OIPR-01573/11/0012/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER EASTERN CIRCLE-I, CANTONMENT ROAD, CUTTACK**

No.A-646

Email id : seeccuttack@gmail.com

'e' Procurement Notice No.ACE, EC-I/04 of 2025-26

| | | |
|---|---|---|
| 1 | Name of Work | Improvement to Mahanadi left embankment service road from Mangarajpur to Sankhameri and Tunpur to Mugagahira. **Bid identification No.ACE, EC-I MND 02 of 2025-26** |
| | | Improvement of D-7A right bank from Panaspur Medical Chhak to Baujanga village. **Bid identification No.ACE, EC-I MND 03 of 2025-26** |
| | | Improvement of D-7A1 right bank service road from Bandareswar chhak to Pallei School and D-6 canal road from RD 00m to 700m. **Bid identification No.ACE, EC-I MND 04 of 2025-26** |
| 2 | Total No. of Works | 3 (Three) Nos. works |
| 3 | Tender paper Cost (online) (Non-refundable) | Rs.10,000.00 (Ten thousand) for each tender |

4. Bid details are as follows :

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (On-line) (in Rs.) | Class of Contractor | Period of Completion | Availability of Tender On-line for bidding From | To | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| Additional Chief Engineer, Eastern Circle-I, Cuttack | ACE, EC-I MND 02 of 2025-26 | 235.75 | 2,35,800.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 03 of 2025-26 | 167.43 | 1,67,500.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 04 of 2025-26 | 237.00 | 2,37,000.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |

All other terms and conditions can be seen from the Govt. website www.tendersodisha.gov.in
All corrigendum / cancellation of tender if any, will only be uploaded in the above website.

Sd./- Additional Chief Engineer
Eastern Circle-I, Cuttack

OIPR-32370/11/0020/2526

# କେରଳକୁ ଗଞ୍ଜେଇ ଚୋରାଚାଲାଣ ବଢ଼ୁଛି

ରାୟଗଡ଼ା,୨୧ା୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲାର ବିଭିନ୍ନ ଷ୍ଟେଶନରୁ ବାହାର ରାଜ୍ୟ ବିଶେଷକରି କେରଳକୁ ନିୟମିତ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଛି। ବାହାର ରାଜ୍ୟର ଲୋକେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ହାତକରି ରାୟଗଡା ଆସି ଆଖପାଖ ଅଞ୍ଚଳ ଏବଂ ପଡୋଶୀ ଜିଲାରୁ ଗଞ୍ଜେଇ ସଂଗ୍ରହ କରି ଟ୍ରେନ୍ ଯୋଗେ ଚୋରାଚାଲାଣ କରୁଥିବା ଘଟଣା ନଜର ଆସୁଛି। କେତେକ ସମୟରେ ଅଭିଯୁକ୍ତମାନେ ପୋଲିସ ହାବୁଡରେ ପଡୁଥିବାବେଳେ ଅନେକ ସମୟରେ ସେମାନେ ଟ୍ରେନ୍ ଯୋଗେ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରିବାରେ ସଫଳ ହେଉଥିବା ଜଣାପଡ଼ିଛି। ଗତ ଶୁକ୍ରବାର ଟ୍ରେନ୍ ଯୋଗେ କେରଳକୁ ଗଞ୍ଜେଇ ଚୋରାଚାଲାଣ ହେବାକୁ ଯୋଜନା ଥିବାବେଳେ ମୁନିଗୁଡ଼ା ପୋଲିସ ରେଳ ଷ୍ଟେଶନ ପରିସରରୁ ୨୧କେଜି ୧୫୦ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏଥିସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଜଣେ ଯୁବତୀଙ୍କ ସହ ୨ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କୁ ପୋଲିସ ଗିରଫ


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ଓ ପୋଲିସ ।

## ଷ୍ଟେଶନରୁ ପୁଣି ୨ କେରଳୀ ଅଭିଯୁକ୍ତ ଗିରଫ

କରିଥିଲା। ସେହିପରି ଶନିବାର ବିଳମ୍ବିତ ରାତିରେ ରାୟଗଡ଼ା ରେଳ ଷ୍ଟେଶନରେ ଜିଆରପି ପୋଲିସ ପାଟ୍ରୋଲିଂ ସମୟରେ ଟ୍ରେନ ଯୋଗେ ଚୋରା ଚାଲାଣ ହେବାକୁ ଥିବା ୯ କେଜି ୬୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ସମ୍ପୃକ୍ତ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ କେରଳ ଆଲାପୁଜା ଜିଲା କୋଦାଧି ଗ୍ରାମର ଶ୍ୟାମ୍ସ ନାୟର (୩୫) ଏବଂ ମାରାରିକୁଲମ ଥାନା ଅନ୍ତର୍ଗତ ଆରମାଚଲ ଗ୍ରାମର ଏ. ରଜନୀ (୪୦) ବୋଲି ଜଣାପଡିଛି।

ମିଳିଥିବା ସୂଚନା ପ୍ରକାରେ, ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ବିନୟ ପ୍ରସାଦ ମିଞ୍ଜଙ୍କ ନେତୃତ୍ୱରେ ଏସ୍ଆଇ ଆଲୋକ ନାୟକ, ଏସ.କେ.ପରିଡା, ଏଏସ୍ଆଇ ମାଣିକ ଚନ୍ଦ୍ର ଗୌଡ, ଏସ.କେ.ପଟ୍ଟନାୟକ, ମହାବୀର ଶର୍ମା ପ୍ରମୁଖ ରାୟଗଡା ଷ୍ଟେଶନର ୧ ନଂ ପ୍ଲାଟଫର୍ମରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଉକ୍ତ ଦୁଇ ଅଭିଯୁକ୍ତ ଷ୍ଟେଶନରେ ବୁଲୁଥିବାବେଳେ ଜିଆରପିର ସେମାନଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରେ ଗଞ୍ଜେଇଥିବା ଜଣାପଡ଼ିବା ପରେ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ମୁନିଗୁଡା ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି କେରଳ ଚୋରାଚାଲାଣ ପାଇଁ ଉଭୟ ରାୟଗଡ଼ା ଆସି ଟ୍ରେନ୍‌କୁ ଅପେକ୍ଷା କରିଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ କହିଛି।

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ


ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ରୋଗୀଙ୍କ ଚିକିତ୍ସା କରୁଛନ୍ତି।

ଗୁଣପୁର,୨୧ା୯(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୁଣପୁର ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ଇଲାମ ଶବର, ଏମ୍‌ପି ପ୍ରତିନିଧି ତରୁଣୀ ସେନ ଶତପଥୀ, ବରିଷ୍ଠ ନାଗରିକ ସତ୍ୟନାରାୟଣ ଚୌଧୁରୀ, ଭାରପ୍ରାପ୍ତ ମେଡିକାଲ ଅଫିସର ଡ. ଅମରେଶ ଜେନା, ସିଡିପିଓ ସୁଷମା ପ୍ରସାଦ ମାଞ୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାଳିକା ଏବଂ ସବୁ ବୟସର ମହିଳାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ସହ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥିଲା। ଏହି ଅଭିଯାନରେ ଅଣସଂକ୍ରାମକ, ଯକ୍ଷ୍ମା, ରକ୍ତହୀନତା, ସିକିଲସେଲ ଓ ଥାଲାସେମିଆ ଆଦି ରୋଗର ଚିହ୍ନଟ, ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବୟସାନୁଯାୟୀ ଟିକାକରଣ କରାଯିବା ସହିତ ଋତୁସ୍ରାବ ଜନିତ ପରିଚ୍ଛନ୍ନତା ଏବଂ ଖାଦ୍ୟରେ ତେଲ, ଚିନି କମ୍ କରିବା ଉପରେ ସଚେତନ କରାଯାଇଥିଲା। ଏହି ଅଭିଯାନ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ। କାର୍ଯ୍ୟକ୍ରମକୁ ଡ. ନୀହାର ରଞ୍ଜନ ପଟ୍ଟନାୟକ, ଡ. କାଳୀ ପ୍ରସାଦ ପଣ୍ଡା, ବିପିଏମ୍ ପରିଚାଳନା କରିଥିଲେ। ଏହି ଶିବିରରେ ୩୨୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା କରାଯାଇଥିଲା। ସେଥିରୁ ୭୭ ଜଣଙ୍କ ଛାତିର ଏକ୍ସରେ କରାଯାଇଥିଲା। ରାୟଗଡ଼ା ଏକ୍ସରେ ୟୁନିଟ ସହ ଏକ ୮ ଜଣିଆ ବିଶେଷଜ୍ଞ ଡାକ୍ତର ଦଳ ଉପସ୍ଥିତ ରହି ଚିକିତ୍ସା କରିଥିଲେ । ଏହି ଅବସରରେ ଆଇସିଡିଏସ ଗୁଣପୁର ତରଫରୁ ଶିଶୁ ଓ ମହିଳାଙ୍କ ବିକାଶ ପାଇଁ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ସ୍ୱାସ୍ଥ୍ୟ ଶିବିରରେ ଗାନ୍ଧୀ ବିଶ୍ୱବିଦ୍ୟାଳୟର ନର୍ସିଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ ।

# ସେବା ମାଧ୍ୟମରେ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀ।

ରାୟଗଡ଼ା,୨୧ା୯(ଆଶିଷ ରଞ୍ଜନ ପଣ୍ଡା)

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ରାୟଗଡ଼ା ମହିଳା ମହାବିଦ୍ୟାଳୟର ଏନ୍ଏସ୍ଏସ୍ ୟୁନିଟ ତରଫରୁ ପୌଷ୍ୟ ଗ୍ରାମ ଢ଼େପାସାହି ଗ୍ରାମରେ ୭ଦିନ ଧରି ଚାଲିଥିବା ସ୍ୱତନ୍ତ୍ର ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଏନ୍ଏସ୍ଏସ୍ ଅଧିକାରୀ ରଘୁନାଥ ଭୁଏ ସ୍ୱାଗତ ଅଭିଭାଷଣ ସହ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ତଥା ପରାମର୍ଶଦାତା ଡ. ଭି.ଏଲ. ରାଜୁ ଯୋଗଦେଇ ସମ୍ପ୍ରତି ସମୟରେ ଦେଖାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ପ୍ରତିକାର ବିଷୟରେ ଆଲୋକପାତ କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ପ୍ରତ୍ୟେକ ପ୍ରତିବନ୍ଧକ ସହ ସଂଘର୍ଷ କରି ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱ ନିର୍ମାଣ କରିବା ଉପରେ ମତ ପ୍ରକାଶ କରିଥିଲେ। ଏଭଳି ଶିବିର ଦ୍ୱାରା ଛାତ୍ରୀଙ୍କ ସମାଜସେବା ଓ ନେତୃତ୍ୱ ଦକ୍ଷତା ବିକାଶ ଘଟିଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଶିବିରରେ ଭୂଗୋଳ ବିଭାଗର ଅଧାପିକା ଭାର୍ଗବୀ ନିଆଲ ଏବଂ ଗ୍ରାମବାସୀଙ୍କ ସହିତ ୫୦ ଜଣ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅଧାପକ ରଘୁନାଥ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ

## ପାଇକପଡ଼ା ସେବାଶ୍ରମରେ ଅନିୟମିତତା

ଜେକେ ପୁର,୨୧ା୯ (ରାଜେଶ୍ ବିଶ୍ୱାଳ)




ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଥେରୁବାଲି ପଞ୍ଚାୟତର ପାଇକପଡା ସେବାଶ୍ରମରେ ବହୁ ଅନିୟମିତତା ଦେଖିବାକୁ ମିଳିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କାମରେ ନିୟୋଜିତ କରୁଥିବା ଅଭିଯୋଗ ହୋଇଛି। ଏଥିସହିତ ମଧ୍ୟାହ୍ନଭୋଜନରେ ପିଲାଙ୍କୁ ଖାଲି ଭାତ ଡାଲି ଖାଇବାକୁ ଦିଆଯାଉଛି। ଏପରିକି ଛାତ୍ରୀଛାତ୍ର ନିଜ ହାତରେ ଖାଦ୍ୟ ବାଢି ଖାଉଥିବା ବେଳେ ହଷ୍ଟେଲରେ ଅଣ୍ଡା ବଣ୍ଟା ଯାଇ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ବିଷୟରେ ଅଭିଭାବକମାନେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି।

ପାଇକପଡା ସେବାଶ୍ରମରେ ୧୮୦ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ହଷ୍ଟେଲରେ ୩୩ ଜଣ ଛାତ୍ର ରହୁଛନ୍ତି। ପିଲାଙ୍କୁ ଖାଦ୍ୟ ପ୍ରସ୍ତୁତ କରି ଦେବାକୁ ବିଦ୍ୟାଳୟରେ ୫ଜଣ ରୋଷେୟା ଅଛନ୍ତି। ପୁରୁଷ ରୋଷେୟା ସହଦେବ ନାଥ ବିଦ୍ୟାଳୟରେ କେବେ ରୋଷେଇ ନ କରି ବାହାର ଭୋଜିକୁ ଯାଇ ରୋଷେଇ କରିଥାନ୍ତି। ସେହିପରି କୌଣସି ପିଅନ ପରିବାର ସହ ବିଦ୍ୟାଳୟ ପରିସରରେ ରହିପାରିବେ ନାହିଁ ବୋଲି ସରକାରୀ ନିୟମ ରହିଥିବାବେଳେ ସହଦେବ ତାଙ୍କ ପରିବାର ସହ ବିଦ୍ୟାଳୟ ପରିସରରେ ରହୁଛନ୍ତି। ଉକ୍ତ ପିଅନ ଜଣକ ପିଲାମାନଙ୍କୁ ଗ୍ୟାସ୍ ସିଲିଣ୍ଡର ବୋହିବା, ତାଙ୍କ ଅଟୋ ଧୋଇବା କାର୍ଯ୍ୟରେ ନିୟୋଜିତ କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେବେ ବିଦ୍ୟାଳୟକୁ ନୂଆ କରି ଆସିଥିବା ପ୍ରଧାନଶିକ୍ଷକ ଜଗନ୍ନାଥ ସୁତାର ସବୁ ଜାଣି ମଧ୍ୟ ନୀରବ ରହୁଥିବା ଅଭିଯୋଗ ହେଉଛି। ସ୍କୁଲର ମଧ୍ୟାହ୍ନଭୋଜନ ଦାୟିତ୍ୱ ବିଭିନ୍ନ ଏସ୍ଏଚଜି ଗୋଷ୍ଠୀକୁ ଦିଆଯାଉଥିବାବେଳେ ବିଦ୍ୟାଳୟର ଜଣେ ଶିକ୍ଷକ ମଧ୍ୟାହ୍ନଭୋଜନକୁ ନିଜ ଦାୟିତ୍ୱରେ ରଖିଥିବା ଅଭିଯୋଗ ହେଉଛି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରହୁ ନ ଥିବାରୁ ଏଭଳି ଅବ୍ୟବସ୍ଥା ହେଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ସୁତାରଙ୍କୁ ପଚାରିବାରୁ ସ୍କୁଲରେ ସେଭଳି କିଛି ଅନିୟମିତତା ହେଉନାହିଁ, ସବୁକିଛି ଠିକ୍ ଭାବେ ଚାଲିଛି ବୋଲି କହିଥିଲେ। ଅପରପକ୍ଷେ ସ୍କୁଲରେ କାର୍ଯ୍ୟରତ ସିସିଏ ସହଦେବ ନାଥ ବାହାରକୁ ରୋଷେଇ କରିବାକୁ ଯାଉଥିବା ସେ ସ୍ୱୀକାର କରିଛନ୍ତି। ଏ ନେଇ କୋଲନରା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ମୁଣ୍ଡଙ୍କୁ ପଚାରିବାରୁ ସ୍କୁଲରେ ଏଭଳି ଘଟଣା ଘଟୁଥିବା ନେଇ ନିକଟରେ ସୂଚନା ପାଇଛି। ସେ ନିଜେ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି।

# ବିଭିନ୍ନ ସ୍ଥାନରେ ସେବା ପକ୍ଷ କର୍ମଶାଳା

ଗୁଣପୁର,୨୧ା୯(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଭାଜପା ସଭାପତି ଗୋପି ଆନନ୍ଦଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁଣପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ବ୍ଲକରେ ସେବା ପକ୍ଷ କର୍ମଶାଳା ପାଳିତ ହେଉଛି। ଏହି କ୍ରମରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ମୁଖ୍ୟତଃ ବିଭିନ୍ନ ଅନୁଷ୍ଠାନ, ମନ୍ଦିର, ଖୋଲା ଜାଗାରେ ଚାରାରୋପଣ, ମଣ୍ଡଳ ସ୍ତରରେ ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, ମାରାଥନ, ଆୟୁଷ୍ମାନ ଶିବିର, ବୁଦ୍ଧିଜୀବୀ ସମ୍ମିଳନୀ, ମୋଦିଙ୍କ ବିକଶିତ ଭାରତର ଚିତ୍ରକଳା ପ୍ରଦର୍ଶିତ କରାଯିବା ସହ ଅନେକ ସମାଜ ସେବାକୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହେଉଛି। ଜିଲାର ବରିଷ୍ଠ କାର୍ଯ୍ୟକର୍ତ୍ତା, ଜିଲା କୃଷକ ମୋର୍ଚ୍ଚା ସଭାପତି ତଥା ସେବା ପକ୍ଷ ସଂଯୋଜକ ଗୋପାଳ ଚନ୍ଦ୍ର ସାହୁ ଓ ବନମାଳୀ ଗମାଙ୍ଗଙ୍କ ଅଧକ୍ଷତାରେ କାର୍ଯ୍ୟ ସମ୍ପାଦନ କରାଯାଉଛି ବୋଲି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ସମୁଦ୍ରରେ ବୁଡି ଜଣେ ନିଖୋଜ, ୨ ଉଦ୍ଧାର

ଗୋପାଳପୁର,୨୧ା୯(ନବୀନରାଜଆଚାରୀ)

ଗୋପାଳପୁର ଥାନା ଅନ୍ତର୍ଗତ ଧବଳେଶ୍ୱର ବେଳାଭୂମି ସମୁଦ୍ରରେ ଶନିବାର ଅପରାହ୍ନରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଗାଧୋଉଥିବା ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡିଛି। ନିଖୋଜ ଯୁବକ ଜଣକ ହେଲେ ବିହାର ଦାନାପୁର ଅଞ୍ଚଳର ଅଭିଷେକ ରଞ୍ଜନ (୧୮)। ଖବରରୁ ପ୍ରକାଶ, ଦାନାପୁର ଅଞ୍ଚଳର ଅଭିଷେକ ରଞ୍ଜନ, ଆୟୁଷ କୁମାର, ନୀତେଶ କୁମାର ଆର୍ମି ଇଣ୍ଟରଭ୍ୟୁ ଦେବାକୁ ଗୋଳାବନ୍ଧ ଆସିଥିଲେ। ଶନିବାର ଅପରାହ୍ନରେ ଧବଳେଶ୍ୱର ସମୁଦ୍ର ବେଳାଭୂମିକୁ ୩ ଜଣ ଗାଧେଇବାକୁ ଯାଇଥିଲେ। ସେମାନେ ଗାଧୋଉଥିବା ବେଳେ ସମୁଦ୍ରରେ ବୁଡ଼ି ଯାଉଥିବା ଦେଖି ସ୍ଥାନୀୟ ନୂଆ ଗୋଳାବନ୍ଧର ଲୋକେ ଅଭିଷେକ, ଆୟୁଷ ଓ ନୀତେଶଙ୍କୁ ଉଦ୍ଧାର କରୁଥିବା ବେଳେ ଅଭିଷେକ ସମୁଦ୍ର ଭିତରେ ନିଖୋଜ ହୋଇଯାଇଥିଲେ। ଆୟୁଷ ଓ ନୀତେଶ ସୁସ୍ଥ ଥିବା ଜଣାପଡ଼ିଛି। ଖବର ପାଇ ଅଗ୍ନିଶମବାହିନୀ ଓ ଗୋପାଳପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ସୁଦ୍ଧା (ରାତି ୮ଟା) ଅଭିଷେକଙ୍କ ପତ୍ତା ମିଳିନାହିଁ।

# କଳିଙ୍ଗା ଘାଟି ରାସ୍ତା ନିର୍ମାଣରେ ବର୍ଷା ବାଧକ

## ଭୟଭୀତ କାର୍ଯ୍ୟରତ ଶ୍ରମିକ

ଜି.ଉଦୟଗିରି,୨୧ା୯
(ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

କଳିଙ୍ଗା ଘାଟି ରାସ୍ତା ନିର୍ମାଣ ଯୁଦ୍ଧ କାଳୀନ ଭିତ୍ତିରେ କରାଯାଇ ୭ ଦିନ ଭିତରେ ହାଲୁକା ଯାନ ଚଳାଚଳ କରିବାକୁ ଲକ୍ଷ୍ୟ ରଖାଯାଇଛି। ହେଲେ ଘାଟି ରାସ୍ତା ନିର୍ମାଣରେ ବର୍ଷା ବାଧକ ସାଜିଛି। ମଙ୍ଗଳବାର ଅପରାହ୍ନରେ ଘାଟିରେ ଭୂସ୍ଖଳନ ହୋଇଥିଲା। ପ୍ରାୟ ୧୦୦ ଫୁଟରୁ ଉର୍ଦ୍ଧ୍ୱ ପାହାଡ଼ର ମାଟି ଅତଡ଼ା ଓ ବଡ଼ ପଥର ଖସି ରାସ୍ତା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ୪୦/୫୦ ଫୁଟରୁ ଅଧିକା ରାସ୍ତା ଭୂସ୍ଖଳନରେ ଧୋଇ ହୋଇଯାଇଥିଲା। ବର୍ତ୍ତମାନ କଳିଙ୍ଗା ଘାଟି ଦେଇ କନ୍ଧମାଳ ଜିଲା ସହ ଗଞ୍ଜାମ ଜିଲା ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଉଭୟ ପାର୍ଶ୍ୱରେ ପୋଲିସ ବିଭାଗ ତରଫରୁ ୨୪ ଘଣ୍ଟିଆ ନାକାବନ୍ଦୀ କରାଯାଇଛି। ଜାତୀୟ ରାଜପଥ ବିଭାଗ ତରଫରୁ ଯୁଦ୍ଧ କାଳୀନ ଭିତ୍ତିରେ ରାସ୍ତା ପୁନରୁଦ୍ଧାର ସହ ଅସ୍ଥାୟୀ ରାସ୍ତା ନିର୍ମାଣ କାମ ଏକ ବେସରକାରୀ ଠିକା ସଂସ୍ଥା କରୁଥିବା ବେଳେ ପ୍ରତିଦିନ ଉପରବେଳା ବର୍ଷା ଲାଗିରହୁଛି। ବର୍ଷା ଯୋଗୁ ପୁଣି କିଛି ଅଘଟଣ ଘଟିବ ସେ ଭୟରେ ଶ୍ରମିକ ମାନଙ୍କୁ କାମ କରିବାରେ ଅସୁବିଧା ହେଉଛି। ଫଳରେ କାମ ଅଗ୍ରଗତିରେ ବାଧା ସୃଷ୍ଟି ହେଉଥିବା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବିକ୍ରମ ଚନ୍ଦ୍ର ପଣ୍ଡା କହିଛନ୍ତି। ରବିବାର ସକାଳୁ ସ୍ଥାନୀୟ ଅଞ୍ଚଳରେ ପାଗ ଶୁଖିଲା ରହିଥିଲା। ମାତ୍ର ହଠାତ୍ ଅପରାହ୍ନ ୨ଟା ପରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ବର୍ତ୍ତମାନ ମଧ୍ୟ ଭୂସ୍ଖଳନ ସ୍ଥାନଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ପ୍ରତିଦିନ ଗୋଟିଏ ଓଳି କାମ ହେଉଛି। ଖାଲ ହୋଇଥିବା ସ୍ଥାନରେ ପଥର, ଚିପ୍ସ, ବାଲି, ମାଟି ଯାହା ପକାଯାଉଛି ବର୍ଷା ହେଲେ ପାହାଡ଼ରୁ ଆସୁଥିବା ପାଣି ସ୍ରୋତରେ ଭାସି ଯାଉଥିବା ନେଇ ଜାତୀୟ ରାଜପଥ ଅତିରିକ୍ତ ଯନ୍ତ୍ରୀ ପ୍ରଶାନ୍ତ ସାହୁ କହିଛନ୍ତି। ଭୂସ୍ଖଳନ ଯୋଗୁ କଳିଙ୍ଗା ଘାଟି ରାସ୍ତା ବନ୍ଦ ହେବାର ସପ୍ତାହେ ବିତିଯାଇଥିଲେ ସୁଦ୍ଧା ଘାଟିରେ ଯାତାୟାତ ସମ୍ଭବ ହୋଇପାରିନାହିଁ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜିବୀକା ପ୍ରଭାବିତ ହୋଇଛି। ବହୁ ସଂଖ୍ୟାକ ବ୍ୟବସାୟୀ ରୋଜଗାର ହରାଇ ଅପେକ୍ଷାରେ ରହିଛନ୍ତି।



କଳିଙ୍ଗା ଘାଟି ରାସ୍ତା ମରାମତି ଚାଲିଛି।

# ନେଟ୍‌ୱର୍କ ନାହିଁ ; ପଞ୍ଚାୟତ କାର୍ଯ୍ୟ, ବ୍ୟାଙ୍କ ସେବା ବାଧାପ୍ରାପ୍ତ

ଟିକିରି,୨୧ା୯
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ସୁଙ୍ଗେର ପଞ୍ଚାୟତ ସଦର ମହକୁମାରେ ମୋବାଇଲ ନେଟ୍‌ୱର୍କ ନ ଥିବାରୁ ଏଠାରେ ଥିବା ଏସ୍‌ବିଆଇ ବ୍ୟାଙ୍କ, ପଞ୍ଚାୟତ କାର୍ଯ୍ୟାଳୟରେ ହେଉଥିବା ଅନ୍‌ଲାଇନ କାର୍ଯ୍ୟ ସହ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ସୁଙ୍ଗେର ଗ୍ରାମରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଥିବା ବେଳେ ଏଠାରେ ଦୁଇଟି ମୋବାଇଲ ନେଟୱାର୍କ ରହିଛି। ବିଏସ୍ଏନ୍ଏଲ ନେଟ୍‌ୱର୍କ ଚାଲୁଥିବା ବେଳେ ଅନ୍ୟଟି ଦୀର୍ଘଦିନ ହେଲାଣି ଅକାମୀ ହୋଇପଡ଼ିଛି। ତେବେ



ବିଏସ୍ଏନଏଲ ନେଟ୍‌ୱର୍କ ଅନେକ ସମୟରେ ଲାଗୁ ନ ଥିବାରୁ ସୁଙ୍ଗେର ଗ୍ରାମବାସୀ ବହୁତ ହଇରାଣ ହେଉଥିବା କହିଛନ୍ତି। ଦୀର୍ଘଦିନ ହେଲାଣି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ହୋଇପାରୁନାହିଁ। ଫଳରେ ଅଞ୍ଚଳର ଛାତ୍ରୀଛାତ୍ର ଅନ୍‌ଲାଇନ ପାଠପଢ଼ାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସୁଙ୍ଗେର ଗ୍ରାମବାସୀ ଦାବି କରିଛନ୍ତି।

# ବଜ୍ରପାତରେ ୨ ମୃତ, ଜଣେ ଗୁରୁତର

ଖଲ୍ଲିକୋଟ,୨୧ା୯(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଓ ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବ୍ରଜରାଜପୁର ଗାଁ ସଂଲଗ୍ନ ଚାଷ ଜମିରେ କାମ କରୁଥିବା ମଥୁରା ପଞ୍ଚାୟତ ଭରସା ନୂଆଁପଲ୍ଲୀ ଗ୍ରାମର ଚନ୍ଦ୍ରମା ଗୌଡ଼ ଓ ଉର୍ମିଳା ଗୌଡ଼ ବଜ୍ରପାତରେ ଗୁରୁତର ହୋଇପଡିଥିଲେ। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚନ୍ଦ୍ରମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉର୍ମିଳାଙ୍କ ଚିକିତ୍ସା ଚାଲିଛି। ସେହିପରି ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ପେଣ୍ଠା ଗ୍ରାମର ବିଶ୍ୱନାଥ ଗୌଡ(୩୭)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି।

# ଶିକ୍ଷାଗତ ଯୋଗ୍ୟତା ପଞ୍ଚମ, ଆବେଦନ କରିଛନ୍ତି ଉଚ୍ଚ ଶିକ୍ଷିତ

- କୋରାପୁଟରେ ପୋଲିସ ହୋମଗାର୍ଡ ପରୀକ୍ଷା
- ୧୨୫ ପଦବୀ ପାଇଁ ୭,୨୮୧ ଆବେଦନ

କୋରାପୁଟ,୨୧ା୯(ଅମିତାଭ ବେହେରା)

କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ବ୍ୟବସ୍ଥା କରୁଛନ୍ତି। ଦେଶରେ ପ୍ରତିବର୍ଷ କୋଟିଏରୁ ଉର୍ଦ୍ଧ୍ୱ ପିଲା ଉଚ୍ଚ ଶିକ୍ଷାରେ ସ୍ନାତକ ହାସଲ କରୁଛନ୍ତି। କିନ୍ତୁ ସେହି ଅନୁପାତରେ ପିଲାଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରାଯାଉନାହିଁ। ଉଚ୍ଚ ଶିକ୍ଷିତ ହେବା ସତ୍ତ୍ୱେ ଚାକିରି ଅଭାବରୁ କେତେକେ ବେରୋଜଗାର ରହୁଥିବା ବେଳେ ଅନ୍ୟ କେତେକେ ଦାଦନ ଖଟିବାକୁ ବାଧ ହେଉଛନ୍ତି। ସରକାରୀ ଚାକିରି ଆଶାୟୀମାନେ ଡିଗ୍ରୀଧାରୀ ହେବା ସତ୍ତ୍ୱେ ପଞ୍ଚମ ପାସ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ଥିବା ହୋମଗାର୍ଡ ଚାକିରି ପାଇଁ ଆବେଦନ କରିଥିବା ଦେଖିବାକୁ ମିଳିଛି। ରବିବାର କୋରାପୁଟ ଜିଲାରେ ହୋଇଥିବା ପୋଲିସ ହୋମଗାର୍ଡ ଲିଖିତ ପରୀକ୍ଷା ପାଇଁ ଗ୍ରାଜୁଏଟ୍, ସ୍ନାତକୋତ୍ତର ଓ ଏମ୍‌ବିଏ ଭଳି ଉଚ୍ଚ ଯୋଗ୍ୟତା ସମ୍ପନ୍ନ ପିଲା ଆବେଦନ କରି ପରୀକ୍ଷା ଦେଇଛନ୍ତି।

କୋରାପୁଟ ଲାଣ୍ଡିଗୁଡାସ୍ଥିତ ଡିଏଭି ସରକାରୀ ମହାବିଦ୍ୟାଳୟଠାରେ ପୋଲିସ ହୋମଗାର୍ଡ ପଦବୀ ପାଇଁ ଲିଖିତ ପରୀକ୍ଷା ରବିବାର ସକାଳ ୭ଟାରେ ହୋଇଥିଲା।


ପରୀକ୍ଷାର୍ଥୀ କୋରାପୁଟ ଲାଣ୍ଡିଗୁଡାସ୍ଥିତ ଡିଏଭି ସରକାରୀ ମହାବିଦ୍ୟାଳୟର ଖେଳ ପଡ଼ିଆରେ ବସି ହୋମଗାର୍ଡ ପରୀକ୍ଷା ଦେଉଛନ୍ତି।

ମୋଟ ୧୨୫ ପଦବୀ ପାଇଁ ୭,୨୮୧ ଆଶାୟୀ ଆବେଦନ କରିଥିଲେ। ଏହି ହୋମଗାର୍ଡ ଚାକିରି ପାଇଁ ଶିକ୍ଷାଗତ ଯୋଗ୍ୟତା ମାତ୍ର ପଞ୍ଚମ ପାସ ଆବଶ୍ୟକ ଥିବା ବେଳେ ଏଥିରେ ଗ୍ରାଜୁଏଟ ଓ ସ୍ନାତକୋତ୍ତର, ଏମ୍‌ବିଏ ଆଦି ଉଚ୍ଚ ଶିକ୍ଷିତ ପିଲା ଲିଖିତ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ୭, ୨୮୧ ଆବେଦନକାରୀଙ୍କ ମଧ୍ୟରୁ ୫, ୬୯୦ ପିଲା ପରୀକ୍ଷା ଦେଇଥିବା କୋରାପୁଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରୀକ୍ଷା ପାଇଁ ଏସ୍‌ପି ରୋହିତ ବର୍ମାଙ୍କ ତତ୍ତ୍ୱାବଧାନରେ ଡିଏଭି ମହାବିଦ୍ୟାଳୟରେ ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏହି ହୋମଗାର୍ଡ ପଦବୀ ପାଇଁ ଉଚ୍ଚ ଶିକ୍ଷିତ ପିଲା ପରୀକ୍ଷା ଦେଇଥିବାରୁ ଭଲ ପିଲା ନିଯୁକ୍ତି ପାଇବେ ବୋଲି କୋରାପୁଟ ଏସ୍‌ପି ବର୍ମା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜିଲା ଓ ଜିଲା ବାହାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପରୀକ୍ଷାରେ ମାତ୍ର ୧୨୫ ହୋମଗାର୍ଡ ପଦବୀକୁ ୭,୨୮୧ଜଣ ଉଚ୍ଚ ଶିକ୍ଷିତ ପରୀକ୍ଷାର୍ଥୀ ଆବେଦନ କରିବା ନେଇ ଏହା ଆଲୋଚନାର ପରିସରକୁ ଆସିଛି।

ଆଇଟିଆଇ କରିଥିଲେ ସୁଦ୍ଧା ଦୀର୍ଘ ଦିନ ହେବ କେଉଁଠି ଚାକିରି ପାଇ ନ ଥିବାରୁ ମୁଁ ଏହି ପଦବୀ ପାଇଁ ଆବେଦନ କରି ଲିଖିତ ପରୀକ୍ଷା ଦେଇଥିବା କୋରାପୁଟର ପରୀକ୍ଷାର୍ଥୀ ରଞ୍ଜିତ କୁମାର ଜାନି କହିଛନ୍ତି। ଜଣେ ବେସରକାରୀ କଲେଜର ଅଧ୍ୟାପକ ହେବା ସତ୍ତ୍ୱେ ସରକାରୀ ଚାକିରି ଆଶାରେ ଏହି ପଦବୀ ପାଇଁ ଆବେଦନ କରିଥିବା ମାଲକାନଗିରିର ନାରାୟଣ ବେହେରା କହିଛନ୍ତି। ସେହିପରି ଦଶମନ୍ତପୁରର ଗ୍ରାଜୁଏଟ୍ ପିଣ୍ଟୁ ଖରା କହିଛନ୍ତି, ସ୍ନାତକ ଯୋଗ୍ୟତା ଥିଲେ ବି ଚାକିରି ନ ପାଇ ଘରେ ବସିଛି। ଏଥିପାଇଁ ହୋମଗାର୍ଡ ପରୀକ୍ଷା ଦେବାକୁ ଆସିଛି।

# ଶିକ୍ଷାଗତ ଯୋଗ୍ୟତା ପଞ୍ଚମ, ଆବେଦନ କରିଛନ୍ତି ଉଚ୍ଚ ଶିକ୍ଷିତ

- କୋରାପୁଟରେ ପୋଲିସ ହୋମଗାର୍ଡ ପରୀକ୍ଷା
- ୧୨୫ ପଦବୀ ପାଇଁ ୭,୨୮୧ ଆବେଦନ


ପରୀକ୍ଷାର୍ଥୀ କୋରାପୁଟ ଲାଣ୍ଡିଗୁଡାସ୍ଥିତ ଡିଏଭି ସରକାରୀ ମହାବିଦ୍ୟାଳୟର ଖେଳ ପଡ଼ିଆରେ ବସି ହୋମଗାର୍ଡ ପରୀକ୍ଷା ଦେଉଛନ୍ତି।

କୋରାପୁଟ,୨୧।୯(ଅମିତାଭ ବେହେରା)

କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ବ୍ୟବସ୍ଥା କରୁଛନ୍ତି। ଦେଶରେ ପ୍ରତିବର୍ଷ କୋଟିଏରୁ ଉର୍ଦ୍ଧ୍ୱ ପିଲା ଉଚ୍ଚ ଶିକ୍ଷାରେ ସ୍ନାତକ ହାସଲ କରୁଛନ୍ତି। କିନ୍ତୁ ସେହି ଅନୁପାତରେ ପିଲାଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରାଯାଉନାହିଁ। ଉଚ୍ଚ ଶିକ୍ଷିତ ହେବା ସତ୍ତ୍ୱେ ଚାକିରି ଅଭାବରୁ କେତେକେ ବେରୋଜଗାର ରହୁଥିବା ବେଳେ ଅନ୍ୟ କେତେକେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ଚାକିରି ଆଶାୟୀମାନେ ଡିଗ୍ରୀଧାରୀ ହେବା ସତ୍ତ୍ୱେ ପଞ୍ଚମ ପାସ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ଥିବା ହୋମଗାର୍ଡ ଚାକିରି ପାଇଁ ଆବେଦନ କରିଥିବା ଦେଖିବାକୁ ମିଳିଛି। ରବିବାର କୋରାପୁଟ ଜିଲାରେ ହୋଇଥିବା ପୋଲିସ ହୋମଗାର୍ଡ ଲିଖିତ ପରୀକ୍ଷା ପାଇଁ ଗ୍ରାଜୁଏଟ୍, ସ୍ନାତକୋତ୍ତର ଓ ଏମ୍‌ବିଏ ଭଳି ଉଚ୍ଚ ଯୋଗ୍ୟତା ସମ୍ପନ୍ନ ପିଲା ଆବେଦନ କରି ପରୀକ୍ଷା ଦେଇଛନ୍ତି।

କୋରାପୁଟ ଲାଣ୍ଡିଗୁଡାସ୍ଥିତ ଡିଏଭି ସରକାରୀ ମହାବିଦ୍ୟାଳୟଠାରେ ପୋଲିସ ହୋମଗାର୍ଡ ପଦବୀ ପାଇଁ ଲିଖିତ ପରୀକ୍ଷା ରବିବାର ସକାଳ ୭ଟାରେ ହୋଇଥିଲା। ମୋଟ ୧୨୫ ପଦବୀ ପାଇଁ ୭,୨୮୧ ଆଶାୟୀ ଆବେଦନ କରିଥିଲେ। ଏହି ହୋମଗାର୍ଡ ଚାକିରି ପାଇଁ ଶିକ୍ଷାଗତ ଯୋଗ୍ୟତା ମାତ୍ର ପଞ୍ଚମ ପାସ ଆବଶ୍ୟକ ଥିବା ବେଳେ ଏଥିରେ ଗ୍ରାଜୁଏଟ ଓ ସ୍ନାତକୋତ୍ତର, ଏମ୍‌ବିଏ ଆଦି ଉଚ୍ଚ ଶିକ୍ଷିତ ପିଲା ଲିଖିତ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ୭,୨୮୧ ଆବେଦନକାରୀଙ୍କ ମଧ୍ୟରୁ ୫, ୬୯୦ ପିଲା ପରୀକ୍ଷା ଦେଇଥିବା କୋରାପୁଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରୀକ୍ଷା ପାଇଁ ଏସ୍‌ପି ରୋହିତ ବର୍ମାଙ୍କ ତତ୍ତ୍ୱାବଧାନରେ ଡିଏଭି ମହାବିଦ୍ୟାଳୟରେ ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏହି ହୋମଗାର୍ଡ ପଦବୀ ପାଇଁ ଉଚ୍ଚ ଶିକ୍ଷିତ ପିଲା ପରୀକ୍ଷା ଦେଇଥିବାରୁ ଭଲ ପିଲା ନିଯୁକ୍ତ ପାଇବେ ବୋଲି କୋରାପୁଟ ଏସ୍‌ପି ବର୍ମା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜିଲା ଓ ଜିଲା ବାହାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପରୀକ୍ଷାରେ ମାତ୍ର ୧୨୫ ହୋମଗାର୍ଡ ପଦବୀକୁ ୭,୨୮୧ଜଣ ଉଚ୍ଚ ଶିକ୍ଷିତ ପରୀକ୍ଷାର୍ଥୀ ଆବେଦନ କରିବା ନେଇ ଏହା ଆଲୋଚନାର ପରିସରକୁ ଆସିଛି।

ଆଇଟିଆଇ କରିଥିଲେ ସୁଦ୍ଧା ଦୀର୍ଘ ଦିନ ହେବ କେଉଁଠି ଚାକିରି ପାଇ ନ ଥିବାରୁ ମୁଁ ଏହି ପଦବୀ ପାଇଁ ଆବେଦନ କରି ଲିଖିତ ପରୀକ୍ଷା ଦେଇଥିବା କୋରାପୁଟର ପରୀକ୍ଷାର୍ଥୀ ରଞ୍ଜିତ କୁମାର ଜାନି କହିଛନ୍ତି। ଜଣେ ବେସରକାରୀ କଲେଜର ଅଧ୍ୟାପକ ହେବା ସତ୍ତ୍ୱେ ସରକାରୀ ଚାକିରି ଆଶାରେ ଏହି ପଦବୀ ପାଇଁ ଆବେଦନ କରିଥିବା ମାଲକାନଗିରିର ନାରାୟଣ ବେହେରା କହିଛନ୍ତି। ସେହିପରି ଦଶମନ୍ତପୁରର ଗ୍ରାଜୁଏଟ୍ ପିଣ୍ଟୁ ଖରା କହିଛନ୍ତି, ସ୍ନାତକ ଯୋଗ୍ୟତା ଥିଲେ ବି ଚାକିରି ନ ପାଇ ଘରେ ବସିଛି। ଏଥିପାଇଁ ହୋମଗାର୍ଡ ପରୀକ୍ଷା ଦେବାକୁ ଆସିଛି।

## 'ହିନ୍ଦୀ ଭାଷାର ପ୍ରଚାର ନେଇ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ହିନ୍ଦୀ ଶିକ୍ଷକ ସଂଘର ସଦସ୍ୟମାନେ ।

**ଜିଲାସ୍ତରୀୟ ହିନ୍ଦୀ ଦିବସ**

କୋରାପୁଟ,୨୧।୯(ଅମିତାଭ ବେହେରା)
କୋରାପୁଟସ୍ଥିତ ଅଲିଶାନ ସଭାଗୃହରେ ଜିଲାସ୍ତରୀୟ ହିନ୍ଦୀ ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଉଭୟ ଗଣଶିକ୍ଷା ଓ ମଙ୍ଗଳ ବିଭାଗ ଅଧୀନରେ ଥିବା ବିଦ୍ୟାଳୟର ହିନ୍ଦୀରେ ପ୍ରଥମ ସ୍ଥାନ ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ସ୍ଥାନୀୟ ଜିଲା ହିନ୍ଦୀ ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ଖୋସାଲାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ବୀରେନ୍ଦ୍ର କରକରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ରାଷ୍ଟ୍ରୀୟ ଭାଷା ହିନ୍ଦୀର ପ୍ରଚାର ନେଇ ହିନ୍ଦୀ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ରାଜ୍ୟ ହିନ୍ଦୀ ଶିକ୍ଷକ ସଂଘ ସଭାପତି ଏସ୍.କେ ସୁମନ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ମୁଖ୍ୟବକ୍ତା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଚକ୍ରଧର ପ୍ରଧାନ ଯୋଗଦେଇଥିଲେ। ଜାତୀୟସ୍ତରରେ ହିନ୍ଦୀ ଶିକ୍ଷାର ବର୍ତ୍ତମାନ ସ୍ଥିତି ଓ ଗୁରୁତ୍ୱ ନେଇ ବିସ୍ତୃତ ଆଲୋକପାତ କରିଥିଲେ। ଜିଲାର ଗଣଶିକ୍ଷା ଓ ମଙ୍ଗଳ ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟରେ ହିନ୍ଦୀରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ୧୪ ବ୍ଲକ୍‌ରୁ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

## ମାନସିକ ଅସୁସ୍ଥ ଯୁବକଙ୍କୁ ଉଦ୍ଧାର କଲେ ଥାନାଧିକାରୀ

**ଚିକିତ୍ସା ପାଇଁ କୋରାପୁଟ ସ୍ଥାନାନ୍ତର**

ନନ୍ଦପୁର,୨୧।୯(ତୁଷାର କାନ୍ତ ମହାନ୍ତି)
କୋରାପୁଟ ଜିଲା ନନ୍ଦପୁର ଥାନାଧିକାରୀ ମମତା ପଣ୍ଡା ନୂଆପୁଟ ଗ୍ରାମରେ ହାତଗୋଡ ବନ୍ଧା ଅବସ୍ଥାରେ ଥିବା ଜଣେ ମାନସିକ ଅସୁସ୍ଥ ଯୁବକଙ୍କୁ ରବିବାର ଉଦ୍ଧାର କରିଛନ୍ତି। ଚିକିତ୍ସା ପାଇଁ ଯୁବକଙ୍କୁ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିବା ଦେଖିବାକୁ ମିଳିଛି। ବ୍ଲକ ଅଞ୍ଚଳରେ ମାନସିକ ଅସୁସ୍ଥଙ୍କୁ ଚିହ୍ନଟ ଓ ଚିକିତ୍ସାରେ ସହାୟତା କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡର ସଂଯୋଜନ ଜ୍ୟୋତି ରଞ୍ଜନ ବେହେରାଙ୍କ ସହ ଥାନାଧିକାରୀ ଯୋଗାଯୋଗ କରିଥିଲେ। ସଂଯୋଜକ ଜ୍ୟୋତିଙ୍କ ନିର୍ଦ୍ଦେଶରେ କ୍ଷେତ୍ର ସଂଯୋଜକ ଲୋକନାଥ ମୁଦୁଲି କସନ୍ଦି ପଞ୍ଚାୟତ ନୂଆପୁଟ ଗାଁରେ ପହଞ୍ଚି ଥାନାଧିକାରୀ ଓ ଯୁବକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଉଦ୍ଧାର କରିଥିଲେ। ଯୁବକଙ୍କୁ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସୂଚନା ଅନୁଯାୟୀ, ନୂଆପୁଟ ଗ୍ରାମର ଦାମ ଦୁଧାରୀଙ୍କ ପୁଅ ଧନୁର୍ଜୟ(୨୬) ମାନସିକ ଅସୁସ୍ଥତା କାରଣରୁ ୨ ଦିନ ହେବ ପରିବାର ଓ ଗ୍ରାମବାସୀଙ୍କ ସହ ବିକୃତ ଆଚରଣ କରୁଥିଲେ। ଗାଁ ଭିତରେ ଦୌଡ଼ାଦୌଡ଼ି କରି ଆକଟ କଲେ ଲୋକଙ୍କୁ ମାରପିଟ କରୁଥିବାରୁ ଗ୍ରାମବାସୀ ଭୟଭୀତ ହୋଇ ତାଙ୍କ ହାତଗୋଡ ବାନ୍ଧି ଦେଇଥିଲେ। ଏ ନେଇ ନନ୍ଦପୁର ପୋଲିସକୁ ସୂଚନା ଦେଇଥିଲେ। ଥାନାଧିକାରୀ ପଣ୍ଡା ଗାଁରେ ପହଞ୍ଚି ଯୁବକଙ୍କ ମା' ବାପା ଓ ସ୍ତ୍ରୀ ରାଧାଙ୍କ ସମେତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ବ୍ୟବସ୍ଥା କରିଥିଲେ। ଥାନାଧିକାରୀ ଓ ସ୍ୱେଡ ସଂସ୍ଥାର କର୍ମକର୍ତ୍ତାଙ୍କୁ ଗ୍ରାମବାସୀ ପ୍ରଶଂସା କରିଥିଲେ।

## ଆଜିଠାରୁ କାର୍ଯ୍ୟ ବନ୍ଦ ସହ ଗଣଧାରଣା


ସିଆରପି ଓ ସିଏସ୍‌ଏସ୍ କର୍ମଚାରୀ ବିଡିଓ ରାମକ୍ରିଷ୍ଣା ନାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପଟ୍ଟାଙ୍ଗି,୨୧।୯(ଶରତ କୁମାର ଧଳ)
କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ପାରିଶ୍ରମିକ ତଥା ସ୍ଥାୟୀ ଦରମା ଦାବି କରି ବ୍ଲକ୍ କାର୍ଯ୍ୟାଳୟ ଆଗରେ ରବିବାର ଧାରଣା ଦେଇଛନ୍ତି। ଏ ନେଇ ବିଡିଓ ରାମକ୍ରିଷ୍ଣା ନାୟକଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ଜିପିଏଲଏଫ ସମ୍ପାଦକ ମଞ୍ଜୁ ଦାଶଙ୍କ ଆହ୍ୱାନ କ୍ରମେ ବ୍ଲକର ସମସ୍ତ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ସିଆରପି ଓ ସିଏସ୍‌ଏସ୍ ଏକତ୍ର ହୋଇ ୬ ମାସ ହେବ ସ୍ଥାୟୀ ଦରମା ନ ପାଇ ବାରମ୍ବାର ପ୍ରଶାସନକୁ ଜଣାଇଲେ ସୁଦ୍ଧା କୌଣସି ସମାଧାନ କରାଯାଉନାହିଁ। ରାଜସ୍ୱ ଗ୍ରାମ ଅନୁସାରେ ସିଏଲଏଫ ଗଠନରୁ ବାଦ୍ ପଡୁଥିବା ସିଆରିପିଙ୍କ ସ୍ଥାୟୀତ୍ୱ ଓ ସମସ୍ତ ସିଏସ୍‌ଏସ୍‌ଙ୍କର ସ୍ଥାୟୀ ଦରମା ସମସ୍ୟା ସମାଧାନ ନ ହେବା ଯାଏ ବ୍ଲକ୍, ଏଲଏମ୍ ଏବଂ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାରଠାରୁ କାର୍ଯ୍ୟ ବନ୍ଦ କରି ଗଣଧାରଣା ଦେବାକୁ ପଟ୍ଟାଙ୍ଗି ବ୍ଲକ୍ ଆସୋସିଏଶନ୍ ନିଷ୍ପତ୍ତି ନେଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସ୍ଥାନୀୟ ତହସିଲଦାର, ପୋଲିସ, ବିପିଏମ ଓ ଏଲଏମ, ବିପିସି ମିଶନଶକ୍ତି ପ୍ରମୁଖଙ୍କ ସହ ଜିପିଏଲଏଫ୍‌ର ସଭାପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସଭାପତି ଚଇତି ଗଲୋରି ସମସ୍ତ ସିଆରପି ଓ ସିଏସ୍‌ଏସ୍‌ମାନଙ୍କୁ ଏକ ହୋଇ ମନବଳକୁ ସୁଦୃଢ଼ କରି ଦାବି ଉପସ୍ଥାପନ କରିବା ଦିଗରେ ପଛଘୁଞ୍ଚା ନ ଦେବାକୁ କହିଥିଲେ। ଦାବିପୂରଣ ନ ହେବା ଯାଏ ଏଥିରୁ ନ ଓହରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପ୍ରକାଶ ଯେ, ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଉକ୍ତ ସିଆରପି ଓ ସିଏସ୍‌ଏସ୍‌ମାନଙ୍କ ମୂଳ ଭୂମିକା ରହୁଛି। ପ୍ରତି କାର୍ଯ୍ୟକ୍ରମରେ ଗାଁ ସ୍ତରରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଏକତ୍ର କରିବାରେ ସେମାନଙ୍କ ମୁଖ୍ୟ ଭୂମିକା ଥିବା ବେଳେ ଏଭଳି ଗଣଧାରଣା ବ୍ଲକ୍ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ଏ ସମ୍ପର୍କରେ ବିଡିଓ ନାୟକଙ୍କୁ ପଚାରିବାରୁ ହସ୍ତଗତ ହୋଇଥିବା ଦାବିପତ୍ର ମୁଁ ଜିଲା ଓ ରାଜ୍ୟ ସରକାରଙ୍କୁ ପଠାଇଦେଇଛି। ସେଠାରୁ ଯାହା ନିର୍ଦ୍ଦେଶ ଆସିବ ତାକୁ ନେଇ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

## ଟଙ୍କା ଡବଲ ପ୍ରଲୋଭନ ଦେଖାଇ ଲକ୍ଷାଧିକ ହଡ଼ପ ଅଭିଯୋଗ

ଡାବୁଗାଁ, ୨୧।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)
୧ ବର୍ଷରେ ଟଙ୍କା ୨ ଗୁଣ କରିଦେବା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ନେଇ ରବିବାର ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବ ବୋଲି କହିଛି।

ସୂଚନାନୁଯାୟୀ, ଚଳିତ ମାସ ପ୍ରଥମ ସପ୍ତାହରେ କୋଡ଼ିଗାଁ ଥାନା ଅଧୀନ କଟାଗାଁ ଗ୍ରାମର ସମ୍ବଲ ନାୟକ ଡାବୁଗାଁ ଥାନା ଅଧୀନ ବିଜାପୁର ଡଙ୍ଗରୀଗୁଡ଼ା ଗ୍ରାମର ଡମ୍ବରୁ ଭତ୍ରାଙ୍କୁ ଭେଟି ନିଜକୁ ଏଲ୍‌ଏଫ୍ ୱାର୍କ ସଂସ୍ଥା ମ୍ୟାନେଜର ପରିଚୟ ଦେଇଥିଲେ। ଉକ୍ତ ସଂସ୍ଥାରେ ଟଙ୍କା ବିନିଯୋଗ କଲେ ବର୍ଷକରେ ୨ ଗୁଣା ହେବ। ଯାହାକି ପ୍ରତି ମାସରେ ଆକାଉଣ୍ଟକୁ ଆସିବ ବୋଲି କହିଥିଲେ। ଏହାପରେ ସମ୍ବଲ ଏକ ଲିଙ୍କ୍ ଡମ୍ବରୁଙ୍କ ମୋବାଇଲକୁ ଛାଡ଼ିଥିଲେ। ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରି ଟଙ୍କା ପଠାଇବାକୁ କହିଥିଲେ। ଡମ୍ବରୁ ଲିଙ୍କ୍‌ରେ କ୍ଲିକ୍ କରି ୪୫,୫୦୦ ଟଙ୍କା ପଠାଇ ଥିଲେ। ସେହି ଗ୍ରାମର ବିଶ୍ୱଜିତ ସାବତ ମଧ୍ୟ ୪୩ ହଜାର ୧୦୦ ଟଙ୍କା ଛାଡ଼ିଥିଲେ। ସେହିପରି ଆଖପାଖ ଗ୍ରାମର ପ୍ରାୟ ୧୩ଜଣ ଯୁବକ ଉକ୍ତ ଲିଙ୍କରେ ଟଙ୍କା ଜମା କରିଥିଲେ। ଏହାମଧ୍ୟରେ ଟଙ୍କା ଜମା କରିଥିବା ଯୁବକମାନେ ବାହାରୁ ଉକ୍ତ ସଂସ୍ଥା ଲୋକଙ୍କୁ ଠକୁଥିବା ବିଷୟରେ ଶୁଣି ସେମାନେ ସମ୍ବଲଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ସେ କାହାରି ଫୋନ୍ ଉଠାଉ ନଥିବାରୁ ଯୁବକମାନେ ରବିବାର ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି ।

## ଦିନରେ ବିସର୍ଜନ: ଡିଜେ, ବାଣ ନିଷେଧ

**ଦୁର୍ଗା ପୂଜା ଉପଲକ୍ଷେ ପୋଲିସ ପକ୍ଷରୁ ଶାନ୍ତି କମିଟି ବୈଠକ**

- ମଣ୍ଡପରେ ଅତି କମ୍‌ରେ ଲଗାଯିବ ୨ଟି ସିସି କ୍ୟାମେରା


ଉମରକୋଟ ଏସ୍‌ଡିପିଓ ଏବଂ ଥାନାଧିକାରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଉମରକୋଟ, ୨୧।୯(ସନ୍ତୋଷ ଶତପଥୀ)

ଆସନ୍ତା ଦୁର୍ଗାପୂଜା ଉମରକୋଟ ସହରରେ କିପରି ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଉମରକୋଟ ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଦୁର୍ଗାପୂଜା କମିଟି ସଭାପତି ଓ ସମ୍ପାଦକ, ମୋଟର ଯାନ ସଂଘ, ଘରୋଇ ବସ୍ ମାଲିକ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ପୂଜା ସମୟରେ ଅପରାହ୍ନ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସହର ମଧ୍ୟଦେଇ ଭାରିଯାନ ଚଳାଚଳ ବନ୍ଦ ରହିବ। ସେହିଭଳି ମୁଖ୍ୟ ରାସ୍ତାରେ ସକାଳ ୧୦ରୁ ରାତି ୧୧ଟା ଭିତରେ ଲୋଡିଂ ଓ ଅନଲୋଡିଂ କରାଯିବ ନାହିଁ। ଦିନ ସମୟରେ ବିସର୍ଜନ କରାଯିବ। ବିସର୍ଜନ ସମୟରେ ଡିଜେ ଓ ବାଣ ମନା। ପୂଜା ମଣ୍ଡପ ସଫା ରଖିବା, ମଣ୍ଡପରେ ଇଲେକ୍ଟ୍ରିସିଆନ ଉପସ୍ଥିତ ରହିବେ। ବାଇକ୍‌ରେ ୩ ଜଣ ବସିଲେ କିମ୍ବା ଦ୍ରୁତ ଗତିରେ ଚଳାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାସ୍ତା ଅବରୋଧ କରି ଗାଡି ନ ରଖିବା, ପୂଜା ଓ ବିସର୍ଜନ ସମୟରେ ମାଇକ ବଜାଇବା ପାଇଁ ଅନୁମତି ଆଣିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ପୂର୍ବରୁ ପୋଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି। ପୂଜା ମଣ୍ଡପ କମିଟିଗୁଡିକ ପକ୍ଷରୁ ଅତି କମ୍‌ରେ ୨ଟି ସିସି କ୍ୟାମେରା ଲଗାଇବାକୁ ଥାନା ଅଧିକାରୀ କହିଛନ୍ତି। ରବିବାର ଆୟୋଜିତ ବୈଠକରେ ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର ଓ ଥାନାଧିକାରୀ ରମାକାନ୍ତ ସାଏ, ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ ଓ ଏହାର ଆଖପାଖ ଅଞ୍ଚଳର ୨୬ ପୂଜା କମିଟି ପ୍ରତିନିଧି ଓ ଉମରକୋଟ ସହରର ଜଣାଶୁଣା ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରକୁ ୮୦ ପ୍ରତିଯୋଗୀ ମନୋନୀତ

**ଜୋନାଲ୍‌ସ୍ତରୀୟ ଦୌଡ଼ ଓ ଖେଳକୁଦ ପ୍ରତିଯୋଗିତା**

ନବରଙ୍ଗପୁର/ପାପଡ଼ାହାଣ୍ଡି, ୨୧।୯
(ସଦାଶିବ ପ୍ରହରାଜ/ସ୍ୱପ୍ନଜିତ ପଟ୍ଟନାୟକ)
ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ସରକାରୀ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟରେ ଜୋନାଲ ସ୍ତରୀୟ ଦୌଡ ଓ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ ଯୋଗଦେଇ ଖେଳ ପତାକା ଉତ୍ତୋଳନ କରିଥିଲେ। ପ୍ରତିଯୋଗିତାରେ ୧୫ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୬ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ବାଳିକା ଓ ବାଳକ ବିଭାଗରେ ୧୦୦, ୨୦୦, ୪୦୦ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ସଟ୍‌ପୁଟ, ଡିସକସ ଥ୍ରୋ, କବାଡି, ଭଲି ବଲ, ହ୍ୟାଣ୍ଡ ବଲ, ଫୁଟବଲ, ଖୋଖୋ ପ୍ରତିଯୋଗିତା କରାଯାଇଥିଲା। ଏଠାରୁ ଚୟନ ହୋଇଥିବା ୮୦ କୃତୀ ପ୍ରତିଯୋଗୀ ଆସନ୍ତା ୨୫ ଓ ୨୬ ତାରିଖରେ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ସିଆରସିସିଙ୍କ ଉପସ୍ଥିତିରେ ଖେଳ ଶିକ୍ଷକମାନେ ଏହାକୁ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ମନୋରଞ୍ଜନ ପ୍ରହରାଜ ମଞ୍ଚ ପରିଚାଳନା କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ଦ୍ୱିତୀୟ ସେମିଫାଇନାଲରେ କର୍ଚ୍ଚାମାଲର ବାଜିମାତ୍

**ଆଜି ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରଫାଇନାଲ**

- ପ୍ରଥମ ଥର ପାଇଁ ହେବ ରାତ୍ରି ମ୍ୟାଚ
- ଫାଇନାଲ ପୂର୍ବରୁ ମହିଳା ଫୁଟ୍‌ବଲ୍ ଦଳର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ

ନବରଙ୍ଗପୁର,୨୧।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆରେ ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ରବିବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ପାପଡ଼ାହାଣ୍ଡି ବ୍ଲକ ଉପସଭାପତି ସୁଶାନ୍ତ କୁମାର ବେହେରା, ନନ୍ଦାହାଣ୍ଡି ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ପରିବର୍ତ୍ତନ ଫାଉଣ୍ଡେଶନ ସଭାପତି ନିନିବାବୁ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ କୋଷାଗୁମୁଡ଼ା ବ୍ଲକ୍ ଅଧୀନ କର୍ଚ୍ଚାମାଲ ଦଳ ନାଟକୀୟ ଢଙ୍ଗରେ ଚିତ୍ରୋକୋଟ ଦଳକୁ ୨-୦ ଗୋଲରେ ପରାସ୍ତ କରି ଦଶହରା କପ୍ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ରେଫେରୀ ଭାବେ ଲାଲୁ ହରିଜନ, ବିଜୟ ନାୟକ, ଲାଛୁ ଭୂମିଆ ଏବଂ ରଇଲା ଭତରା ଖେଳ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଯେ ଏହି ଟୁର୍ଣ୍ଣାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲାର ମୋଟ ୧୬ ଦଳ ଅଂଶ ଗ୍ରହଣ କରିଥିଲେ। ସୋମବାର ଫାଇନାଲ ମ୍ୟାଚ୍ ହେବ। ଏଥିରେ କୋରାପୁଟ ଜିଲାର ଉମରି ଓ କର୍ଚ୍ଚାମାଲ ଦଳ ପରସ୍ପରକୁ ଭେଟିବେ। ପ୍ରଥମ ଥର ପାଇଁ ରାତ୍ରିରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହା ପୂର୍ବରୁ ମହିଳା ଫୁଟବଲ ଖେଳାଳିଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ ବୋଲି ଟୁର୍ଣ୍ଣାମେଣ୍ଟ ମୁଖ୍ୟ ଅଶୋକ ପାତ୍ର କହିଛନ୍ତି।


ଦୁଇ ଦଳର ଖେଳାଳିଙ୍କ ସହ ଅତିଥିମାନେ।

## ସ୍ୱାସ୍ଥ୍ୟ ସହ କ୍ରୀଡ଼ାକୁ ଗୁରୁତ୍ୱ

**ସେବା ପାଖୱାଡ଼ା ଉତ୍ସବ ଅବସରରେ ଜିଲାସ୍ତରୀୟ ଗଣଦୌଡ଼**

- କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କଲେ ଅତିଥି



କାର୍ଯ୍ୟକ୍ରମରେ ଜନ ପ୍ରତିନିଧି, ଅଧିକାରୀ, ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ।

ନବରଙ୍ଗପୁର,୨୧।୯(ସଦାଶିବ ପ୍ରହରାଜ)

ସେବା ପାଖୱାଡ଼ା ଉତ୍ସବ ଅବସରରେ ନବରଙ୍ଗପୁର ଜିଲା ସଦର ମହକୁମାର ସଦାଶିବ ପାର୍କରୁ ରବିବାର ଏକ ବିଶାଳ ଜିଲାସ୍ତରୀୟ ମାରାଥନ ଦୌଡ଼ କରାଯାଇଛି। ଏହା ପୋଲିସ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଉଭୟ ଗଣଶିକ୍ଷା ବିଭାଗ ଏବଂ ଜିଲା ମଙ୍ଗଳ ବିଭାଗ ଛାତ୍ରୀଛାତ୍ରଙ୍କ ସମେତ ଜିଲାର ବିଭିନ୍ନ ଶିକ୍ଷା, କ୍ରୀଡ଼ା କ୍ଷେତ୍ରର ଲୋକେ, ଅନେକ ବେସରକାରୀ ଅନୁଷ୍ଠାନର ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ। ଜିଲା କ୍ରୀଡା ସଂଘ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଗଣ ଦୌଡ଼ରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଯୋଗଦେଇଥିଲେ। ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ପୌରାଧ୍ୟକ୍ଷ କୁନୁ ନାୟକ, ପୌର ନିର୍ବାହୀ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ବରିଷ୍ଠ ଅଧିବକ୍ତା ଝାଡ଼େଶ୍ୱର ଖାଡଙ୍ଗା, ଭାଜପା ଜିଲା ସଭାପତି କୁଞ୍ଜ ବିହାରୀ ଦାଶ, ଜିଲା କ୍ରୀଡା ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍. ବାଲାକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କାଉନସିଲର ଶର୍ମିଷ୍ଠା ଦେଓ, ନଗେନ୍ଦ୍ର ପଟ୍ଟନାୟକ, ମାରାଥନ ଧାବକ ଚିତ୍ତ ପାତ୍ର, ସାମାଜିକ କର୍ମୀ ସୁଷମା ଜୈନ ପ୍ରମୁଖ ପତାକା ଦେଖାଇ ମାରାଥନ ଦୌଡ଼ର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ପୋଲିସ ପଡ଼ିଆଠାରେ ଦୌଡ଼ରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରି ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ ।

ଏହି ଅବସରରେ ଏମ୍‌ପି ମାଝି କହିଥିଲେ ଯେ, ଖେଲୋ ଇଣ୍ଡିଆ ମାଧ୍ୟମରେ କ୍ରୀଡ଼ା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇଛି। ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ ହେବ। ଖେଳାଳିମାନେ ବିଶ୍ୱ ଚାମ୍ପିୟନ ହେବା ପାଇଁ ଲକ୍ଷ୍ୟ ରହିଛି। ଲୋକ ସଭା କ୍ରୀଡା ମହୋତ୍ସବ ପାଇଁ ଅନଲାଇନ୍ ପଞ୍ଜୀକରଣ ସମୟ ଅତିବାହିତ ହୋଇଯାଇଛି। ତଥାପି ଅଫ୍‌ଲାଇନ୍ ପାଇଁ ନାମ ପଞ୍ଜୀକରଣ କରିପାରିବେ ବୋଲି କହିଥିଲେ। ଏଥିରେ ୧୫ରୁ ୩୫ ବର୍ଷର ଖେଳାଳିମାନେ ଭାଗ ନେଇ ପାରିବେ। ପଞ୍ଚାୟତ, ବ୍ଲକସ୍ତରୀୟ ପରେ ଲୋକସଭା କ୍ଷେତ୍ରସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରିକେଟ, ଫୁଟବଲ, ଭଲିବଲ୍, ଉଚ୍ଚ ଓ ଲମ୍ବ ଡିଆଁ, ଦୌଡ଼ି ଡିଆଁ, ମ୍ୟୁଜିକ୍ ଚେୟାର, ଲେମ୍ବୁ ଚାମଚ, ଅଖା ଦୌଡ଼, ୧୦୦ ଓ ୪୦୦ ମିଟର ଦୌଡ଼ ହେବ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିଙ୍କୁ ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦିଆଯିବ ବୋଲି କହିଥିଲେ। ତେବେ ଗଣ ଦୌଡ଼ରେ ଭାଗ ନେଇଥିବା ୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଅଶୋକ ପାତ୍ର, ବରିଷ୍ଠ ବର୍ଗରେ ନୀଳାମ୍ବର ଭତରା, କନିଷ୍ଠ ବର୍ଗରେ ମହେଶ ଚାଲାଣ ଓ ମହିଳା ବର୍ଗରେ ଆଲିଫା ହିଆଲଙ୍କୁ ଅତିଥି ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ସଫଳ କରିବାରେ ପୌର ପରିଷଦ ପକ୍ଷରୁ ଜ୍ୟୋତି ପରିଚ୍ଛା, ଶଶାଙ୍କ ଶେଖର ବେହେରା, ରାମ ଦାସଙ୍କ ସମେତ ଗଣଶିକ୍ଷା ଓ ମଙ୍ଗଳ ବିଭାଗର କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


କଲ୍ୟାଣୀ
ପରିବାରବର୍ଗ


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅପହର୍ତ୍ତାଙ୍କ ନଜରବନ୍ଦୀରେ ଆତ୍ମହତ୍ୟା

## ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧରଙ୍କ ମୃତଦେହ ଜବତ ଘଟଣା

- ୨.୪୦ କୋଟି ପାଇବାକୁ ହୋଇଥିଲା ଅପହରଣ
- ଠକେଇ ମାଷ୍ଟରମାଇଣ୍ଡ୍ ଜ୍ୟୋତ୍ସ୍ନାଙ୍କୁ ଖୋଜୁଛି ପୋଲିସ


ବିଦ୍ୟାଧର ସାହୁ

ଭୁବନେଶ୍ୱର,୨୧।୯(ସତ୍ୟଜିତ୍ ରାଉତ)

ଚନ୍ଦକା-ବାରଙ୍ଗ ରାସ୍ତାପାର୍ଶ୍ୱ ଦାରୁଠେଙ୍ଗ ଜୁଝଗଡ଼ ଡ୍ରେନ୍ ନିକଟରୁ ଟ୍ୟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତଦେହ ଜବତ ଘଟଣା ଭିନ୍ନ ମୋଡ଼ ନେଇଛି। ଅପହରଣ ପରେ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ଅପହର୍ତ୍ତାଙ୍କ ନଜରବନ୍ଦୀରେ ବିଦ୍ୟାଧର ଆତ୍ମହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏହି ଘଟଣା ପଛରେ ବଡ଼ ଚାକିରି ଠକେଇ ରାକେଟ୍ ସାମ୍ନାକୁ ଆସିଛି। ଠକେଇର ଶିକାର ପୀଡ଼ିତମାନେ ହିଁ ଅପହର୍ତ୍ତା ସାଜିଥିବା ସ୍ପଷ୍ଟ ହୋଇଛି। ତେବେ ଟଙ୍କା ଠକିଥିବା ଜ୍ୟୋତ୍ସ୍ନା ନାମ୍ନୀ ମହିଳାଙ୍କୁ କମିଶନରେଟ୍ ପୋଲିସ ଧରିବାକୁ ଖୋଜାଖୋଜି ଚଳାଇଛି। ଅପହରଣ ଓ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାକୁ ନେଇ ବଡ଼ଗଡ ଥାନା ପୋଲିସ କେତେଜଣ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ଘଟଣା ପଛରେ ବହୁ ରହସ୍ୟ ଛପି ରହିଥିବାରୁ ପୋଲିସ ଘଟଣାକୁ ଗୁରୁତ୍ୱର ସହ ତଦନ୍ତ କରୁଛି। କମିଶନରେଟ୍ ପୋଲିସ ଏହି ଘଟଣାରେ ଖୁବ୍‌ଶୀଘ୍ର ଖବରଦାତା ସମ୍ମିଳନୀ କରି ରହସ୍ୟ ଉନ୍ମୋଚନ କରିବ ବୋଲି ସୂଚନା ମିଳିଛି। ପୋଲିସ ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ, ଜ୍ୟୋତ୍ସ୍ନା ଖଣ୍ଡଗିରିଠାରେ ଏକ କନ୍‌ସଲ୍‌ଟାନ୍ସି ଅଫିସ କରି ଆଶାୟୀମାନଙ୍କଠାରୁ ଟଙ୍କା ନେଇ ଚାକିରି ଯୋଗାଉଥିଲେ। ତେବେ ଜ୍ୟୋତ୍ସ୍ନାଙ୍କୁ ବିଦ୍ୟାଧର ନିଜ କାର୍‌ରେ ନେବାଆଣିବା କରିବା ସହ ତାଙ୍କ ଅଫିସରେ ଟଙ୍କା କାରବାର କଥା ବୁଝୁଥିଲେ। ବିଦ୍ୟାଧର କେତେକ ଘଟଣାରେ ମଧ୍ୟସ୍ଥ ସାଜୁଥିଲେ। ଏପରିକି ଜ୍ୟୋତ୍ସ୍ନାଙ୍କ କଥାରେ ପଡି ବିଦ୍ୟାଧର କିଛି ଫେକ୍ ଦସ୍ତାବିଜ୍‌ରେ ସରକାରୀ ଅଧିକାରୀ ସାଜି ଦସ୍ତଖତ ମଧ୍ୟ କରିଥିଲେ। ତେବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଚାକିରି ଠକେଇର ଶିକାର ହୋଇଥିବା ପୀଡ଼ିତମାନଙ୍କୁ ଜ୍ୟୋତ୍ସ୍ନା ଟଙ୍କା ଫେରାଇବାକୁ କହି ଦିନ ଗଡ଼ାଉଥିଲେ। ତେବେ ଜ୍ୟୋତ୍ସ୍ନାଙ୍କୁ ନ ପାଇ ଠକେଇର ଶିକାର ପୀଡ଼ିତମାନେ ବିଦ୍ୟାଧରଙ୍କୁ ଅପହରଣ କରିନେଇଥିଲେ। ସେମାନେ ତାଙ୍କୁ ଯାଜପୁର ନେଇଯାଇ ଏକ ଘରେ ବନ୍ଦୀ କରି ରଖିଥିଲେ। ପରେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ ମଧ୍ୟ ଅପହର୍ତ୍ତାମାନେ କଲ୍ କରି ୨.୪୦ କୋଟି ଟଙ୍କା ମାଗିଥିଲେ। ସେହି ସମୟରେ କନ୍‌ସଲଟାନ୍ସି ସଂସ୍ଥାର ମାଲିକାଣୀ ଜ୍ୟୋତ୍ସ୍ନାଙ୍କୁ ବିଦ୍ୟାଧର କଲ୍ କରି ସବୁ କଥା କହିଥିଲେ। ହେଲେ ଜ୍ୟୋତ୍ସ୍ନା ତାଙ୍କ କଥାକୁ ଏଡାଇ ଦେଇଥିଲେ। ଫଳରେ ବିଦ୍ୟାଧର ଉପାୟଶୂନ୍ୟ ହୋଇ ଉକ୍ତ ଘରେ ଫ୍ୟାନରେ ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ଏହାପରେ ଅଭିଯୁକ୍ତମାନେ ଗିରଫଦାରି ଭୟରେ ବିଦ୍ୟାଧରଙ୍କୁ ତାଙ୍କ କାର୍‌ରେ ଭୁବନେଶ୍ୱର ଆଣି ଚନ୍ଦକାରେ ଫିଙ୍ଗି ଦେଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

## 'ସ୍ୱାମୀଙ୍କୁ ମୁକୁଳାଇବାକୁ ଚାହୁଁଥିଲେ ସେ ମାଡାମ୍‌ଙ୍କୁ ଖୋଜି ବାହାର କର'

### ଅପହର୍ତ୍ତାଙ୍କ କଲ୍ ରେକର୍ଡିଂ ଭାଇରାଲ

ଅପହର୍ତ୍ତାମାନେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ କଲ୍ କରିଥିବା ବେଳେ ରବିବାର ଏହାର ଅଡିଓ ରେକର୍ଡିଂ ଭାଇରାଲ ହୋଇଛି। ମାଡାମ୍‌ଙ୍କୁ ଖୋଜି ବାହାର କରିବାକୁ ଅଭିଯୁକ୍ତ କହୁଥିବା ଶୁଣିବାକୁ ମିଳୁଛି। ମାମିନାଙ୍କୁ କଲ୍ କରିଥିବା ଅପହର୍ତ୍ତା ଜଣକ କହିଥିଲେ, ଆମର ପଇସା ଦରକାର। ୨ କୋଟି ୪୦ ଲକ୍ଷ ଟଙ୍କା ନ ଫେରାଇଲେ ତୁମ ସ୍ୱାମୀ ମୁକୁଳିପାରିବେ ନାହିଁ। ମା' ତୋ ମୁହଁକୁ ଚାହିଁ ତୋ ସ୍ୱାମୀଙ୍କର ଆମେ କିଛି କରୁନାହୁଁ। ସ୍ୱାମୀଙ୍କୁ ମୁକୁଳାଇବାକୁ ଚାହୁଁଥିଲେ ସେ ମାଡାମଙ୍କୁ ଖୋଜି ବାହାର କର। ବିଦ୍ୟାଧର କାହିଁକି ସରକାରୀ ଅଫିସର ବନିଥିଲା। ତୋ ସ୍ୱାମୀ ବହୁତ କାମ କରିଛି, ତାହାର ପ୍ରାୟଶ୍ଚିତ ତୁ କରେ। ଅଢ଼େଇ ବର୍ଷ ହେଲା ବିଦ୍ୟାଧର ଆମ ସହ ଖେଳୁଥିଲା। ଏପଟୁ ସ୍ତ୍ରୀ ମାମିନା କହିଥିଲେ, ଆମ ପାଖରେ ଟଙ୍କା ନାହିଁ। ଯଦି ଟଙ୍କା ଥାଆନ୍ତା, ମୋ ସ୍ୱାମୀ ୫/୭ ଦିନ ହେଲା ତୁମ ପାଖରେ ନ ଥାନ୍ତା। ମାଡାମ କହିଥିଲେ ବୋଲି ସେ କରିଥିଲେ। ସହରରେ ମୁଁ କାହାକୁ ଚିହ୍ନିନି କି ଜାଣିନି। କେଉଁଠୁ ମାଡାମଙ୍କୁ ଖୋଜି ଆଣିବି। ଭୁବନେଶ୍ୱରରେ ସ୍ୱାମୀ ବିନା କେମିତି ଏକା ଖାଇ ପି ରହିବି ବୋଲି ମାମିନା କହି ବିଦ୍ୟାଧରଙ୍କୁ ଛାଡି ଦେବାକୁ ନେହୁରା ହୋଇଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ଗଛରେ ବାନ୍ଧି ମାଡ଼

ସୋର,୨୧।୯(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମଲ୍ଲିତୁଆ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କୁ ଗଛରେ ବାନ୍ଧି ନିଘୁଞ୍ଚ ମାଡ଼ ମାରିଛନ୍ତି। ସୋର ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲେଶ୍ୱର ମେଡିକାଲ ପଠାଇଛି।

ସୂଚନା ଅନୁଯାୟୀ, ମଲ୍ଲିତୁଆ ଗ୍ରାମର ଚଇତା ସିଂ ଶନିବାର ଘରେ ପୂଜା କରୁଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବିରୋଧ କରିବା ସହିତ ସେ ଗୁଣିଗାରେଡ଼ି କରି ଗାଁର ଅନେକ ଲୋକଙ୍କୁ ଅସୁସ୍ଥ କରି ମାରୁଥିବା ଅଭିଯୋଗ ଆଣି ତାଙ୍କୁ ଏକ ଗଛରେ ବାନ୍ଧି ମାଡ଼ ମାରିଥିଲେ। ଏହାକୁ ଚଇତାଙ୍କ ସ୍ତ୍ରୀ ମୁନି ଓ ଭାଉଜ ଟୁନି ସିଂ ବିରୋଧ କରିବାରୁ ଲୋକେ ସେମାନଙ୍କୁ ମଧ୍ୟ ମାଡ଼ ମାରିବା ସହ ଶନିବାର ମଧ୍ୟାହ୍ନରୁ ରବିବାର ସକାଳ ପର୍ଯ୍ୟନ୍ତ ଅଟକ ରଖିଥିଲେ। ଏ ବାବଦରେ ଚଇତାଙ୍କ ଭଣଜା ଜାଣିବା ପରେ ରବିବାର ସକାଳେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗାଁକୁ ଯାଇଥିବା ବେଳେ ସ୍ଥାନୀୟ ଲୋକେ ରାସ୍ତାରେ କାଠଗଣ୍ଡି ପକାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳକୁ ଛାଡ଼ି ନ ଥିଲେ। ପରେ ପୋଲିସ ଲୋକଙ୍କୁ ବୁଝାସୁଝା କରି ଚଇତା ଓ ତାଙ୍କ ପରିବାର ଲୋକଙ୍କୁ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ଆଇଆଇସି ସୁଦୀପ୍ତ କୁମାର ସାହୁଙ୍କୁ ପଚାରିବାରୁ ଚଇତାଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ମେଡିକାଲ ପଠାଯାଇଛି। ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କଲେ ମାମଲା ରୁଜୁ ହେବ ବୋଲି ସେ କହିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



କଲ୍ୟାଣୀ ସାହୁ
ଜନ୍ମ ତାରିଖ- ୨୨।୦୯।୨୦୦୨
ସ୍ୱାମୀ- ବ୍ରହ୍ମାନନ୍ଦ
ସହୀଦ ନଗର, ଭୁବନେଶ୍ୱର
ଭଗବାନ ଆପଣଙ୍କ ମଙ୍ଗଳ କରନ୍ତୁ ଏବଂ ଆପଣଙ୍କ ଜୀବନରେ ସବୁ ଖୁସି ମିଳୁ, ଏହା ମୋର ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି।
ଧ-୨୦୬୯


# ସ୍ୱାମୀ ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ବେତନଟୀ,୨୧।୯(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ପୁରିନ୍ଦା ପଞ୍ଚାୟତର ସଂସା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସତ୍ୟଭାମା ମହାନ୍ତ। ଏନେଇ ପୋଲିସ ଏକ ମାମଲା(ନଂ.୩୩୧/୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଗଣେଶ ମହାନ୍ତଙ୍କୁ ଗିରଫ କରିଛି। ପାରିବାରିକ କଳହରୁ ଉତ୍‌କ୍ଷିପ୍ତ ହୋଇ ସତ୍ୟଭାମା ଖଟିଆରେ ଶୋଇଥିବା ବେଳେ ଗଣେଶ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ମହିଳାଙ୍କ ଝିଅ ପାଖ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ଗଣେଶ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ଗ୍ରାମବାସୀଙ୍କଠାରୁ ଖବରପାଇ ବେତନଟୀ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ମହିଳାଙ୍କ ବେକ କାଟିଲେ ଦୁର୍ବୃତ୍ତ

ବାରିପଦା/ଉଦଳା,୨୧।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବଡ଼ଖମଣ ଗ୍ରାମରେ ରବିବାର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଶୌଚ ହେବାକୁ ଯାଇଥିବା ତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ପରିବାର ଲୋକେ ଗୁରୁତର ଅବସ୍ଥାରେ ଏକ ଲଟାବୁଦା ମୂଳରୁ ମହିଳାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମହିଳା ଜଣକ ହେଲେ ନମିତା ନାଏକ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ବାରିପଦା ସ୍ଥିତ ପିଆରଏମ୍ ମେଡ଼ିକାଲକୁ ଯାଇ ବୟାନ ସଂଗ୍ରହ କରିଛି।

ସୂଚନାଯୋଗ୍ୟ, ରବିବାର ମଧ୍ୟାହ୍ନରେ ନମିତା ଶୌଚ ହେବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ସେଠାରେ କେହି ଦୁର୍ବୃତ୍ତ ନମିତାଙ୍କ ମୁଣ୍ଡ ଓ ବେକକୁ କାଟି ଦେଇ ଫେରାର ହୋଇଯାଇଥିଲା। ପରିବାର ଲୋକେ ଖୋଜିବାକୁ ଯାଇ ତାଙ୍କୁ ଏଭଳି ଅବସ୍ଥାରେ ଦେଖି ଉଦ୍ଧାର କରିବା ସହ ପ୍ରଥମେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ନମିତାଙ୍କ ସ୍ୱାମୀ ବାପି ମଢ଼େଇ ବାହାର ରାଜ୍ୟରେ କାମ କରିବାକୁ ଯାଇଥିବା ବେଳେ ୩ ମାସ ପୂର୍ବରୁ ସେମାନଙ୍କ ବିବାହ ହୋଇଛି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ୨ ଛାତ୍ରୀଙ୍କୁ ନିଶା ସ୍ପ୍ରେ କରି ଅପହରଣ, ଅପହର୍ତ୍ତା ୨ ଯୁବକ ଗିରଫ

ମହାକାଳପଡ଼ା,୨୧।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ଶୁକ୍ରବାର ୨ ଛାତ୍ରୀଙ୍କୁ ସ୍କୁଲ ଯିବା ବାଟରେ ନିଶା ଦ୍ରବ୍ୟ ସ୍ପ୍ରେ କରି ଉକ୍ତ ଅଞ୍ଚଳର ୨ ଯୁବକ ଏକ କାର୍ ଯୋଗେ ଉଠାଇ ନେଇ ଅପହରଣ କରିଥିଲେ। ପରେ ଦିନ ୧ ଟାରେ ୨ ଛାତ୍ରୀଙ୍କୁ ଉକ୍ତ ଅଞ୍ଚଳର ହନୁମାନ ମନ୍ଦିର ନିକଟରେ ୨ ଯୁବକ ଛାଡ଼ି ଦେଇ ଫେରାର ହୋଇ ଯାଇଥିଲେ। ଚେତା ଫେରିବା ପରେ ୨ ଛାତ୍ରୀ ଘରକୁ ଫେରି ସବୁ ଘଟଣା ପରିବାର ନିକଟରେ ପ୍ରକାଶ କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣାକୁ ହୋଇଥିବାରୁ କେତେଜଣ ଭଦ୍ର ଲୋକଙ୍କ ମାଧ୍ୟମରେ ଆପୋସ ବୁଝାମଣା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘଣ୍ଟା ଚକଟା ଚାଲିଥିଲା। କିଛି ବୁଝାମଣା ନ ହେବାରୁ ଛାତ୍ରୀଙ୍କ ପରିବାର ଉକ୍ତ ବିଳମ୍ବିତ ରାତିରେ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ।

ଅଭିଯୋଗକୁ ଭିତ୍ତିକରି ପୋଲିସ ୨ ଯୁବକଙ୍କୁ ରାମନଗର ଅଞ୍ଚଳରୁ ଶନିବାର ଉଠାଇ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ରବିବାର ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅପରପକ୍ଷରେ ଶନିବାର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ପରେ ମହାକାଳପଡ଼ା ଥାନାର ମହିଳା ଅଧିକାରୀ ୧୮୦ ଭାରତୀୟ ନ୍ୟାୟ ସଂହିତା ଧାରା ଅନୁସାରେ ବୟାନ ରେକର୍ଡ କରିଛନ୍ତି। ରବିବାର ଛାତ୍ରୀଙ୍କଠାରୁ କେନ୍ଦ୍ରାପଡ଼ା ପୋକ୍‌ସୋ ଅଦାଲତରେ ୧୮୩ ଭାରତୀୟ ନ୍ୟାୟ ସଂହିତା ଧାରା ଅନୁସାରେ ବୟାନ ରେକର୍ଡ କରାଯାଇଛି ବୋଲି ଆଇଆଇସି ସୌମ୍ୟ ରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି। ୨ ଯୁବକ ଛାତ୍ରୀ ଦ୍ୱୟଙ୍କୁ କାହିଁକି ଅପହରଣ କରି ପରେ ଛାଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ପୋଲିସ ନଂ. ୧୯୭/୨୫ରେ ମାମଲା ରୁଜୁ ହୋଇଛି। ଶିଶୁ ଯୌନ ଉତ୍ପୀଡନ ନିରୋଧ ଆଇନ-୨୦୧୩ ଅନୁଯାୟୀ, ଧାରା ୧୨ ପଞ୍ଜୀକୃତ ହୋଇଛି। ଧାରା ୭୪, ୧୧୫(୨) ୩୫୧(୨) ୩୫୧(୪) ୩ କ୍ଲଜ ( ୫ )


ଅପହରଣ ଅଭିଯୋଗରେ ୨ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଉଛି।

### ପୋକ୍‌ସୋ କୋର୍ଟ ଚାଲାଣ

ଓ ବେଆଇନ ଭାବେ ନିଶା ଦ୍ରବ୍ୟ (ସ୍ପ୍ରେ)ପ୍ରୟୋଗ ଆଇନ ୧୨୩ ଧାରାରେ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି ଓ ଆଇନ ଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ରାମନଗର ଅଞ୍ଚଳର ଅପହର୍ତ୍ତା ଯୁବକ ଦ୍ୱୟ ହେଉଛନ୍ତି ତରୁଣ କୁମାର ଦେହୁରୀ (୨୭) ଓ ଇନ୍ଦ୍ରଜିତ ପାଲ (୨୮) ଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରବିବାର କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି। ଜବତ ହୋଇଥିବା କାର୍ ନମ୍ବର ଓଆର ୦୫ଏମ୍ ୬୨୧୯ ବୋଲି ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ସଂକଳ୍ପ ପୂରଣ କରିବେ...

ଧୂମପାନ, ଗଞ୍ଜେଇ ଏବଂ ବିଭିନ୍ନ ଡ୍ରଗ୍ସ ପରି ବିଭିନ୍ନ ମାଦକଦ୍ରବ୍ୟର ପ୍ରଭାବ ଭୟଙ୍କର ଭାବରେ ବଢୁଛି। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନଷ୍ଟ କରେ ତା' ନୁହେଁ, ନିଶା ନିଜ ସହିତ ନିଜ ପରିବାର ଓ ସମାଜକୁ ଛାରଖାର କରିଦିଏ।

ଉକ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମେ' ଫେୟାର ଛକଠାରେ ଥିବା ଏକ ଚା' ଦୋକାନରେ ଚା' ପିଇବା ସହିତ ସେଠାରେ ଥିବା ଜନସାଧାରଣଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଣେ ବୁଢ଼ୀ ମାଆଟିର ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ। ପାଖରେ ଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ଭଲ ପାଠ ପଢ଼ିବା ଏବଂ ଯୁବବର୍ଗଙ୍କୁ ନିଶା ସେବନର ଅପକାରିତା ବିଷୟରେ ବୁଝାଇଥିଲେ।

କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ୩୦ ସୁଦ୍ଧା ଏସ୍‌ଆଇଆର୍...

ତାଲିକା ଥିବାବେଳେ ଉତ୍ତରାଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀ ୨୦୦୬ର ଇଲେକ୍ଟୋରାଲ ରୋଲ୍‌କୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି। ବିହାରରେ ୨୦୦୩ର ଭୋଟର ତାଲିକାକୁ ଇସି ଏସ୍‌ଆଇଆର୍ ପାଇଁ ଯେପରି ବ୍ୟବହାର କରୁଛନ୍ତି, ସେହିପରି ଅନ୍ୟ ରାଜ୍ୟଗୁଡ଼ିକ ଲାଗି ଗତ ଏସ୍‌ଆଇଆର୍ କଟ୍‌ଅଫ୍ ଡେଟ୍ ଭାବେ କାର୍ଯ୍ୟ କରିବ। ଅଧିକାଂଶ ରାଜ୍ୟରେ ଶେଷ ଏସ୍‌ଆଇଆର୍ ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିଲା। ସେହି ରାଜ୍ୟଗୁଡ଼ିକ ବର୍ତ୍ତମାନର ଭୋଟରଙ୍କୁ ଚିହ୍ନଟ ପ୍ରକ୍ରିୟା ପ୍ରାୟତଃ ଶେଷ କରିଦେଲେଣି। ବିହାର ପରେ ସାରା ଦେଶରେ ଏସ୍‌ଆଇଆର୍ କରାଯିବ ବୋଲି ଇସି କହିଛନ୍ତି। ୨୦୨୬ରେ ଆସାମ, କେରଳ, ପଣ୍ଡିଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

ବାଂଲାଦେଶ ଓ ମ୍ୟାନ୍‌ମାର ସମେତ ଅନ୍ୟ ଦେଶଗୁଡ଼ିକରୁ ଆସି ଭାରତରେ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ଭୋଟର ତାଲିକାରୁ ହଟାଇବା ଏବଂ ରାଜ୍ୟଗୁଡ଼ିକର ନୂତନ ମତଦାତାଙ୍କୁ ଏଥିରେ ସାମିଲ କରିବା ଏସ୍‌ଆଇଆର୍‌ର ମୂଳ ଉଦ୍ଦେଶ୍ୟ ବୋଲି ଇସି କହିଛନ୍ତି।

### ରୋଗ ଯନ୍ତ୍ରଣା ଅସହ୍ୟ...

ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଦିଲୀପ କିଛିଦିନ ହେଲା ପେଟରୋଗରେ ପୀଡ଼ିତ। ରବିବାର ତାଙ୍କୁ ମେଡିକାଲରେ ଭର୍ତ୍ତି କରିବାର ଥିଲା। କିନ୍ତୁ ସକାଳ ୭ଟା ବେଳେ ପୂର୍ବରୁ ରଖିଥିବା ବହୁ ମେଡିସିନ ଖାଇବା ସହ ସେ ଘର ପାଖ ଏକ ଗଡ଼ିଆ ନିକଟରେ ନିଜ ଦେହରେ ଡିଜେଲ ଢାଳି ନିଆଁ ଲଗାଇ ଦେଇଥିଲେ। ପୁଅ ଜଳୁଥିବାର ଦେଖି ତାଙ୍କ ମା' ନିଆଁ ଲିଭାଇବା ପାଇଁ ଦିଲୀପଙ୍କୁ ଗଡ଼ିଆକୁ ଠେଲି ଦେଇଥିଲେ। ଗଡ଼ିଆ ପାଣିରେ ପଡ଼ିଯିବା ପରେ ନିଆଁ ଲିଭିଯାଇଥିଲା। କିନ୍ତୁ ତାଙ୍କ ବେକଠାରୁ ଅଣ୍ଟା ପର୍ଯ୍ୟନ୍ତ ପୋଡ଼ିଯାଇଛି। ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବାରୁ ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ରକ୍ଷା ପାଇଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସରପଞ୍ଚ ନିରୋଦ ରାଉତ କହିଛନ୍ତି। ଦିଲୀପ ଚାନ୍ଦବାଲିରେ ଏକ ମୋଟର ଗ୍ୟାରେଜ୍‌ରେ ମେକାନିକ୍ ଭାବେ କାମ କରନ୍ତି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

CDA and RERA approved plot near Trisulia, CISF Campus, Black Loan facilities, Bank top road, Water supply, Electricity, Drainage. Contact- 7008513309. D-2062

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613. D-1985




The massage felt totally professional & comfortable at all times-7978109255. D-76495

Newly open health benefits spa by experts therapist con 8658088274. D-1866

AFFIDAVIT

ଆମ୍ଭେ ଅଶୋକ କୁମାର ପରିଡ଼ା, ପିତା- କୃଷ୍ଣଚନ୍ଦ୍ର ପରିଡ଼ା, ସା- ଅରିଓଦା, ପୋ- ନାଉଗାଁ, ଥାନା- ନାଉଗାଁ ହାଟ, ଜିଲ୍ଲା- ଜଗତସିଂହପୁର ସତ୍ୟପାଠ ଜରିଆରେ ଆମ୍ଭର ସଂଜ୍ଞା ସାହୁ ରୁ ପୈତୃକ ସଂଜ୍ଞା ପରିଡ଼ା କୁ ପରିବର୍ତ୍ତନ କରିଛି। ଏବେ ଆମ୍ଭେ ଅଶୋକ କୁମାର ସାହୁ ପରିବର୍ତ୍ତେ ଅଶୋକ କୁମାର ପରିଡ଼ା ରୂପେ ସମସ୍ତ ସରକାରୀ ଓ ବେସରକାରୀ ନଥିପତ୍ର ଏବଂ ବ୍ୟାଙ୍କ, ଜୀବନ ବୀମା ଆଦି ସମସ୍ତ ଅର୍ଥନୈତିକ ନିର୍ବାହ ପାଇଁ ଅଶୋକ କୁମାର ପରିଡ଼ା ରୂପେ ପରିଚିତ ହେବୁ। ଧ- ୨୦୬୬

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


By virtue of an affidavit sworn before Executive Magistrate, Bhubaneswar, dated- 08.07.2025 I, Renuka Kanhar, residing at Dedigunda, P.O.- Keredi, P.S.- Bisipada, Dist.- Kandhamal, PIN-762029 declare that I have changed my minor son's name from Dipun Kanhar (old name) to Pratyush Kanhar (new name). Henceforth he shall be known as Pratyush Kanhar for all purposes. D- 2064

I, Pratima Behera (31), W/o- Joginath Pradhan, Vill- Singadapalli, P.O.- Panditgaon, P.S.- Khallikote, Ganjam declared by this affidavit No.- A-3/10.05.2000 sworn before the Notary Khallikote that I want to change my surname Behera to Pradhan after marrige to Joginath Pradhan. Henceforth I shall be known as Pratima Pradhan all future purpose. D-2065



## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୭୬୮୫୫

### ୫ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶାରଦା ପ୍ରସାଦ ସେନ୍
ଏ/୭, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୩୯
ତିରୋଧାନ: ୧୭।୦୯।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୦୬୮

# ଭାରତୀୟ ବୋଲର ପ୍ରଭାବୀ

**ଏସିଆ କପ୍ ସୁପର-୪**

**ଦୁବାଇ, ୨୧।୯**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ସୁପର-୪ ମ୍ୟାଚ ଅନୁଷ୍ଠିତ ହୋଇଛି। ପାୱାରପ୍ଲେରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ଫିକା ରହିଥିଲେ ହେଁ ପରେ ପ୍ରଭାବୀ ବୋଲିଂ କରି ପାକିସ୍ତାନ ରନ ହାରରେ ଅଙ୍କୁଶ ଲଗାଇଛନ୍ତି। ଫଳରେ ପାକିସ୍ତାନ ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ କରିଛି। ଲିଗ୍ ପର୍ଯ୍ୟାୟରେ ଭାରତ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଥିଲା।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଭାରତ। ପୂର୍ବ ମ୍ୟାଚ ଭଳି ଏଥର ମଧ୍ୟ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ ଅଧିନାୟକ ସଲମାନ ଆଘାଙ୍କ ସହ କରମର୍ଦ୍ଦନ କରି ନ ଥିଲେ। ପାକିସ୍ତାନ ପକ୍ଷରୁ ଶାଇବଜାଦା ଫରହାନ ଓ ଫଖର ଜମନ ଇନିଂସ ଓପନ କରିଥିଲେ। ଜମନ ୯ ବଲ୍‌ରୁ ୧୫ ରନ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ଉଇକେଟ କିପର ସଞ୍ଜୁ ସାମସନଙ୍କୁ ଏକ ଲୋ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଥିରେ ଜମନ ସନ୍ତୁଷ୍ଟ ନ ଥିଲେ ହେଁ ରିପ୍ଲେରେ ସାମସନଙ୍କ ଗ୍ଲୋଭ୍ସ ଗ୍ରାଉଣ୍ଡ ଉପରେ ରହିଥିବା ସ୍ପଷ୍ଟ ହୋଇଥିଲା। ଫରହାନ ଏବଂ ୩ ନମ୍ବର ବ୍ୟାଟର ସଇମ ଆୟୁବ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଅନ୍ୟପକ୍ଷରେ ପାୱାରପ୍ଲେରେ ଭାରତୀୟ ବୋଲିଂ ଏବଂ ଫିଲ୍ଡିଂ ଫିକା ରହିଥିଲା। ଶାହିବଜାଦା ଖାତା ଖୋଲି ନ ଥିବାବେଳେ ହାର୍ଦ୍ଦିକଙ୍କ ବଲ୍‌ରେ ଅଭିଷେକ ତାଙ୍କ କ୍ୟାଚ ଡ୍ରପ୍ କରିଥିଲେ। ସେହିପରି ଆୟୁବ ୪ ରନ କରିଥିବାବେଳେ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂରେ ତାଙ୍କର ଏକ କ୍ୟାଚକୁ କୁଲଦୀପ ଯାଦବ ହାତଛଡ଼ା କରିଥିଲେ। ଏହାର ସୁଯୋଗ ନେଇ ପାକିସ୍ତାନ ପାୱାରପ୍ଲେରେ ୧ ଉଇକେଟ ହରାଇ ୫୫ ରନ ସଂଗ୍ରହ କରି ନେଇଥିଲା। ଭାରତ ବିପକ୍ଷ ୧୫ଟି ଟି୨୦ ଅନ୍ତର୍ଜାତୀୟରେ ପାକିସ୍ତାନର ଏହା ସର୍ବାଧିକ ପାୱାରପ୍ଲେ ସ୍କୋର। ଯଶପ୍ରୀତ୍ ବୁମ୍ରା ନିଜ ପ୍ରଥମ ୩ ଓଭରରେ ୩୪ ରନ ବ୍ୟୟ କରିଥିଲେ। ପାୱାରପ୍ଲେରେ ଏହା ବୁମ୍ରାଙ୍କର ସବୁଠାରୁ ମହଙ୍ଗା ସ୍ପେଲ୍। ଦ୍ୱିତୀୟ ଉଇକେଟରେ ୪୯ ବଲ୍‌ରୁ ୭୨ ରନର ଭାଗୀଦାରି ପରେ ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ ଶିବମ ଦୁବେ। ସେ ନିଜ ପ୍ରଥମ ଓଭରର ୩ୟ ବଲ୍‌ରେ ସଇମ ଆୟୁବଙ୍କୁ ଅଭିଷେକ ଶର୍ମାଙ୍କ ହାତରେ କ୍ୟାଚ କରାଇ ଯୋଡ଼ି ଭାଙ୍ଗିଥିଲେ। ଆୟୁବ ୧୭ ବଲ୍‌ରୁ ୨୧ ରନ କରିଥିଲେ। ଏହାପରେ ମ୍ୟାଚର ମୋଡ଼ ବୁଲିଥିଲା। ୧୪ତମ ଓଭରର ପ୍ରଥମ ବଲ୍‌ରେ ହୁସେନ ତଲତଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ କୁଲଦୀପ ଯାଦ। ତଲତ ୧୧ ବଲ୍‌ରୁ ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ଅର୍ଦ୍ଧଶତକ ହାସଲକାରୀ ଶାହିବଜାଦା ଫରହାନ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୪୫ ବଲ୍‌ରୁ ୫୮ (୫ ଚୌକା, ୩ ଛକା) ରନ କରିଥିବାବେଳେ ଶିବମ୍ ଦୁବେଙ୍କ ବଲ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ ଦେଇଥିଲେ। ଶେଷ ଭାଗରେ ମହମ୍ମଦ ନୱାଜ ୨୧, ଅଧିନାୟକ ସଲମାନ ଆଘା ୧୭* ଓ ଫହିମ ଅଶ୍ରଫ ୮ ବଲ୍‌ରୁ ୨୦* ରନ କରିବାରୁ ପାକିସ୍ତାନ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଭାରତ ପକ୍ଷରୁ ଶିବମ୍ ଦୁବେ ୨ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବା ପରେ ଶିବମ ଦୁବେଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୭୧/୫ (ଶାହିବଜାଦା ଫରହାନ-୫୮, ସାଇମ ଆୟୁବ-୨୧, ମହମ୍ମଦ ନୱାଜ-୨୧, ଶିବମ୍ ଦୁବେ-୨/୩୩, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୯, କୁଲଦୀପ ଯାଦବ-୧/୩୧)।

**୧୯ ବର୍ଷରୁ କମ୍ କ୍ରିକେଟ**

## ଅଷ୍ଟ୍ରେଲିଆକୁ ୭ ଉଇକେଟରେ ହରାଇଲା ଭାରତ

**ବ୍ରିସ୍‌ବେନ୍, ୨୧।୯ (ପି.ଟି.):** ଉଇକେଟକିପର ଅଭିଜ୍ଞ କୁଣ୍ଡୁ ଓ ବେଦାନ୍ତ ତ୍ରିବେଦୀ ଅପରାଜିତ ଅର୍ଦ୍ଧଶତକ ଏବଂ ୧୪ ବର୍ଷୀୟ ବିସ୍ମୟ ବାଳକ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କ ଆକର୍ଷଣୀୟ ୩୮ ରନ (୨୨ବଲ, ୭ ଚୌକା) ସହାୟତାରେ ଭାରତର ୧୯ବର୍ଷରୁ କମ୍ ପୁରୁଷ ଦଳ ୧୯ବର୍ଷରୁ କମ୍ ଅଷ୍ଟ୍ରେଲିଆ ଦଳକୁ ୭ଉଇକେଟରେ ହରାଇ ଦେଇଛି। ଇଆନ ହିଲି ଓଭାଲଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ନ ପାରି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ମାତ୍ର ୨୨୫ ରନ କରିଥିଲା। ଭାରତ ୧୧୭ ବଲ୍ ବାକିଥାଇ ମ୍ୟାଚ ଜିତି ନେଇଥିଲା। କୁଣ୍ଡୁ ଓ ତ୍ରିବେଦୀ ଯଥାକ୍ରମେ ୮୭ ଓ ୬୧ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ : ୫୦ ଓଭରରେ ୨୨୫/୯ ( ଜନ୍ ଜେମ୍ସ-୭୭, ଟମ୍ ହୋଗାନ-୪୧ ; ହେନିଲ ପଟେଲ-୩/୩୮, କନିଷ୍କ ଚୌଧହାନ-୨/୩୯)। ୧୯ ବର୍ଷରୁ କମ୍ ଭାରତ: ୨୨୭/୩ (ଅଭିଜ୍ଞ କୁଣ୍ଡୁ-୮୭* ବେଦାନ୍ତ ତ୍ରିବେଦୀ-୬୧* ; ଚାର୍ଲ୍ସ ଲାଚ୍‌ମଣ୍ଡ-୨/୪୬)।

## ପ୍ରମୋଦଙ୍କ ସ୍ୱର୍ଣ୍ଣିମ ପ୍ରତ୍ୟାବର୍ତ୍ତନ

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ)**

ଭାରତ ଏବଂ ଓଡ଼ିଶାର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ କୋର୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘ ୧୮ ମାସର ଅନୁପସ୍ଥିତି ପରେ ସେ ଚାଇନା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନର ଏସ୍‌ଏଲ୍‌୩ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇଣ୍ଡୋନେସିଆର ମୁହ ଅଲ୍ ଇମରାନଙ୍କ ବିପକ୍ଷ ଫାଇନାଲରେ ସେ ପ୍ରଥମ ସେଟ୍‌ରେ ୧୫-୨୧ରେ ପରାଜିତ ହୋଇଥିଲେ ହେଁ ନାଟକୀୟ ଭାବେ ପରବର୍ତ୍ତୀ ୨ ସେଟ୍‌କୁ ୨୧-୧୯ ଓ ୨୧-୧୬ରେ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। 'ଥ୍ରୀ ହୋୟାରଏବାଉଟ୍ ଫେଲ୍ୟୁର୍ସ' ଯୋଗୁ ପ୍ରମୋଦ ବାସନ୍ଦ ହୋଇଥିବାରୁ ପ୍ୟାରିସ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିପାରି ନ ଥିଲେ। ଏବେ ସ୍ୱର୍ଣ୍ଣିମ ପ୍ରତ୍ୟାବର୍ତ୍ତନ ତାଙ୍କୁ ଅତ୍ୟନ୍ତ ଭାବପ୍ରବଣ କରିଛି। କେବଳ ସ୍ୱର୍ଣ୍ଣ ନୁହେଁ, ସେ ଡବଲ୍ସରେ ମଧ୍ୟ ରୌପ୍ୟ ପଦକ ହାସଲ କରିଛନ୍ତି। ସୁକାନ୍ତ କଦମ ଏବଂ ପ୍ରମୋଦଙ୍କ ଯୋଡ଼ି ଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ନବୀନ ଶିବକୁମାର ଓ ଜଗଦୀଶ ଦିଲିଙ୍କଠାରୁ ୧୮-୨୧, ୨୨-୨୦, ୧୮-୨୧ରେ ହାରି ଯାଇଛନ୍ତି। ସ୍ୱର୍ଣ୍ଣ ଓ ରୌପ୍ୟ ବିଜୟ ପାଇଁ ପ୍ରମୋଦଙ୍କୁ କୋଚ୍ ଶିବ ପ୍ରସାଦ ଦାସ, ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସହ ପ୍ରମୋଦ ଭଗତ।

**ଏହି ସ୍ୱର୍ଣ୍ଣ ମୋ ପାଇଁ ସ୍ୱତନ୍ତ୍ର**

"ଏହି ସ୍ୱର୍ଣ୍ଣ ପଦକ ମୋ ପାଇଁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଦୀର୍ଘ ୧୮ ମାସର ଅନୁପସ୍ଥିତି ପରେ ନିଜକୁ ପ୍ରମାଣିତ କରିବା ସହଜ ନ ଥିଲା। ତେଣୁ ଏହା ଭିନ୍ନ ଅନୁଭବ ଆଣିଛି। ଏଥିପାଇଁ ମୋ କୋଚ୍, ସମର୍ଥକ ଏବଂ ମୋ ଉପରେ ବିଶ୍ୱାସ ରଖିଥିବା ସମସ୍ତ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଉଛି। ପ୍ରତ୍ୟାବର୍ତ୍ତନରେ ଏହା ମୋ ପାଇଁ କେବଳ ଏକ ଆରମ୍ଭ ମାତ୍ର" ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି।

## ଭର୍ଷ୍ଟାପେନ୍ ଜିତିଲେ ଆଜରବୈଜାନ ଗ୍ରାଁ ପ୍ରି



**ବାକୁ (ଆଜରବୈଜାନ), ୨୧।୯ (ଏପି)**

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଆଜରବୈଜାନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଥିବା ବେଳେ ପ୍ରଥମ ଲାପ୍‌ରେ ଚାମ୍ପିୟନଶିପ୍ ଲିଡର ଓସ୍କାର ପିଆଷ୍ଟ୍ରିଙ୍କ ଦୁର୍ଘଟଣା ଯୋଗୁ ଲାଣ୍ଡୋ ନୋରିସ ତାଙ୍କ ପଏଣ୍ଟ ବ୍ୟବଧାନକୁ ହ୍ରାସ କରିବାରେ ସମର୍ଥ ହୋଇଛନ୍ତି। ଶନିବାର ସଂଘର୍ଷପୂର୍ଣ୍ଣ କ୍ୱାଲିଫାଇଙ୍ଗ ସେସନରେ ପୋଲ୍ ପୋଜିଶନ ହାସଲ କରି ଭର୍ଷ୍ଟାପେନ୍ ରବିବାର ରେସ୍‌ରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥିଲେ। ମର୍ସିଡିଜର ଜର୍ଜ ରସେଲ ଦ୍ୱିତୀୟ ହୋଇଥିବା ବେଳେ ୱିଲିୟମ୍ସର କାର୍ଲୋସ ସେଞ୍ଜ ଜୁନିୟର ୪ବର୍ଷରେ ପ୍ରଥମ ଥର ପୋଡିୟମ ଫିନିଶ କରିବାରେ ସମର୍ଥ ହୋଇଛନ୍ତି। ପିଆଷ୍ଟ୍ରିଙ୍କ ତ୍ରୁଟିରୁ ନୋରିସ ସମ୍ପୂର୍ଣ୍ଣ ଫାଇଦା ଉଠାଇ ପାରି ନ ଥିଲେ। ସେ କେବଳ ଫର୍ମୁଲା-୧ ଟାଇଟଲ ଲଢେଇରେ ଅଷ୍ଟ୍ରେଲୀୟ ଡ୍ରାଇଭରଙ୍କ ଅଗ୍ରଣୀ ବ୍ୟବଧାନ ୨୫କୁ ହ୍ରାସ କରିପାରିଛନ୍ତି। ଚଳିତ ସିଜନର ଆଉ ୭ଟି ରେସ୍ ବାକି ରହିଛି। ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ କିମି ଆଣ୍ଟୋନେଲି (ମର୍ସିଡିଜ୍), ଲିଆମ ଲସନ (ଆର୍‌ବି), ୟୁକି ଟ୍ସୁନୋଡା (ରେଡ୍‌ବୁଲ୍), ଲାଣ୍ଡୋ ନୋରିସ (ମ୍ୟାକଲରେନ), ଲୁଇସ୍ ହାମିଲଟନ(ଫେରାରି), ଚାର୍ଲ୍ସ ଲେକ୍‌ଲେରେକ୍ (ଫେରାରି) ଓ ଇସାକ୍ ହାଜାର (ଆର୍‌ବି)।

## ରାଜ୍ୟ ଓପନ ଚେସ୍: ଜ୍ଞାନରଞ୍ଜନ ଚାମ୍ପିୟନ




କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ବଡ଼ଗଡ଼ସ୍ଥିତ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ଓପନ ଚେସ୍‌ରେ ଜ୍ଞାନ ରଞ୍ଜନ ସେଠୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଜ୍ଞାନ ଓ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ୪.୫ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ଆଦିତ୍ୟ ରଞ୍ଜନ ଦାସ, ସତ୍ୟଜିତ ପଟ୍ଟନାୟକ, ସଞ୍ଜୀବନ ନାୟକ, ହର ପ୍ରସାଦ ଚାଟାର୍ଜୀ, ଦେବାଶିଷ ଦାସ ଓ ସୁଜିତ କୁମାର ଚମ୍ପତି ପରିବର୍ତ୍ତୀ ୬ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏକ୍ସଆଇଏମ୍ ୟୁନିଭର୍ସିଟି ପ୍ରଫେସର ଶୁଭ୍ର ପଟ୍ଟନାୟକ, ପାରାଦୀପ ପୋର୍ଟ ଟ୍ରଷ୍ଟର ମୁଖ୍ୟ ଇଞ୍ଜିନିୟର ସୁନୀଲ କୁମାର ପଟ୍ଟନାୟକ, ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ ବେହୁରା ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ମିଥୁନ ମାନହସ ବିସିସିଆଇ ସଭାପତି ଲାଗି ନାମାଙ୍କନ ଦାଖଲ କଲେ

**ମୁମ୍ବାଇ,୨୧।୯(ପି.ଟି.)**

ଦିଲ୍ଲୀର ପୂର୍ବତନ ଅଧିନାୟକ ମିଥୁନ ମାନହସ ରବିବାର ବିସିସିଆଇର ସଭାପତି ପଦ ଲାଗି ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଛନ୍ତି। ଗତ ମାସରେ ସଭାପତି ପଦରୁ ପୂର୍ବତନ କ୍ରିକେଟର ରୋଜର ବିନି ବିଦାୟ ନେଇଥିଲେ। ମାନହସ କ୍ରିକେଟର ଭାବେ ୧୫୭ ଫାଷ୍ଟ-କ୍ଲାସ, ୧୩୦ ଲିଷ୍ଟ ଏ ଓ ୫୫ ଆଇପିଏଲ୍ ମ୍ୟାଚ୍ ଖେଳିଥିଲେ। ନୂଆଦିଲ୍ଲୀରେ ବସିଥିବା ବୈଠକରେ ୪୫ ବର୍ଷୀୟ ମାନହସଙ୍କ ନାମକୁ ବିସିସିଆଇର ମୁଖ୍ୟ ପଦ ଲାଗି ଚୟନ କରାଯାଇଥିଲା। ଆସନ୍ତା ସପ୍ତାହରେ ହେବାକୁ ଥିବା ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ବିସିସିଆଇର ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ହେବ। ପରବର୍ତ୍ତୀ କାର୍ଯ୍ୟକାଳ ପାଇଁ ଏକ ପରିଷଦ ଗଠନ କରାଯାଉଛି। ପୂର୍ବତନ ଖେଳାଳି ମାନହସଙ୍କୁ ବିସିସିଆଇର ସଭାପତି କରିବାକୁ ନିଷ୍ପତ୍ତି ନିଆଯାଇଛି। ଅରୁଣ ଧୁମଲ ଆଇପିଏଲ୍ ଗଭର୍ନିଂ କାଉନସିଲର ଚେୟାରମ୍ୟାନ ଅଛନ୍ତି ଏବଂ ସେ ନିଜ ଦାୟିତ୍ୱ ତୁଲାଇବା ଜାରି ରଖିବେ ବୋଲି ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା କହିଛନ୍ତି। ବିସିସିଆଇର ବିଭିନ୍ନ ପଦବୀ ଲାଗି ସମ୍ପାଦକ ଦେବଜିତ ସାଇକିଆ, ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲର ଚେୟାରମ୍ୟାନ ଧୁମଲ, କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ସଭାପତି ଓ ପୂର୍ବତନ କ୍ରିକେଟର ରଘୁରାମ ଭଟ ନାମାଙ୍କନ ଦାଖଲ କରିଛନ୍ତି। କୋଷାଧ୍ୟକ୍ଷ ଥିବା ପ୍ରଭତେଜ ଭାଟିଆ ଉପସଭାପତି ଭାବେ ରୋହନ ଗୌନ୍ସ ଦେଶାଇଙ୍କ ସ୍ଥାନ ନେବେ।

## ସାତ୍ୱିକ-ଚିରାଗ ରନର ଅପ୍

**ଶେନ୍‌ଝେନ୍, ୨୧।୯ (ପି.ଟି.):** ଭାରତର ଟପ୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନରଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେମାନେ ବିଶ୍ୱର ନମ୍ବର ୱାନ କିମ୍ ଓନ୍ ହୋ ଓ ସିଓ ସେଅଙ୍ଗ୍ ଜାଇଙ୍କଠାରୁ ୧୯-୨୧, ୧୫-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୪୫ ମିନିଟରେ ଶେଷ ହୋଇଥିଲା। ସାତ୍ୱିକ-ଚିରାଗଙ୍କର ଏହା ଥିଲା କ୍ରମାଗତ ଦ୍ୱିତୀୟ ଫାଇନାଲ। ଚଳିତ ସିଜନରେ ପୂର୍ବରୁ ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କର ଦ୍ୱିତୀୟ ବ୍ରୋଞ୍ଜ ଜିତିବା ପରେ ହଂକଂ ଓପନରେ ରନରଅପ୍ ହୋଇଥିଲେ। ଅନ୍ୟପକ୍ଷରେ ୨୦୧୫ରେ କିମ୍ ଓ ସିଓଙ୍କର ଏହାଥିଲା ୯ମ ଫାଇନାଲ।

## ଇଗା ସ୍ୱିଟେକଙ୍କୁ ଟାଇଟଲ




**ସିଓଲ, ୨୧।୯ (ଏପି)**

ଇଗା ସ୍ୱିଟେକ୍ ରବିବାର କୋରିଆ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଫାଇନାଲରେ ସେ ୨ୟ ସିଡ୍ ଏକାଟରିନା ଆଲେଜାଣ୍ଡ୍ରୋଭାଙ୍କୁ ୧-୬, ୭-୬ (୩), ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ସିଓଲ ଅଲିମ୍ପିକ ପାର୍କରେ ଅନୁଷ୍ଠିତ ଏହି ମ୍ୟାଚ ପାଖାପାଖି ୩ ଘଣ୍ଟା ଧରି ଚାଲିଥିଲା। ୬ଥର ଗ୍ରାଣ୍ଡସ୍ଲାମ ବିଜେତାଙ୍କ ଚଳିତବର୍ଷ ଏହା ହେଉଛି ତୃତୀୟ ଏବଂ ଓଭରଅଲ ୨୫ତମ ଟାଇଟଲ। ପୋଲାଣ୍ଡର ଏହି ୨୪ ବର୍ଷୀୟା ଖେଳାଳି ଗତମାସରେ ସିନ୍‌ସିନାଟି ଓପନ ଜିତିଥିବା ବେଳେ ଜୁଲାଇରେ ତାଙ୍କର ପ୍ରଥମ ୱିମ୍ବଲଡନ ଟାଇଟଲ ହାସଲ କରିଥିଲେ।

## କବାଡ଼ି ମ୍ୟାଚ୍ ବେଳେ ଦୁର୍ଘଟଣା, ୩ ମୃତ

**ରାୟପୁର,୨୧।୯**

ଏକ କବାଡି ମ୍ୟାଚ୍ ଚାଲିଥିବା ବେଳେ ବିଦ୍ୟୁତ ଆଘାତରେ ୩ ଜଣ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଛତିଶଗଡ଼ର କୋଣ୍ଡାଗାଉଁ ଜିଲାର ରାବାସ୍ୱାହି ଗ୍ରାମରେ ଏଭଳି ଘଟଣା ଘଟିଛି। ଶନିବାର ରାତିରେ କବାଡ଼ି ମ୍ୟାଚ୍ ଚାଲୁଥିବା ବେଳେ ହଠାତ ଝଡ଼ କାରଣରୁ ୧୧-କେଭି ତାର ମ୍ୟାଚ୍ ଲାଗି ବନ୍ଧାଯାଇଥିବା ଟେଣ୍ଟର ଲୁହା ରଡ଼ରେ ବାଜିଥିଲା। ଫଳରେ ଅନେକଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସ୍ଥାନୀୟ ଗ୍ରାମବାସୀ ୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରେ ସତିଶ ନେତାମ ନାମକ ଜଣେ କବାଡ଼ି ଖେଳାଳି ଥିଲେ, ଯିଏକି ଦର୍ଶକଙ୍କ ମଧ୍ୟରେ ବସିଥିଲେ। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ଜେଏମ୍ ସ୍ପୋର୍ଟ୍ସର ଦିବ୍ୟାଂଶଙ୍କୁ ବ୍ରୋଞ୍ଜ

**ସିବିଏସି ନ୍ୟାଶନାଲ ଜିମ୍ନାଷ୍ଟିକ୍ସ**

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ)**

ମହାରାଷ୍ଟ୍ର ଶିରିଡ଼ିଠାରେ ସାଧଭି ପ୍ରୀତିସୁଧାଜୀ ଇଣ୍ଟରନ୍ୟାଶନାଲ ସ୍କୁଲରେ ରବିବାର ଶେଷ ହୋଇଥିବା ସିବିଏସି ନ୍ୟାଶନାଲ ଜିମ୍ନାଷ୍ଟିକ୍ ଚାମ୍ପିୟନଶିପ୍‌ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରତିଯୋଗୀ ସଫଳତା ହାସଲ କରିଛନ୍ତି। ଏକାଡେମୀରୁ ମୋଟ ୨ ଜଣ ଜିମ୍ନାଷ୍ଟ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୧ବର୍ଷରୁ କମ ବାଳକ ବର୍ଗରେ ୮ ବର୍ଷୀୟ ଦିବ୍ୟାଂଶ ପାଣିଗ୍ରାହୀ ୪ଟି ଆପାରେଟ୍ସ ଯଥା ଫ୍ଲୋର ଏକ୍ସରସାଇଜ, ଭଲ୍ଟିଂ ଟେବୁଲ୍, ପାରାଲାଲ ବାର ଓ ପୋମେଲ ହର୍ସରେ ଭାଗ ନେଇଥିବାବେଳେ ପୋମେଲ୍ ହର୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୧ ବର୍ଷରୁ କମ ବାଳକ ବର୍ଗରେ ମୋଟ ୪୫୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ଦିଭ୍ୟାନ୍ସ ନିଜ ପ୍ରତିଭା ପ୍ରଦର୍ଶନ ପୋଡିୟମ ମଣ୍ଡନ କରି ଏକାଡେମୀ ଏବଂ ଓଡ଼ିଶାକୁ ଗର୍ବିତ କରିଛନ୍ତି। ସେହିପରି ୧୧ ବର୍ଷରୁ କମ ବାଳିକା ବର୍ଗରେ ୭ ବର୍ଷୀୟା ଦିବ୍ୟାଞ୍ଜଳି ମହନ୍ତ ୪ଟି ଆପାରଟସ ଯଥା ଫ୍ଲୋର ଏକ୍ସରସାଇଜ, ଭଲ୍ଟିଂ ଟେବୁଲ୍, ଅନଇଭେନ୍ ବାର ଓ ବାଲାନ୍ସିଂ ବିମ୍‌ରେ ଭାଗ ନେଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ମୋଟ ୭୬୦ ପ୍ରତିଯୋଗୀଙ୍କ ମଧ୍ୟରେ ଦିବ୍ୟାଞ୍ଜଳି ଭଲ୍ଟିଂ ଟେବୁଲରେ ୫ମ ସ୍ଥାନ ଅଧିକାର କରି ନିଜ ପ୍ରତିଭା ଦେଖାଇଛନ୍ତି। ପ୍ରକାଶଯୋଗ୍ୟ, ଚକେଇସିଆଣିସ୍ଥିତ ଜେଏମ ସ୍ପୋର୍ଟ୍ସ ଏକାଡେମୀ ଓଡ଼ିଶାର ଏକ ମାତ୍ର ଘରୋଇ ଏକାଡେମୀ, ଯେଉଁଠାରେ ଗତ ୧୩ ବର୍ଷ ହେଲା ତୃଣମୂଳ ସ୍ତରରେ ଜିମ୍ନାଷ୍ଟିକ୍ ପ୍ରଶିକ୍ଷଣ ଦିଆଯାଇ ଆସୁଛି। ଏକାଡେମୀ ଏବଂ ରାଜ୍ୟକୁ ଗୌରବାନ୍ୱିତ କରିଥିବା ଏହି ୨ ଜଣ ଶିଶୁ ଜିମ୍ନାଷ୍ଟଙ୍କୁ ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର, ମୁଖ୍ୟ ପୃଷ୍ଠପୋଷକ ଅତିସ କୁମାର ରାଉତ, ସମସ୍ତ କର୍ମକର୍ତ୍ତାବୃନ୍ଦ ଓ ଅଭିଭାବକମାନେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ୍ ତରଫରୁ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।



ପଦକ ସହ ଦିବ୍ୟାଂଶ ପାଣିଗ୍ରାହୀ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ